


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-173 • FRIDAY • 19 DECEMBER 2025 • PAGE-12 • ₹ 6.00 | PANIKOILI | ବର୍ଷ-୪୩ • ସଂଖ୍ୟା-୧୭୩ • ଶୁକ୍ରବାର • ୧୯ ଡିସେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦

TETRAHEDRON GROUP OF INSTITUTIONS, TANGI, CUTTACK

# TETRAHEDRON GROUP OF INSTITUTIONS

## TETRAHEDRON HIGHER SECONDARY SCHOOL
## TETRAHEDRON WOMEN'S HIGHER SECONDARY SCHOOL
## TETRAHEDRON RESIDENTIAL COACHING FOR NEET, JEE & CBSE (XI)
## TETRAHEDRON KIND INTERNATIONAL SCHOOL

TANGI, CUTTACK -754022, Mob. : 8093064522, 8093064525

2025 : 126 MBBS ADMISSIONS 2024 : 71 MBBS ADMISSIONS 2023 : 54 MBBS ADMISSIONS

## OUR CHSE RESULTS - 2025

100% RESULT

**581 ABINASH PANDA** R. NO. : 312CZ142 MOB. : 8926374475

**580 ANANYA ANUPRITA** R.NO. : 321CZ001 M. : 6372522094

578 ANUNJAYA R.NO. : 312CZ044 M. : 9937820270
575 HARAPRASAD R.NO. : 312CZ052 M. : 9777635809
574 ANANYA R.NO. : 321CZ018 M. : 9178552089
574 PRIYADARSHINI R.NO. : 321CZ020 M. : 8456010982
574 RUTUPARNA R.NO. : 321CZ025 M. : 8908000397
573 ASHUTOSH R.NO. : 312CZ009 M. : 7008710810
573 SWARNA PRAVA R.NO. : 321CZ002 M. : 9348538749
572 SOUMYAK R.NO. : 312CZ015 M. : 6372996292
572 SANDEEP R.NO. : 312CZ021 M. : 9438775289
572 SAI ARPIT R.NO. : 312CZ118 M. : 8917543238
571 PRIYANKA R.NO. : 321CZ016 M. : 8328937059
570 SWAYAM R.NO. : 312CZ039 M. : 9583495922
569 ARPIT R.NO. : 312CZ011 M. : 7894911960
568 SUBHALAXMI R.NO. : 321CZ017 M. : 6371705857
568 BHAGYASHREE R.NO. : 321CZ509 M. : 9853578058
568 SWAYAMSHREE R.NO. : 321CZ510 M. : 9827872997
567 SATYAJIT R.NO. : 312CZ010 M. : 7978274905
567 SUBHASHREE SUBHASMITA R.NO. : 321CZ068 M. : 7978768887
567 ASHASRI R.NO. : 321CZ111 M. : 9237473625
567 PRAGYNA PARMITA R.NO. : 321CZ065 M. : 9937431840
566 RUMITA R.NO. : 321CZ024 M. : 9178152840
565 SUBHAM HARAPRIYA R.NO. : 312CZ033 M. : 9668325122
564 BABUL R.NO. : 312CZ093 M. : 7381834918
564 BINODINI R.NO. : 321CZ072 M. : 9438279824
564 TANUSHREE R.NO. : 321CZ082 M. : 8457958145
564 MOHIT R.NO. : 312CZ003 M. : 7042591220
564 SHUBHAM R.NO. : 312CZ007 M. : 9937533036
564 SUBHASMITA R.NO. : 321CZ011 M. : 8338816946
564 SUBHANKAR R.NO. : 312CZ026 M. : 7064837405
563 ANANYA R.NO. : 321CZ063 M. : 7894879290
563 CHINMAYA R.NO. : 312CZ097 M. : 7750985855
563 PRIYANKA R.NO. : 321CZ039 M. : 9883320962
563 RAJESH R.NO. : 312CZ008 M. : 9437824159
563 RASHMITA R.NO. : 321CZ122 M. : 8249824883
563 RUTENDRA R.NO. : 312CZ005 M. : 8376946436
563 RUDRA NARAYAN R.NO. : 312CZ104 M. : 7908558686
562 DIBYAJYOTI R.NO. : 312CZ086 M. : 9692268696

| | |
|---|---|
| Above 95% 14 STUDENTS | Above 560 51 STUDENTS |
| Above 90% 199 STUDENTS | Above 89% 236 STUDENTS |
| Above 88% 285 STUDENTS | Above 500 536 STUDENTS |
| Above 80% 714 STUDENTS | Above 75% 902 STUDENTS |
| Above 70% 1023 STUDENTS | Above 60% 1120 STUDENTS |

## 127 MBBS ADMISSIONS IN -2025

AIIMS, KALYANI — SOURAV RANJAN, JAJPUR, M. : 9337135920
AIIMS, KALYANI — AMIT ANSUMAN, JAJPUR, M : 8260552053
AIIMS, KALYANI — G.S TANISHA, BHADRAK, M : 6370203229
AIIMS, DEOGRAH — SOUMYA RANJAN, KENDRAPARA, M: 9853490176
AIIMS, BBSR — ASHUTOSH (SC), SAMBALPUR, M : 9438110102
SCB, CUTTACK — PRANAB KUMAR, CUTTACK, M : 9348405006
SCB, CUTTACK — SUBHASANKAR, BALASORE, M. : 9556941413
SCB, CUTTACK — ASHUTOSH, KENDRAPARA, M : 7735074814
SCB, CUTTACK — SOMESH PRASAD, TALCHER, ANGUL, M. : 7849035336
SCB, CUTTACK — SWARAJ, JAGATSINGHPUR, M. : 6372296215
SCB, CUTTACK — MONALISHA, KEONJHAR, M. : 9938758948
SCB, CUTTACK — ANSUMAN, CUTTACK, M. :6372343040
SCB, CUTTACK — PRASANTA KU., JAJPUR, M : 7894331492
SCB, CUTTACK — ARCHITA, CUTTACK, M. : 7978178553
SCB, CUTTACK — ASIS KUMAR, KEONJHAR, M : 9827856657
SCB, CUTTACK — SASWAT (SC), BHADRAK, M. : 7205636020
MKCG, BERHAMPUR — SUBHASHISH, JAJPUR, M. : 9040499246
MKCG, BERHAMPUR — SOVNA, JAJPUR, M : 7978917103
MKCG, BERHAMPUR — SATYARANJAN, CUTTACK, M. : 8249555100
MKCG, BERHAMPUR — KABIR, CUTTACK, M. :8917235240
MKCG, BERHAMPUR — IRA MOHANTY, JAJPUR, M. :9438174925
MKCG, BERHAMPUR — SWATI SNIGHDA, BARIPADA, M. : 9337135920
MKCG, BERHAMPUR — SURYASNATA, SALIPUR, CUTTACK, M. : 9439942163
MKCG, BERHAMPUR — SOUBHAGYA RANJAN, JAJPUR, M. : 9692767335
MKCG, BERHAMPUR — JAYASHREE, JAJPUR, M. : 7077298174
MKCG, BERHAMPUR — R.S. BHAKTI SWARUPA, CUTTACK, M. : 9777746799
MKCG, BERHAMPUR — PRADIP KUMAR, CUTTACK, M. : 8338869928
MKCG, BERHAMPUR — ROHIT RASHMI, KHURDA, M. : 9090478270
MKCG, BERHAMPUR — ASISH, KENDRAPARA, M. : 8093906398
MKCG, BERHAMPUR — RUDRA NARAYAN, JAJPUR, M. : 8908938985
MKCG, BERHAMPUR — SWADHIN(SGS), M. :7854314982
MKCG, BERHAMPUR — SUSHREE SUHANI(SC), CUTTACK, M. : 9178426437
MKCG, BERHAMPUR — SANJIB KUMAR, CUTTACK, M. : 8658284937
VIMSAR,BURLA — RAJ KUMAR, BHUBANESWAR, M. : 9937125766
VIMSAR, BURLA — RAJENDRA, KENDRAPARA, M. : 8249757722
VIMSAR, BURLA — SAIEED, JAJPUR, M. : 8984303637
VIMSAR, BURLA — RESHMA RANI (SC), M. : 9937096914
VIMSAR, BURLA — GOURAV, M. : 8895425628
VIMSAR, BURLA — RATISH (SC), KENDRAPARA, M. : 7978517118
SJMCH, PURI — GYANA RANJAN, JAJPUR, M. : 8984012686
SJMCH, PURI — AMIT KUMAR, CUTTACK, M. : 9692868645
SJMCH, PURI — RITIK NARENDRA, NAYAGARH, M. : 7855924761
SJMCH, PURI — ANUPAMA, JAJPUR, M. : 8260543757
SJMCH, PURI — JYOTIRANJAN, JAGATSINGHPUR, M. : 9090317675
SJMCH, PURI — SONALI (SC), CUTTACK, M. : 6371635236
PRM, BARIPADA — BARSHA PRIYADARSHINI(SC), M. : 9439515013
PRM, BARIPADA — RATISH (SGS), CUTTACK, M. :9827478828
PRM, BARIPADA — ABHILIPSA(ST), M. : 8260874913
PRM, BARIPADA — IPSITA, BARIPADA, M. : 7847007731
PRM, BARIPADA — AYUSHMAN, DHENKANAL, M. : 7854804182
SLN, KORAPUT — CHETAS RAJ, CUTTACK, M. : 7978884500
SLN, KORAPUT — JAGURUTIMAYEE, BOLANGIR, M. : 9777510848
SLN, KORAPUT — DIBYARANJAN, BHADRAK, M. :8658710726
SLN,KORAPUT — SUBHASHREE(SGS), M. : 9938624976
FM, BALASORE — AMIT KUMAR, JAJPUR, M. : 9348601405
FM, BALASORE — ASHUTOSH, JAJPUR, M. : 9438213231
FM, BALASORE — DEEPANKAR, JAJPUR, M. : 7750878883
FM, BALASORE — PRATIKSHYA (SGS), CUTTACK, M. : 9875669797
FM, BALASORE — ARUP, ANGUL, M. : 8260114745
FM, BALASORE — SARASWATA, CUTTACK, M. : 9827707252
PRM, BARIPADA — MOUSUMI, MAYURBHANJ, M. : 7008778013

### INTEGRATED STUDENT'S

RIMS, RANCHI — RAJESH, M : 6370895135
SJMCH, PURI — SUBHANKAR, M. : 9310679902
FM, BALASORE — PRIYANSHI, M. : 7735776269
PRM, BARIPADA — SUBHAM, M. : 9937533036
PRM,BARIPADA — LOKANATH, M. : 8084711270
PRM, BARIPADA — SWARNAPRAVA, M. : 9348538749
PMP MCH, TALCHER — ARPIT, MAYURBHANJ

### 127 MBBS ADMISSIONS IN -2025

| | |
|---|---|
| AIIMS 5 STUDENTS | SCB, CUTTACK 11 STUDENTS |
| MKCG, BERHAMPUR 17 STUDENTS | VIMSAR, BURLA 6 STUDENTS |
| PRM, BARIPADA 10 STUDENTS | FM, BALASORE 7 STUDENTS |

9040363480, 8093064522
8093064525, 7008222977

Tetrahedron Tangi  Tetrahedrongroup, www.tetrahedrontangi.com
tetrahedronjuniorcollege@gmail.com / tetrahedronwomenshss@gmail.com

■ ନବୀନଙ୍କୁ ଫେରାଦ ହେଲେ ଶେରଗଡ଼ ବିଜେଡି କର୍ମୀ

# ବିକାଶ କାମରେ ସରକାର ଉଦାସୀନ

■ ଦଳୀୟ ଭିତ୍ତିରେ କାମ କରୁଛି ଜିଲ୍ଲା ପୁଲିସ
■ ଧାନ ସଂଗ୍ରହରେ ଅବ୍ୟବସ୍ଥା କାରଣରୁ ଚାଷୀ ହେଉଛନ୍ତି ହଇରାଣ
■ ପ୍ରଶାସନ ସହ ଆଲୋଚନା କରିବାକୁ ନବୀନ ଦେଲେ ପ୍ରତିଶ୍ରୁତି



ଭୁବନେଶ୍ୱର,୧୮।୧୨(ସମିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅଧୀନ ଶେରଗଡ଼ ବ୍ଲକର ଜନସାଧାରଣ, ବିଜେଡି ନେତା ଏବଂ କର୍ମୀ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଛନ୍ତି। ଶେରଗଡ଼ ବ୍ଲକରେ ବିକାଶ କାମରେ ସରକାରୀ ଉଦାସୀନତା ଓ ଆଇନଶୃଙ୍ଖଳା ଅଧିକାରୀ ଦଳୀୟ ମନୋଭାବ ନେଇ ବିଜେଡି କର୍ମୀଙ୍କୁ ହଇରାଣ ହରକତ କରୁଥିବା ନେଇ ସେମାନେ ନବୀନଙ୍କ ଆଗରେ ଫେରାଦ ହୋଇଛନ୍ତି। ଜିଲ୍ଲା ପୁଲିସ ପ୍ରଶାସନ ଦଳୀୟ ଭିତ୍ତିରେ କାମ କରୁଥିବା ଓ ବିଜେଡି କର୍ମୀମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଏଭଳି ପ୍ରଶାସନିକ ଉଦାସୀନତା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଏ ବିଷୟରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ଉଦାସୀନତା ଯୋଗୁଁ ନିର୍ବାଚନମଣ୍ଡଳୀରେ ବିକାଶ କାମ ଅଧପନ୍ତରିଆ ପଡ଼ିଥିବା ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେଉନାହିଁ। ଡାକ୍ତରଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଶେରଗଡ଼ ବାହାରକୁ ମନଇଚ୍ଛା ବଦଳି କରାଯାଉଥିବା ଓ ଖାଲି ପଦବୀ ପୂରଣ କରା ନ ଯାଉଥିବାରୁ ସ୍ୱାସ୍ଥ୍ୟ ସେବା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ଏପରିକି କେତେକ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ଦିଆଯାଉ ନ ଥିବା ଯୋଗୁଁ ଶିକ୍ଷାଦାନରେ ଅବନତି ହେଉଥିବା ନେଇ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଧାନ ସଂଗ୍ରହରେ ଅବ୍ୟବସ୍ଥା ଯୋଗୁଁ ଚାଷୀ କିପରି ହଇରାଣ ହେଉଛନ୍ତି ସେ ବିଷୟରେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଭତ୍ତା ପାଇବାରେ ହିତାଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ଶେରଗଡ଼ର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ନ୍ୟାସନାଲ ହେରାଲ୍ଡ ମାମଲା

# ସବୁ ଜିଲ୍ଲାରେ ଗର୍ଜିଲା କଂଗ୍ରେସ



ଭୁବନେଶ୍ୱର,୧୮।୧୨(ସମିସ): ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ ହୋଇଥିବା ଦର୍ଶାଇ ସାରା ରାଜ୍ୟରେ ପ୍ରତିବାଦକୁ ଜୋରଦାର କରିଛି କଂଗ୍ରେସ। ରାଜ୍ୟ କଂଗ୍ରେସର ନିର୍ଦ୍ଦେଶକ୍ରମେ ଗୁରୁବାର ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଜେପି ସରକାର ବିରୋଧରେ ପ୍ରତିବାଦ ରାଲି ଆୟୋଜନ କରାଯାଇଛି। ରାଜ୍ୟର ସବୁ ସାଂଗଠନିକ ଜିଲ୍ଲାରେ କଂଗ୍ରେସ କାର୍ଯ୍ୟାଳୟରୁ ପ୍ରତିବାଦ ରାଲି ବାହାରି କେନ୍ଦ୍ର ସରକାରଙ୍କ ପ୍ରତିଶୋଧ ପରାୟଣ ରାଜନୀତିକୁ ନିନ୍ଦା କରାଯିବା ସହ ନାରାବାଜି କରାଯାଇଛି। କିଛି ଜିଲ୍ଲାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଘେରାଉ ପାଇଁ କଂଗ୍ରେସ କର୍ମୀ ଉଦ୍ୟମ କରିବା ସହ କିଛି ଜିଲ୍ଲାରେ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଚନ୍ଦ୍ରଶେଖରପୁର ନାଲକୋ ଛକସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ଜେନା କହିଥିଲେ ଯେ ଗାନ୍ଧୀ ପରିବାରକୁ ବଦ୍‌ନାମ କରିବା ପାଇଁ ବିଜେପି ଯେଉଁ ଚକ୍ରାନ୍ତ କରିଥିଲା, ସେଥିରେ କୋର୍ଟ କଂଗ୍ରେସକୁ ଦୋଷମୁକ୍ତ କରି ବିଜେପିର ଅସଲ ମୁଖାକୁ ଖୋଲି ଦେଇଛନ୍ତି। ଆଗାମୀ ଦିନରେ ଜନତା ମଧ୍ୟ ଏହାର ଜବାବ ଦେବେ ବୋଲି ଶ୍ରୀ ଜେନା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଆଲୋକ ମହାନ୍ତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ବିଜୟ ମହାପାତ୍ରଙ୍କ ଘରେ ମହମ୍ମଦ ମୋକିମ୍

# ଦାନା ବାନ୍ଧିଲା ନୂଆ ଦଳ ଗଠନର କଳ୍ପନାଜଳ୍ପନା

ଭୁବନେଶ୍ୱର,୧୮।୧୨(ସମିସ): ଗତକାଲି କଂଗ୍ରେସରୁ ବହିଷ୍କୃତ ହେବା ପରେ ଗୁରୁବାର ପୂର୍ବତନ ବିଜେପି ନେତା ବିଜୟ ମହାପାତ୍ରଙ୍କୁ ଭେଟିଛନ୍ତି ପୂର୍ବତନ କଟକ ବିଧାୟକ ମହମ୍ମଦ ମୋକିମ୍। ଶ୍ରୀ ମହାପାତ୍ରଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ମୋକିମ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଛି। ଯଦିଓ ଏହି ସାକ୍ଷାତକୁ ଉଭୟ ସୌଜନ୍ୟମୂଳକ ବୋଲି କହିଛନ୍ତି, ମାତ୍ର ସାମ୍ପ୍ରତିକ ସମୟ ଓ ରାଜନୈତିକ ପାଣିପାଗକୁ ଦେଖିଲେ ଏହାକୁ କେବଳ ସାଧାରଣ ସାକ୍ଷାତ ବା ସୌଜନ୍ୟ ଆଲୋଚନା ରୂପେ କେହି ଗ୍ରହଣ କରିପାରୁ ନାହାନ୍ତି । ଗତ କିଛିଦିନ ହେଲା ରାଜ୍ୟରେ ଏକ ନୂଆ ରାଜନୈତିକ ଦଳ ଗଠନ ଆଲୋଚନା ଚାଲିଥିବା ସମୟରେ ଉଭୟଙ୍କ ସାକ୍ଷାତ ପରେ ଏହି ଚର୍ଚ୍ଚା ଦାନା ବାନ୍ଧିଛି।



ବିଜୟଙ୍କ ସହ ସାକ୍ଷାତ ପରେ ମହମ୍ମଦ ମୋକିମ କହିଛନ୍ତି, ବିଜୟ ମହାପାତ୍ର ମୋର ବଡ଼ ଭାଇ ସଦୃଶ। ସେ ନୂଆ ଲୋକ ନୁହେଁ କି ବାହାରୁ ଆସି ନାହାନ୍ତି। ଆମେ ବାରମ୍ବାର ଭେଟୁ। ସେଥିପାଇଁ ତାଙ୍କୁ ଭେଟିବାକୁ ଆସିଥିଲି । ଆମେ ବାର୍ତ୍ତାଳାପ କଲୁ। ଏଥିରେ କିଛି ନୂତନତ୍ୱ ନାହିଁ ବୋଲି ମୋକିମ୍ କହିଛନ୍ତି। ସେହିପରି ଏହି ସାକ୍ଷାତ ପରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ର କହିଛନ୍ତି ଯେ ଆଗାମୀ ୨୦୨୬ ଏକ ଘଟଣା ବହୁଳ ବର୍ଷ ହେବ ବୋଲି ମୁଁ ପୂର୍ବରୁ କହିଛି। ତେବେ ମୋକିମ୍ ପୂର୍ବରୁ ବହୁଥର ଆସିଛନ୍ତି। ଆମ ଭିତରେ ଆଲୋଚନା ହୁଏ। ଏହି ସାକ୍ଷାତ ସମୟରେ କିଛି ରାଜନୈତିକ ଚର୍ଚ୍ଚା ହୋଇନି। କେବଳ ବ୍ୟକ୍ତିଗତ ଆଲୋଚନା ହୋଇଛି। ତେବେ ନୂଆ ଦଳ ପ୍ରସଙ୍ଗରେ ସେ ଉତ୍ତର ଦେଇ କହିଛନ୍ତି, ଯେ ନୂଆ ଦଳ ବିଷୟରେ ମୁଁ କିଛି ଜାଣି ନାହିଁ। ହେଲେ ଏହି ବୈଠକ ସମୟରେ ବିଜେଡି କିପରି ଗଠନ ହୋଇଥିଲା ବୋଲି ଏଠାରେ ଆଲୋଚନା ହୋଇଛି ଓ ବର୍ତ୍ତମାନ ଓଡ଼ିଶା ରାଜନୀତିର ଚିତ୍ର ଅସ୍ପଷ୍ଟ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହମ୍ମଦ ମୋକିମ କଂଗ୍ରେସରୁ ବରିଷ୍କୃତ ହେବା ପରେ ସେ ଏକ ନୂଆ ରାଜନୈତିକ ଦଳ ଗଠନ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହାସହିତ ବିଜୟ ମହାପାତ୍ର ମଧ୍ୟ ଅତୀତରେ ରାଜ୍ୟରେ ନୂଆ ଦଳ ଗଠନକୁ ନେଇ ଅସ୍ୱୀକାର କରି ନାହାନ୍ତି। ତେଣୁ ଉଭୟଙ୍କ ସାକ୍ଷାତ ପରେ ରାଜ୍ୟରେ ବିଭିନ୍ନ ଦଳରୁ ଯେଉଁ ନେତାମାନେ ଅସନ୍ତୁଷ୍ଟ ହୋଇ ରହିଛନ୍ତି, ସେମାନଙ୍କୁ ଏକାଠି କରି ଏକ ନୂଆ ରାଜନୈତିକ ସମୀକରଣ ସୃଷ୍ଟି କରିବା ନେଇ ଚେଷ୍ଟା ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି। ୨୦୨୬ରେ ଅନେକ ରାଜନୈତିକ ଘଟଣା ଘଟିବା ନେଇ ବିଜୟ ମହାପାତ୍ର ପୂର୍ବରୁ କହିଛନ୍ତି। ମହମ୍ମଦ ମୋକିମ ତାଙ୍କୁ ସାକ୍ଷାତ କରିବା ଏହି ଚର୍ଚ୍ଚାରେ ଆହୁରି ଖୋରାକ୍ ଯୋଗାଇଛି।

## ସମ୍ପର୍କ ସାଜିଲା ବଇରୀ

### ଜମିବାଡ଼ି ପାଇଁ ମା'କୁ ଗାଡ଼ି ମଡ଼ାଇ ହତ୍ୟା

ଯାଜପୁର/ପାଣିକୋଇଲି,୧୮।୧୨(ସମିସ): ଜମିବାଡ଼ି ପାଇଁ ବୁଢ଼ୀ ମା'କୁ ଗାଡ଼ି ମଡ଼ାଇ ହତ୍ୟା। ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର ସିଙ୍ଗଡ଼ା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ସ୍ୱର୍ଗତ ଫୋଇନ ସାହୁଙ୍କ ପତ୍ନୀ କୁଳି ସାହୁ। ଏହି ଘଟଣାରେ ପୁଲିସ କୁଳିଙ୍କ ପୁଅ ନାରାୟଣ ସାହୁ ଓ ସାନ ନାତି ଗଣେଶକୁ ଅଟକ ରଖି ପଚରାଉଚରା କରୁଛି। ନାରାୟଣଙ୍କ ବଡ଼ପୁଅ କାର୍ତ୍ତିକ ଫେରାର୍ ହୋଇଯାଇଛି। ତାକୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି।

ସୂଚନା ମୁତାବକ, କୁଳି ଓ ପୁଅ ନାରାୟଣ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ବିବାଦ ଲାଗି ରହିଥିଲା। ନାରାୟଣ ତାଙ୍କ ବାପା ଓ ମାଆଙ୍କୁ ଖାଇବାକୁ ନ ଦେଇ ନାନାଦି ଅତ୍ୟାଚାର କରୁଥିଲେ। ଫଳରେ ସ୍ୱାମୀ ଓ

**ପୁଅ, ନାତି ଅଟକ**

ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନୀତାଙ୍କ ନାମରେ କରିଦେଇଥିଲେ। ବାପାଙ୍କ ମୃତ୍ୟୁ ପରେ କୁଳିଙ୍କ ଉପରେ ନିର୍ଯାତନା ବଢ଼ିବାରୁ ସେ ଝିଅ ଘରେ ରହି ଆସୁଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଥାନାରେ ମାମଲା ମଧ୍ୟ ହୋଇଥିଲା। ଏଥିପାଇଁ ମା', ଝିଅ ଆଜି ଥାନାକୁ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ନାରାୟଣଙ୍କ ବଡ଼ ପୁଅ କାର୍ତ୍ତିକ ଏକ ପିକ୍-ଅପ୍ (ଓଡି ୦୪ଇ୮ ୫୪୭) ଗାଡ଼ି ସେମାନଙ୍କ ଉପରେ ଚଢ଼ାଇ ଦେଇଥିଲା। ଏଥିରେ ଅନୀତା ଅଳ୍ପକେ ରକ୍ଷା ପାଇ ଯାଇଥିବା ବେଳେ ଘଟଣାସ୍ଥଳରେ କୁଳିଙ୍କ ମୃତ୍ୟୁ ଘଟିଥିଲା।

ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ମୃତ ଶରୀରକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅପରପକ୍ଷେ ପୁଲିସ ଘଟଣାସ୍ଥଳକୁ ଯାଇ ଦୁର୍ଘଟଣାର କାରଣ ଖୋଜିବା ସହ ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ବାପ-ପୁଅ ମିଶି ସମ୍ପତ୍ତି ଲୋଭରେ ମାଆକୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ଅନୀତା। ଅଭିଯୁକ୍ତ ନାରାୟଣଙ୍କ ବଡ଼ପୁଅ ଫେରାର୍ ହୋଇଯାଇଥିବା ବେଳେ ନାରାୟଣ ଓ ସାନପୁଅ ଗଣେଶକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଛି।

### ସାନଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ

ଚକାପାଦ,୧୮।୧୨(ସମିସ): ସାନ ଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ। କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର ସୁନାପାଙ୍ଗା ଗ୍ରାମରେ ଗୁରୁବାର ରାତିରେ ଏହି ଘଟଣା ଘଟିଛି। ମୃତକ ହେଲେ, ସନ୍ତୋଷ ପ୍ରଧାନ। ପୁଲିସ ଆଜି ସନ୍ତୋଷଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ସନ୍ତୋଷଙ୍କ ଭାଇ ନରେଶକୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, ଦୁଇ ଭାଇଙ୍କ ମଧ୍ୟରେ ପାରିବାରିକ ବିବାଦ ରହିଥିଲା। କୌଣସି କାରଣକୁ ନେଇ ଗତ ରାତିରେ ଦୁଇ ଭାଇଙ୍କ ମଧ୍ୟରେ ବଚସା, ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନରେଶ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲା। ଗୁରୁତର ସନ୍ତୋଷଙ୍କୁ ୧୦୮ ଆମ୍ବୁଲାନ୍ସରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟିକାବାଲି ପୁଲିସ ଏଏସ୍‌ଆଇ ଅବନୀ କୁମାର ପ୍ରଧାନ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ସାମାନ୍ୟ କଥାରୁ ଭାଇକୁ ପିଟି ମାରିଦେଲା

ଭୋଗରାଇ, ୧୮।୧୨(ସମିସ): ଘରକୁ ଯିବା ଆସିବା ରାସ୍ତାରେ ବାଇକ୍ ରଖିବାକୁ କେନ୍ଦ୍ର କରି ସାନଭାଇର ମାଡ଼ରେ ବଡ଼ ଭାଇର ମୃତ୍ୟୁ ଘଟିଥିବା ନେଇ ଭୋଗରାଇ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅଧୀନ ମାନକୁଣ୍ଡା ଗ୍ରାମର ବଡ଼ ଭାଇ ସୁଦାମ ମାଝୀ ଓରଫ୍ ସନିଆ। ଏହି ଘଟଣାରେ ପୁଲିସ ସାନଭାଇ ସୁଧାକର ମାଝୀ ଓରଫ୍ ପବନକୁ ଗିରଫ କରିଛି। ରାସ୍ତା ଉପରେ ବାଇକ୍ ରଖିବାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଏହା ଉଗ୍ରରୂପ ନେଇ ଦୁଇଭାଇଙ୍କ ମଧ୍ୟରେ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ରାଗିଯାଇ ସୁଦାମଙ୍କୁ ଠେଲି ରାସ୍ତାରେ ପକାଇ ଦେଇଥିଲେ ସୁଧାକର। ସୁଦାମଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୁଦାମଙ୍କ ସ୍ତ୍ରୀ ଅଞ୍ଜଳି ଏନେଇ ଭୋଗରାଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସୁଧାକରକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

### ପଥରରେ ଛେଚି ଶାଶୂକୁ ହତ୍ୟା!



ଅନୁଗୋଳ, ୧୮।୧୨(ସମିସ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଲାରୀ ଜାମୁବନ୍ଧ ଛକ ନିକଟରେ ଏକ ଘରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ମହିଳା ହେଲେ, କୁନି ନାୟକ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ପୁଲିସ ସନ୍ଦେହ କରୁଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଅନୁମାନ କରାଯାଉଛି। ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କୁନିଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

**ବୋହୂ, ସମୁଦୁଣୀ ଅଟକ**

ଏହି ଘଟଣାରେ ପୁଲିସ କୁନିଙ୍କ ବୋହୂ ଓ ସମୁଦୁଣୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, କୁନି ଏଠାରେ ଏକ ଭଡ଼ାଘରେ ରହୁଥିଲେ। ବୁଧବାର ରାତି ପ୍ରାୟ ୧୦ଟାରେ କୁନିଙ୍କ ପୁଅ କାହ୍ନୁ ନାୟକ ତାଙ୍କୁ ଖାଇବା ପାଇଁ ଡାକିବାକୁ ଯାଇଥିବା ବେଳେ ଘର କବାଟ ବନ୍ଦ ଥିଲା। କବାଟ ଖୋଲି ଦେଖିଲା ବେଳକୁ କୁନି ତଳେ ରକ୍ତଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ିଥିଲେ। ଏ ସଂପର୍କରେ କାହ୍ନୁ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତରାତିରେ କୁନିଙ୍କ ସହ ବୋହୂଙ୍କର ଝଗଡ଼ା ହୋଇଥିଲା। ଘରେ କୁନିଙ୍କ ସମୁଦୁଣୀ ମଧ୍ୟ ଥିଲେ। ଝଗଡ଼ାକୁ କେନ୍ଦ୍ର କରି ଦୁହେଁ ମିଶି କୁନିଙ୍କୁ ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ଦୁହିଁଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି।

## ଧଉଳି ଗଣଦୁଷ୍କର୍ମ ଘଟଣାରେ ବର୍ଷିଲା ମହିଳା କଂଗ୍ରେସ

# ଡବଲ ଇଞ୍ଜିନ ସରକାରରେ ଡବଲ ମାତ୍ରାରେ ମହିଳା ଅସୁରକ୍ଷିତ

ଭୁବନେଶ୍ୱର,୧୮।୧୨(ସମିସ): ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ, ଛାତ୍ରୀନିବାସରେ ନାବାଳିକା ଗର୍ଭଧାରଣ ଭଳି ବିଭିନ୍ନ ପ୍ରକାର ମହିଳା ଅତ୍ୟାଚାର ମାମଲା ହୁ ହୁ ହୋଇ ବଢୁଛି। ଏହି ପରିସ୍ଥିତି ଅଣାୟତ୍ତ ଅବସ୍ଥାକୁ ଆସିଗଲାଣି। ସରକାର, ପୁଲିସ ଓ ପ୍ରଶାସନ ଏହି ପ୍ରସଙ୍ଗକୁ ନେଇ ଆଦୌ ଚିନ୍ତିତ ନ ଥିବା ଜଣାପଡୁଛି ବୋଲି ରାଜ୍ୟ ମହିଳା କଂଗ୍ରେସ ଅଭିଯୋଗ କରିଛି। ଗୁରୁବାର ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ



ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି, ଗତ ୧୦ ତାରିଖ ସନ୍ଧ୍ୟାରେ ରାଜଧାନୀ ଉପକଣ୍ଠ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଧଉଳି ଶାନ୍ତିସ୍ତୂପ ନିକଟରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ଘଟଣା ସାରା ରାଜ୍ୟକୁ ଲଜ୍ଜିତ କରିଛି। ଓଡ଼ିଶା ବିଜେପି ସରକାରର ୧୮ ମାସରେ ମହିଳା ଓ ନାବାଳିକାଙ୍କ ଉପରେ ଅତ୍ୟାଚାର, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହିଂସା ଦୃଷ୍ଟାନ୍ତମୂଳକ ଭାବେ ବଢ଼ିଛି। ସରକାର ଓ ପ୍ରଶାସନ ପୂରାପୂରି ନିର୍ବାକ ଓ ନିଷ୍କ୍ରିୟ ରହିଛି। ଏଭଳି ସ୍ଥିତିରେ ସରକାର ନିଦାବିଷ୍ଟୁ ସାଜି ମହିଳା ସୁରକ୍ଷା ପ୍ରସଙ୍ଗକୁ ଆଖି ବୁଜି ଦେଇଛନ୍ତି ବୋଲି ଶ୍ରୀମତୀ ବାହିନୀପତି କହିଛନ୍ତି।

ଦିନକୁ ଦିନ ମହିଳା ନିର୍ଯ୍ୟାତନା ବୃଦ୍ଧି ପାଉଥିବାର ଉଦାହରଣ ଦେଇ ସେ କହିଥିଲେ, ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ନିର୍ମମ ଗଣବଳାତ୍କାର ଘଟଣା, ମାଲକାନଗିରିରେ ଜନୈକ ୪୫ ବର୍ଷର ବ୍ୟକ୍ତି ଦ୍ୱାରା ୫୭ ବର୍ଷର ତିନି ନାବାଳିକା ଉପରେ ଅମାନବୀୟ ବଳାତ୍କାର ତଦନ୍ତର ମନ୍ଥରଗତି, ଏବଂ ହୃଦୟ ଥରେଇଦେବା ଭଳି କଟକ ଏସ୍‌ସିବି ମେଡିକାଲର ଆଇସିୟୁରେ ଜଣେ ମହିଳାଙ୍କୁ ଅଟେଣ୍ଡାଣ୍ଟଙ୍କ ଅସଦାଚରଣ ଘଟଣା ସରକାରଙ୍କ ଅକ୍ଷମତା, ଅବହେଳା ଓ ରାଜ୍ୟ ଆଇନ ବ୍ୟବସ୍ଥା ଧ୍ୱସ୍ତ ହେଉଥିବାକୁ ସ୍ପଷ୍ଟ କରୁଛି। ପୁରୀ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଗୋପାଳପୁର ଓ ରାୟଗଡ଼ାରେ ପ୍ରତି

**୧୮ ମାସରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଅସଦାଚରଣ ମାମଲା**

ସପ୍ତାହରେ ପ୍ରାୟ ମହିଳା ନର୍ଯ୍ୟାତନା ଘଟଣା ଘଟୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ। ଡବଲ ଇଞ୍ଜିନ ସରକାରରେ ମହିଳା ଡବଲ ମାତ୍ରାରେ ଅସୁରକ୍ଷିତ ବୋଲି କଂଗ୍ରେସ କଡ଼ା ସମାଲୋଚନା କରି କହିଛି।

ବିଜେପି ସରକାର ଆସିବା ପରଠାରୁ ରାଜ୍ୟରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅସଦାଚରଣ, ଗଣଦୁଷ୍କର୍ମ, ଦୁଷ୍କର୍ମ ଆଦି ବିଭିନ୍ନ ନିର୍ଯାତନା, ମହିଳା ଅପହରଣ ଓ ହତ୍ୟା ଭଳି ଘଟଣା ଘଟିଛି। ରାଜ୍ୟର ମହିଳା ଉପମୁଖ୍ୟମନ୍ତ୍ରୀ ଓ ମହିଳା ବାଚସ୍ପତି ଥାଇ ମଧ୍ୟ ମହିଳା ନିର୍ଯ୍ୟାତନା ବଢ଼ିଚାଲିଛି। ତେଣୁ ଏସବୁ ମାମଲାର ଫାଷ୍ଟ-ଟ୍ରାକ୍ କୋର୍ଟରେ ତତ୍କାଳ ବିଚାର, ବିଶେଷ ମହିଳା ତଦନ୍ତ ଦଳ ଗଠନ, ଦାୟୀ ପୁଲିସ୍ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କୁ ସୁରକ୍ଷା ପରାମର୍ଶ ଓ ଆଇନ ସହାୟତା ଯୋଗାଇଦେବାକୁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ଦୃଢ଼ ଦାବି କରିଛି।

# ଅତିରିକ୍ତ ସୁରକ୍ଷା ଜମା ବୈଧାନିକ ଆବଶ୍ୟକତା: ଟାଟା ପାୱାର

## ସୁରକ୍ଷା ଜମା ଉପରେ ଗତବର୍ଷ ଉପଭୋକ୍ତାଙ୍କୁ ମିଳିଛି ୨୧୭ କୋଟି

ଭୁବନେଶ୍ୱର,୧୮।୧୨(ସମିସ): ଟିପିସିଓଡିଏଲର ଅତିରିକ୍ତ ସୁରକ୍ଷା ଜମା ନୋଟିସକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ଦେଖାଦେଇଥିବା ବେଳେ ଏହା ଉପରେ ଗୁରୁବାର ସ୍ପଷ୍ଟୀକରଣ ରଖିଛି ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀ। କଂପାନୀ ପକ୍ଷରୁ କୁହାଯାଇଛି, ବିଦ୍ୟୁତ୍ ବିଲ୍ ଉପରେ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ (ଏଏସ୍‌ଡି) ଆଦାୟ ଏକ ବୈଧାନିକ ଆବଶ୍ୟକତା। ଏହା ବିଦ୍ୟୁତ୍ ଅଧିନିୟମ, ୨୦୦୩ ଅନୁଯାୟୀ ବାଧ୍ୟତାମୂଳକ ଏବଂ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ନିୟମାବଳୀକୁ ଅନୁପାଳନ କରୁଛି। ସୁରକ୍ଷା ଜମା ଟଙ୍କାକୁ ବିଲ୍‌ରେ ଭରଣା କରିବା ସହ ଅତିରିକ୍ତ ସୁରକ୍ଷା ଜମା ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଡାଞ୍ଚା ଏବଂ ରାଜ୍ୟରେ ଲାଗୁ ହୋଇଥିବା ବିଦ୍ୟୁତ୍ ଟାରିଫ ସହ ସଂଶ୍ଳିଷ୍ଟ। ଅତିରିକ୍ତ ସୁରକ୍ଷା ଜମା କେବଳ ଓଡ଼ିଶାରେ ଆଦାୟ କରାଯାଉ ନାହିଁ; ଏହା ଦେଶବ୍ୟାପୀ ବିଭିନ୍ନ ରାଜ୍ୟରେ ବିତରକ କମ୍ପାନୀମାନେ ପ୍ରତିବର୍ଷ ଆଦାୟ କରୁଛନ୍ତି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



ଟିପିସିଓଡିଏଲର ଯୁକ୍ତି ଅନୁଯାୟୀ ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୪୭ ଅନୁଯାୟୀ ସୁରକ୍ଷା ଜମା ସଂଗ୍ରହ କରିବା ବାଧ୍ୟତାମୂଳକ। ତେବେ ଯେଉଁ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଗତ ଆର୍ଥିକ ବର୍ଷରେ ହ୍ରାସ ପାଇଛି, ସେମାନେ ସେମାନଙ୍କ ବିଦ୍ୟୁତ୍ ବିଲରେ ଅତିରିକ୍ତ ସୁରକ୍ଷା ଜମା ଆଡଜଷ୍ଟମେଣ୍ଟ ପାଇଁ ଯୋଗ୍ୟ ଅଟନ୍ତି। ଅପରପକ୍ଷରେ ଯେଉଁ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇଛି, ସେମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା କରିବାକୁ ପଡ଼ିବ ବୋଲି ଟାଟା ପାୱାର ସ୍ପଷ୍ଟ କରିଛି। କମ୍ପାନୀ ଆହୁରି ମଧ୍ୟ କହିଛି ଯେ ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ବିଦ୍ୟୁତ୍ ଉପଭୋକ୍ତାମାନେ ପ୍ରତିବର୍ଷ ସେମାନଙ୍କ ଅତିରିକ୍ତ ଜମାରାଶି ଉପରେ ସୁଧ ଉପାର୍ଜନ ମଧ୍ୟ କରୁଛନ୍ତି, ଯାହା ସେମାନଙ୍କୁ ପ୍ରତିବର୍ଷ ସେମାନଙ୍କୁ ବିଦ୍ୟୁତ୍ ବିଲ୍‌ରେ ପ୍ରଦାନ କରାଯାଉଛି। ୨୦୨୪-୨୫ରେ ରାଜ୍ୟର ୪ଟି ଯାକ ବିତରକ କମ୍ପାନୀ ସିକ୍ୟୁରିଟି ଜମା ଉପରେ ୬.୫୦ ପ୍ରତିଶତ ସୁଧ ହାରରେ ୨୧୭.୨୯ କୋଟି ଟଙ୍କାର ସୁଧ ରାଶି ପ୍ରଦାନ କରିଥିବା କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିରେ ଟିପିଡବ୍ଲ୍ୟୁଡିଏଲ୍ ସର୍ବାଧିକ ୭୯.୯୧ କୋଟି ଟଙ୍କା ପ୍ରଦାନ କରିଛି।

ସେହିପରି ଟାଟା ପାୱାର ଯୁକ୍ତି ବାଢ଼ିଛି ଯେ ସୁରକ୍ଷା ଜମା ଏବଂ ଅତିରିକ୍ତ ସୁରକ୍ଷା ଜମା ଢାଞ୍ଚା ନୂଆ କିମ୍ବା ସ୍ୱେଚ୍ଛାକୃତ ନୁହେଁ। ଏହି ବ୍ୟବସ୍ଥା ପୂର୍ବରୁ ଅର୍ଥାତ୍ ସେସୁ, ନେସ୍କୋ, ସାଉଥ୍‌କୋ ଏବଂ ୱେସ୍କୋ ସମୟରେ ମଧ୍ୟ

■ ପୂର୍ବରୁ ମଧ୍ୟ ଓଡ଼ିଶାରେ ଆଦାୟ ହୋଇଛି ଅତିରିକ୍ତ ସୁରକ୍ଷା ରାଶି
■ ଅନ୍ୟ ରାଜ୍ୟରେ ବିତରକ କମ୍ପାନୀ ଅନୁସରଣ କରୁଛନ୍ତି ସମାନ ନିୟମ

ଲାଗୁ ହେଉଥିଲା। ଅତିରିକ୍ତ ସୁରକ୍ଷା ଜମା ପାଇଁ ବିଜ୍ଞପ୍ତି ପାଇଥିବା ଗ୍ରାହକମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦେୟ ଦେବାକୁ ପଡିବ। ଏଥିରେ ବିଫଳ ହେଲେ ଆଇନ ଅନୁଯାୟୀ ଧାର୍ଯ୍ୟ ତାରିଖ ପରେ କୌଣସି ଅନାଦେୟ ରାଶି ଉପରେ ବାର୍ଷିକ ୧୫ ପ୍ରତିଶତ ସରଚାର୍ଜ ଲାଗୁ ହେବ ବୋଲି କମ୍ପାନୀ ସ୍ପଷ୍ଟ କରିଛି। ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀର ସିଇଓ(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଉପସ୍ଥିତ ଥିଲେ।




ଫିଫା ବିଶ୍ୱକପ୍ ପୁରସ୍କାର ରାଶି ବୃଦ୍ଧି
▶ପୃଷ୍ଠା-୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-173 •FRIDAY •19 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୭୩ •ଶୁକ୍ରବାର •୧୯ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ମନ୍ତ୍ରୀ-ବିଧାୟକଙ୍କ ଦରମା ବୃଦ୍ଧି

# ଅକଳରେ ସରକାର

## ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ବିଧାୟକଙ୍କ ଅନୁରୋଧ

■ ଭୁବନେଶ୍ୱର, ୧୮।୧୨ (ସମିସ): ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧି ନେଇ ବିଧାନସଭାରେ ବିଲ୍ ପାରିତ ହେବା ପରେ ଏହାକୁ ନେଇ ସାରା ରାଜ୍ୟରେ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା । ଗରିବ ଲୋକମାନଙ୍କ ଭତ୍ତା ୩୦୦୦ ଟଙ୍କା ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବା, ସୁଭଦ୍ରାରେ ଦିନକୁ ୨୭ ଟଙ୍କା ସହାୟତା ଦିଆଯାଉଥିବା ସମୟରେ ମନ୍ତ୍ରୀ ଓ ବିଧାୟକଙ୍କ ଦରମା ୩ ଗୁଣ ବୃଦ୍ଧିକୁ ନେଇ ସବୁଆଡୁ ସରକାର ସମାଲୋଚନାର ଶରବ୍ୟ ହୋଇଥିଲେ। ପୁଣି ଯେଉଁ ସମୟରେ ଶିକ୍ଷକ, ପାଚିକାମାନେ ଦରମା ପାଇଁ ରାଜରାସ୍ତାରେ ଧାରଣା ଦେଉଥିଲେ; ସେହି ସମୟରେ ମନ୍ତ୍ରୀ ଓ ବିଧାୟକଙ୍କ ଦରମା ୩ ଗୁଣ ବୃଦ୍ଧି କରି ଦେଶରେ ସର୍ବାଧିକ କରି ଦିଆଗଲା ତାହାକୁ ନେଇ ମଧ୍ୟ ଜାତୀୟସ୍ତରରେ ଓଡ଼ିଶା ସରକାରଙ୍କୁ ସମାଲୋଚନା ଶାସକ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ରାଜ୍ୟରେ ବିଜେପି ସରକାର ଆସିବା ପରେ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟ ସରକାର ପ୍ରାୟ ୩୦ ହଜାର କୋଟି ଟଙ୍କା ଋଣ କରିଥିବା ଓ ରାଜ୍ୟରେ ଲୋକମାନଙ୍କ ମୁଣ୍ଡପିଛା ଋଣଭାର ୨୮ ହଜାର ଟଙ୍କା ଅତିକ୍ରମ କରିଥିବାସ୍ଥଳେ ବିଧାୟକ ଓ ମନ୍ତ୍ରୀଙ୍କୁ ଦିନକୁ ହାରାହାରି ୧୨ ହଜାର ଟଙ୍କା ଦରମା ଭତ୍ତା ପ୍ରଦାନ ମଧ୍ୟ ସାଧାରଣ ଲୋକଙ୍କୁ ହଜମ ହୋଇ ନ ଥିଲା। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସାମାଜିକ ସଂଗଠନ, ବୁଦ୍ଧିଜୀବି ମହଲ ଏପରି ନିଷ୍ପତ୍ତିକୁ ନିନ୍ଦା କରିଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ବେତନ ଓ ଭତ୍ତା ନେବାକୁ ଅସ୍ୱୀକାର କରି ଏହାକୁ ରାଜ୍ୟବାସୀଙ୍କ ପାଇଁ ବ୍ୟୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠି ମଧ୍ୟ ସରକାରଙ୍କୁ ଅକଳରେ ପକାଇ ଦେଇଥିଲା।



ସାରା ରାଜ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ଓ ସରକାରଙ୍କ ଭାବମୂର୍ତ୍ତି ଖରାପ ହେଉଥିବା ଅନୁଭବ କରି ଏବେ ଶାସକ ଦଳ ପକ୍ଷରୁ ଲୋକଙ୍କ ରୋଷକୁ ପ୍ରଶମିତ ପାଇଁ ଆରମ୍ଭ ହୋଇଛି ପଦକ୍ଷେପ। ଦରମା ବୃଦ୍ଧି ପୁନର୍ବିଚାର ଅନୁରୋଧ କରିଛନ୍ତି ଶାସକ ଦଳର ବିଧାୟକ। ଲୋକମତକୁ ସମ୍ମାନ ଜଣାଇ ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ବିଧାୟକମାନେ ଲିଖିତଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଗୁରୁବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବର୍ଦ୍ଧିତ ଦରମା, ଭତ୍ତା ବୃଦ୍ଧି ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଆଲୋଚନା ପରେ ବିଧାୟକମାନେ ବେତନ, ଭତ୍ତା, ପେନସନ ବୃଦ୍ଧିର ପୁନର୍ବିଚାର ନିମନ୍ତେ ଏକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଥିଲେ। ଏହି ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ଦଳର ସମସ୍ତ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗରେ ସଦ୍ୟ ସମାପ୍ତ ଶୀତ ଅଧିବେଶନର ଶେଷ ଦିନ ଅର୍ଥାତ୍ ୯ ତାରିଖ ଦିନ ଏକ ବିଧେୟକ ଗୃହୀତ ହୋଇଥିଲା। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବହୁ ଲୋକେ ଦରମା ବୃଦ୍ଧି ନିଷ୍ପତ୍ତିକୁ ନାପସନ୍ଦ କରିଥିଲେ।

## ଜି-ରାମ-ଜି ବିଲ୍‌କୁ ଲୋକସଭାର ମଞ୍ଜୁରୀ

### ବିରୋଧୀଙ୍କ ହଙ୍ଗାମା, ଗୃହ ମୁଲତବୀ



■ ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି): ଦେଶରେ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନରେଗା (ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ବଦଳରେ ଆସିଲା ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ମିସନ (ଭିବି ଜି-ରାମ-ଜି) । ଆଜି ଏସଂକ୍ରାନ୍ତ ବିଲକୁ ଲୋକସଭାରେ ଅନୁମୋଦନ ମିଳିଛି। ଏହି ଯୋଜନାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ ହଟାଯାଇଥିବାରୁ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିବା ସହିତ ଗୃହରେ ପ୍ରବଳ ହଙ୍ଗାମା କରିଛନ୍ତି। ତେବେ ସରକାର ଏହାର ନାମ ପରିବର୍ତ୍ତନ ସପକ୍ଷରେ ଯୁକ୍ତି କରିବା ସହିତ ମୋଦୀ ସରକାର ହିଁ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ସାକାର କରୁଛନ୍ତି ବୋଲି କହିଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ।

ଏହି ବିଲ ଉପରେ ଆଜି ୮ ଘଣ୍ଟା ଧରି ହୋଇଥିବା ଆଲୋଚନାର ଉତ୍ତର ଦେଇ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଯୋଜନାର ନାମ ପରିବର୍ତ୍ତନ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ସେ କହିଲେ ଯେ ୨୦୦୫ରେ ଏହି ଯୋଜନାର ନାମ ନରେଗା ଥିଲା। ତେବେ ୨୦୦୯ ନିର୍ବାଚନକୁ ଆଖି ଆଗରେ ରଖି ୟୁପିଏ

### ବିଲ୍ କପି ଚିରିଲେ; ବାଚସ୍ପତିଙ୍କ ଆଡ଼କୁ ଫିଙ୍ଗିଲେ

ସରକାର ଏଥିରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡ଼ିଥିଲେ। ତେବେ ମୋଦୀ ସରକାର ହିଁ ମନରେଗା ଯୋଜନାର ସଠିକ କାର୍ଯ୍ୟକାରୀ କରିଥିଲେ। ବାପୁଙ୍କ ଆଦର୍ଶକୁ କଂଗ୍ରେସ ଧ୍ୱଂସ କରିଦେଇଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ଆୱାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ମିସନ ଏବଂ ଆୟୁଷ୍ମାନ ଭାରତ ଭଳି ଯୋଜନା ଜରିଆରେ ଏନଡିଏ ସରକାର ▶ପୃଷ୍ଠା-୭

## ଜଷ୍ଟିସ ସଂଗମ ସାହୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି



■ କଟକ, ୧୮।୧୨ (ସମିସ): ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ପାଟନା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ହେବେ। ଏନେଇ ସୁପ୍ରିମକୋର୍ଟଙ୍କ କଲେଜିୟମ ଜଷ୍ଟିସ ସାହୁଙ୍କ ନାମ ସୁପାରିସ କରିଛି। ୧୯୬୪ ମସିହା ଜୁନ୍ ୫ ତାରିଖରେ କଟକରେ ଜନ୍ମିତ ଜଷ୍ଟିସ ସାହୁ କଟକ ନୂଆବଜାର ହାଇସ୍କୁଲରୁ ମାଟ୍ରିକ୍ ଶିକ୍ଷା ଶେଷ ପରେ ଷ୍ଟିୱାର୍ଟ ସାଇନ୍ସ କଲେଜରୁ ସ୍ନାତକ ବିଜ୍ଞାନ ଶିକ୍ଷା ସମାପ୍ତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଓ ଇଂରାଜୀରେ ସ୍ନାତକୋତ୍ତର କରିଥିଲେ। ସେହିଭଳି କଟକର ଦି ଲ' କଲେଜରୁ ଏଲଏଲବି ଶିକ୍ଷା ଶେଷ କରିବା ପରେ ୧୯୮୯ ନଭେମ୍ବର ୨୬ରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରେ ଓକିଲ ଭାବେ ପଞ୍ଜୀକରଣ କରିଥିଲେ। ତାଙ୍କ ପିତା ସ୍ୱର୍ଗତ ଶରତ ଚନ୍ଦ୍ର ସାହୁଙ୍କ ସମେତ ଡ. ମନୋରଂଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓକିଲାତି ପ୍ରାକ୍ଟିସ କରିଥିଲେ। ଫୌଜଦାରୀ ଆଇନ ଓ ଚାକିରି ସମ୍ପର୍କିତ ମାମଲାଗୁଡ଼ିକୁ ସେ ଜିଲ୍ଲା କୋର୍ଟ, ହାଇକୋର୍ଟ, ଖାଉଟି ଫୋରମ୍, ସ୍ୟାଟ, କ୍ୟାଟ୍‌ରେ ଦକ୍ଷତାର ସହ ପରିଚାଳନା କରିଥିଲେ। ଗତ ୨୦୧୪ ଜୁଲାଇ ୨ରେ ଓଡ଼ିଶା ▶ପୃଷ୍ଠା-୭

### ଜଗତସିଂହପୁର ଜିଲ୍ଲାରେ ବେଧଡ଼କ ବାଲି ଲୁଟ୍

## ବାଲିର ଦୋଷ ନା ଗାଡ଼ିର ଦୋଷ !

■ ଭୁବନେଶ୍ୱର, ୧୮।୧୨ (ସମିସ): ସାରା ରାଜ୍ୟରେ ଏବେ ବାଲିଚୋରି ସବୁଠାରୁ ବଡ଼ କେଲେଙ୍କାରୀ ପାଲଟିଛି। ବର୍ଷକୁ ରାଜ୍ୟରେ ହଜାର ହଜାର କୋଟିର ବାଲି ଚୋରି ହେଉଛି ଓ ରାଜ୍ୟ ସରକାର ଏ ବାବଦରେ ସିଧାସଳଖ ହଜାରେ କୋଟିର ରୟାଲଟି ହରାଉଛନ୍ତି। ମାତ୍ର ଚୋର ଓ ମାଫିଆମାନେ ରାଜନୈତିକ ଛତ୍ରଛାୟା ତଳେ ସୁରକ୍ଷିତ ରହି ବାଲି ଚୋରି ଚଳାଇଛନ୍ତି। ଗତ ନଭେମ୍ବର ୨୫ ତାରିଖ ବିଳମ୍ବିତ ରାତିରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ତହସିଲ ଅନ୍ତର୍ଗତ ଏକ ବାଲିଘାଟରୁ ଚୋରା ବାଲି ଚାଲାଣ ବେଳେ ହୋଇଥିଲା ଚଢ଼ଉ। କେନ୍ଦ୍ରାଞ୍ଚଳ ଡ଼ିଆଇଜି, ଜଗତସିଂହପୁର ଜିଲ୍ଲାପାଳ, ଏସ୍‌ପିଙ୍କ ସହ ଖଣି ଅଧିକାରୀମାନେ ଏଠାରେ ଚଢ଼ଉ କରିଥିଲେ । ଘଟଣାସ୍ଥଳରୁ ୪୩ଟି ହାଇୱା, ୩ଟି ପୋକଲିନ୍ ମେସିନ ଜବତ ବି ହୋଇଥିଲା। ଏହାପରେ ଡ଼ିସେମ୍ବର ୧୧ ତାରିଖ ରାତିରେ ଜଇପୁର ବାଲିଘାଟରୁ



୨୨ଟି ହାଇୱା ଓ ୨ଟି ପ୍ରୋକଲିନ୍ ମେସିନକୁ ବି ଜବତ କରାଯାଇଥିଲା। ମାତ୍ର ଏହାପରେ ଅନ୍ୟ କୌଣସିଠାରେ ଚଢ଼ଉ ହୋଇ ନାହିଁ । ସାରା ଜିଲ୍ଲାର ବିଭିନ୍ନ ବାଲିଘାଟରୁ ଚୋରାବାଲି ଚାଲାଣ ହେଉଥିବାବେଳେ କେବଳ ଦୁଇଟି ଘାଟରେ ଚଢ଼ଉ ପରେ ପ୍ରଶାସନର ରହସ୍ୟମୟ ନିରବତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି ।

ଅପରପକ୍ଷରେ ଜବତ ହୋଇଥିବା ଗାଡ଼ିଗୁଡ଼ିକ ସବୁ ଚୋରା ବାଲି ଚାଲାଣରେ ନିୟୋଜିତ ଥିଲେ କି ନାହିଁ ତାହା ମଧ୍ୟ ଆଉଏକ ପ୍ରଶ୍ନକୁ ଜନ୍ମ ଦେଇଛି। କୁହାଯାଉଛି ଯେଉଁ ଗାଡ଼ିଗୁଡ଼ିକ ଜବତ ହୋଇଥିଲା, ସେଥିରୁ କିଛି ଗାଡ଼ି ନିକଟରେ ବାଲି ଚାଲାଣ ନିମନ୍ତେ ବୈଧ ଟ୍ରାନ୍‌ଜିଟ୍ ପାସ ରହିଥିଲା । ସେହିପରି ଆଉ କିଛି ଗାଡ଼ି ବାଲି ଚାଲାଣ ସହ ଜଡ଼ିତ ନ ଥିଲେ ମଧ୍ୟ ତାହାକୁ ଜବତ କରାଯାଇଥିଲା। ଯଦି ବୈଧ ଟ୍ରାନଜିଟ୍ ପାସ ଥିଲା, ତେବେ ସେହିଗାଡ଼ି ଓ ଯେଉଁ ଗାଡ଼ିଗୁଡ଼ିକ ବାଲି ଚାଲଣରେ ନିୟୋଜିତ ନ ଥିଲା ତାହାକୁ କାହିଁକି ଜବତ କରାଗଲା ତାହା ମଧ୍ୟ ଆଉ ଏକ ପ୍ରଶ୍ନ। ତେବେ ସବୁଠାରୁ ▶ପୃଷ୍ଠା-୭




## ଧଉଳି ଲଜ୍ଜା
## ବନ୍ଧା ହେଲା ଜୋକର ହାପି

■ ଭୁବନେଶ୍ୱର, ୧୮।୧୨ (ସମିସ): ଧଉଳି ଗଣଦୁଷ୍କର୍ମ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଜୋକର ହାପି ଓରଫ୍ ସତ୍ୟପ୍ରକାଶ ହାତୀକୁ ଗୁରୁବାର କମିଶନରେଟ୍ ପୁଲିସ ବ୍ରହ୍ମପୁରରୁ ଗିରଫ କରିଛି। ଗିରଫ କରିବା ପରେ ପୁଲିସ ତାଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିସନ୍ କରିଥିଲେ। ସେ ଓ ତା'ର ସହଯୋଗୀ କିଭଳି ଭାବେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ, ସେସବୁ ଗୋଟି ଗୋଟି କରି ବଖାଣିଥଲା। ପୂର୍ବରୁ ୨୦ରୁ ଅଧିକ ଅପରାଧ ସହ ଜଡ଼ିତ ହାପିକୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ତେବେ ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ପାଖରେ ପୁଲିସ ଏପର୍ଯ୍ୟନ୍ତ ପହଁଞ୍ଚିପାରି ନାହିଁ। ଜୋକର ହାପି ନାମରେ ଲୋକଙ୍କ ବେକ କାଟିବାଠାରୁ ଆରମ୍ଭ କରି ପୁଲିସକୁ ଆକ୍ରମଣ, ଲୁଟ୍‌ପାଟ୍, ନିଶା ସେବନ କରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇବ ଭଳି ▶ପୃଷ୍ଠା-୭



ସିନ୍ ରିକ୍ରିଏସନ୍ କଲା ପୁଲିସ

ଏବେ ବି ୨ ଅଭିଯୁକ୍ତ ଫେରାର୍

## ଦୁର୍ଘଟଣାରେ ଦାଦା-ପୁତୁରା ମୃତ

■ ଭଦ୍ରକ, ୧୮।୧୨ (ସମିସ):ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରା-ବାଂଶଡ଼ା ମୁଖ୍ୟ ରାସ୍ତାର ଗୁଆଁଳ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦାଦା-ପୁତୁରାଙ୍କ ମୃତ୍ୟୁ ଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ସ୍ଥାନୀୟ ଦୋସିଙ୍ଗା ଅଞ୍ଚଳର ରାକେଶ ଜେନା ଓ ମାନସ ଜେନା ବୋଲି ଜଣାପଡ଼ିଛି। ଗତ ରାତିରେ ଦୁହେଁ ଏକ ବାଇକ୍‌ରେ ଯାଉଥିବା ବେଳେ ଗୁଆଁଳ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁହେଁ ତଳେ ପଡ଼ି ଛଟପଟ ହେଉଥିବା ବେଳେ ସାମୁଦ୍ରିକ ଥାନା ଅଧିକାରିଣୀ ପ୍ରିୟଦର୍ଶିନୀ ଖଟୁଆ ସେମାନଙ୍କୁ ଉଦ୍ଧାର କରିଥିଲେ। ଧାମରା ଥାନା ଗାଡ଼ିକୁ ଡକାଇ ଦୁହିଁଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।




# ଦୁର୍ଘଟଣାରେ ଦିନକୁ ଯାଉଛି ୪୭୪ ଜୀବନ

## ବର୍ଷକୁ ୫ ଲକ୍ଷ ସଡ଼କ ଦୁର୍ଘଟଣା: ୧.୮ ଲକ୍ଷ ମୃତ୍ୟୁ

■ ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି): ଦେଶରେ ପ୍ରତିବର୍ଷ ୫ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଛଇ। ଏଥିରେ ହାରହାରି ୧ ଲକ୍ଷ ୮୦ ହଜାର ଲୋକ ପ୍ରାଣ ହରାଉଛନ୍ତି। ତେବେ ସବୁଠାରୁ ଉଦବେଗର ବିଷୟ ହେଲା ଯେ ମୃତ୍ୟୁସଂଖ୍ୟା ମଧ୍ୟରେ ୬୬ ପ୍ରତିଶତ ହେଉଛନ୍ତି ଯୁବକ/ଯୁବତୀ। ୧୮ ରୁ ୩୪ ବର୍ଷ ବୟସ୍କ ଲୋକ ଏଭଳି ଦୁର୍ଘଟଣାର ଶିକାର ହେଉଛନ୍ତି। ସଚେତନତା ସତ୍ତ୍ୱେ ଦୁର୍ଘଟଣା ସଂଖ୍ୟା ବଢ଼ିବା ସହିତ ମୃତ୍ୟୁ ସଂଖ୍ୟାରେ ମଧ୍ୟ ବ୍ରେକ ଲାଗୁନି।

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଗତକାଲି ରାଜ୍ୟସଭାରେ ଏଭଳି ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛନ୍ତି। କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀଙ୍କ ପ୍ରଶ୍ନ ଉତ୍ତର ଦେଇ ଗଡ଼କରୀ ସ୍ୱୀକାର କରିଛନ୍ତି ଯେ



### ୧୮ ରୁ ୩୪ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଅଧିକ

### ୧୦ ମିନିଟ୍‌ରେ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିବେ ସରକାର

ଭିତ୍ତିଭୂମି ନିର୍ମାଣରେ ଉନ୍ନତିଏବଂ ଆଇନ୍ କଡ଼ା କରିବା ସତ୍ତ୍ୱେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା କମ୍ ହୋଇପାରିନାହିଁ। ରାଜ୍ୟଗୁଡିକୁ କେନ୍ଦ୍ର ସରକାର ଅତ୍ୟାଧୁନିକ ଆମ୍ବୁଲାନ୍ସ ଦେବାକୁ ଯୋଜନା କରୁଛନ୍ତି। ଏହାଦ୍ୱାରା ଆମ୍ବୁଲାନ୍ସ ଦୁର୍ଘଟଣାସ୍ଥଳରେ ମାତ୍ର ୧୦ ମିନିଟ୍‌ରେ ପହଞ୍ଚିପାରିବ। ଯଦି ଆହତ ବ୍ୟକ୍ତିଙ୍କୁ ଠିକ୍ ସମୟରେ ଚିକିତ୍ସା ମିଳିବ ତାହାଲେ ୫୦ ହଜାର ଜୀବନ ରକ୍ଷା କରାଯାଇପାରିବ ବୋଲି ସେ କହିଛନ୍ତି। ଆଇଆଇଏମ୍‌ର ଏକ ସର୍ଭେର ଉଲ୍ଲେଖ କରି ସେ ଏହା କହିଛନ୍ତି। ମନ୍ତ୍ରୀ ଆହୁରି ସ୍ୱୀକାର କରିଛନ୍ତି ଯେ ଗତ ୫ ବର୍ଷରେ ସ୍ୱୀକୃତ ୫୭୪ ଜାତୀୟ ରାଜପଥ ଯୋଜନାଗୁଡିକ ନିର୍ଦ୍ଧାରିତ ସମୟ ଅନୁସାରେ ପଛୁଆ ରହିଛି।

ସରକାରୀ ତଥ୍ୟ ଅନୁସାରେ ୨୦୧୮ରେ ଏକ ଲକ୍ଷ ୫୮ ହଜାର ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୨୦୧୯ରେ ୧,୫୭୦୦୦, ୨୦୨୦ରେ ୧,୩୮୦୦୦, ୨୦୨୧ରେ ୧,୫୪୦୦୦ ଏବଂ ୨୦୨୨ରେ ୧,୬୮୦୦୦ ଲୋକ ପ୍ରାଣ ହରାଇଥିଲେ। ୨୦୨୩ର ସରକାରୀ ତଥ୍ୟ ମିଳିନାହିଁ। ତେବେ ବେସରକାରୀ ତଥ୍ୟ ଅନୁଯାୟୀ ୨୦୨୩ରେ ସର୍ବାଧିକ ▶ପୃଷ୍ଠା-୭

## କୁଆଁସ ମଙ୍ଗଳା ପୀଠରେ ଓୟୁଜେ ପକ୍ଷରୁ ବୈଠକ

**ଦଶରଥପୁର, ୧୮ା୧୨(ସମିସ):** ଦଶରଥପୁର ବ୍ଲକ ଓୟୁଜେ ସାମ୍ବାଦିକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଖବର ପରିବେଷଣ ଉପରେ ଆଲୋଚନା ହୋଇଥିଲା। ଏଥିସହ ସାମ୍ବାଦିକଙ୍କ ସମସ୍ୟା ଉପରେ ସରକାର କର୍ଣ୍ଣପାତ କରୁ ନ ଥିବାରୁ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଚାପ ସୃଷ୍ଟି କରାଯିବ। ଆସନ୍ତା ଫେବୃଆରୀ ମାସରେ ଦଶରଥପୁର ବ୍ଲକରେ ଏକ କାର୍ଯ୍ୟକାରିଣୀ ସଭା ଆୟୋଜନ କରାଯିବ ବୋଲି ପ୍ରସ୍ତାବ ପାରିତ ହୋଇଛି। ଉକ୍ତ ବୈଠକରେ ରାଜ୍ୟ ଉପସଭାପତି ରାଜୀବ ମହାନ୍ତି, ଜିଲ୍ଲା ସଭାପତି ଅରୁଣ ରାଉତରାୟ, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାହୁ, ଆବାହକ ବିଶ୍ୱଭୂଷଣ ବିଶ୍ୱାଳ, ସୁଶାନ୍ତ ବେହୁରିଆ, କୌଶିକ ଦାସ, ଅକ୍ଷୟ ଦାସ, ମାନସ ଜେନା, ଶୈଳେନ୍ଦ୍ର ସାମଲ, ସବ୍ୟସାଚୀ ଦାସ, ଚନ୍ଦ୍ରନାରାୟଣ ଦାସ, ମନୋଜ ଦାସ, ଭାଗୀରଥି ଜେନା, ଚିତ୍ତରଞ୍ଜନ ମଲିକ, ମାନସ ସାହୁ, ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିରିପଟା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କୟାଁଗୋଲା, ୧୮ା୧୨(ସମିସ):** ଦଶରଥପୁର ବ୍ଲକର ବିରିପଟା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ାକୁ ଅଧ୍ୟକ୍ଷ ରାମମୋହନ ଦେବତା ଉଦଘାଟନ କରିଥିଲେ। ଏ ଅବସରରେ କଲେଜ ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା। ଏହି ସଭା ଅଧ୍ୟାପକ ପ୍ରକାଶ କୁମାର ଧଳ ପରିଚାଳନା କରିଥିଲେ। ଏହି ବାର୍ଷିକ କ୍ରୀଡ଼ା ଦୁଇଦିନ ଧରି ଚାଲୁ ରହିବ। ଏହି ବାର୍ଷିକ କ୍ରୀଡ଼ାରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ଖେଳ ଭାଗ ନେଇଛନ୍ତି। ଖେଳ ଶିକ୍ଷକ ତୁଷାର ରଞ୍ଜନ ସାମଲ ଖେଳ ପରିଚାଳନା କରୁଛନ୍ତି।

### ବିକଳ୍ପ ରାସ୍ତା ନ କରି କାମ କରୁଛି ଠିକାସଂସ୍ଥା

# ବ୍ରାହ୍ମଣୀ ବ୍ରିଜ୍ ତଳେ ବିପଦପୂର୍ଣ୍ଣ ଯାତାୟାତ



**କବାଟବନ୍ଧ, ୧୮ା୧୨(ସମିସ)**

ଜନସାଧାରଣଙ୍କ ଯାତାୟାତ ପାଇଁ ବିକଳ୍ପ ରାସ୍ତା ତିଆରି ନ କରି କନଷ୍ଟ୍ରକସନ କାମ କରୁଛି ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଠିକାସଂସ୍ଥା। ଫଳରେ ଦୈନିକ ହାଜର ହଜାର ଲୋକ ଯିବ ଆସିବା କରିବାକୁ ଅସୁବିଧାର ସମ୍ମୁଖୀନ ହେଉଥିବା ସହିତ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏଭଳି ଘଟଣା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ଦେଖିବାକୁ ମିଳିଛି। ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଓ ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜ ନିର୍ମାଣ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ଜାରକାଠାରୁ ଏଣ୍ଡଲବା ପର୍ଯ୍ୟନ୍ତ ଭାୟା କବାଟବନ୍ଧ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରେ ଦୈନିକ ହଜାର ହଜାର ଲୋକ ଗମନାଗମନ କରନ୍ତି। ବିଶେଷକରି ବାରକଣା, କବାଟବନ୍ଧ, ମର୍ଜିତାପୁର, ଚଉସଠିପଡ଼ା, ସୋରାଇ, ଦଳଗାଁ, ସାଥୁଆପାଟଣା, ତରାସ, ଡିହକଷ୍ଟି, ବୃନ୍ଦାଦେଇପୁର, ଜେନାପୁର, ଦଇପୁର, ଏଣ୍ଡଲବା, ରେଖିଦେଇପୁର, ପାଇକରାପୁର, କଣ୍ଟାପାଟଣା, ବାଲିକୁଦିଆ, ରାଇଛନ୍ଦା, ବିଛାଖଣ୍ଡି, ରାମପୁର, କଦମ୍ବପାଟଣା, ମାଳହାଟ ସମେତ ପଡ଼ୋଶୀ ଢେଙ୍କାନାଳ ଜିଲ୍ଲାର ଲୋକଙ୍କ ଯାଜପୁର ପାଇଁ ଏହି ରାସ୍ତା ମୁଖ୍ୟ ରାସ୍ତା ଅଟେ। ଏ ଅଞ୍ଚଳର ଜନସାଧାରଣ କିମ୍ବା ଅନ୍ୟ ସମସ୍ତଙ୍କ ପାଇଁ ବ୍ରାହ୍ମଣୀ ବ୍ରିଜ ତଳେ ଅତିକ୍ରମ କରିଯିବା ପାଇଁ ରାସ୍ତା ଥିଲା। ମାତ୍ର ଠିକାସଂସ୍ଥା ପ୍ରାୟ ୧୫ ମାସ ହେବ ଏହି ରାସ୍ତାରେ ଯିବାଆସିବା କରିବାରେ ପ୍ରତିବନ୍ଧକ ଲଗାଇଛି। ବ୍ରିଜ ତଳେ କାମ ଆରମ୍ଭ କରିବା ପୂର୍ବରୁ ଗତ ୨୦୨୪ ସେପ୍ଟେମ୍ବର ୧୩ ତାରିଖରେ ଜାରକା- କବାଟବନ୍ଧ ନଦୀବନ୍ଧ ରାସ୍ତାର ବାରକଣାଠାରେ ମାଟି ପକାଇ ରାସ୍ତା ଅବରୋଧ କରିଥିଲା। ପୂର୍ତ୍ତ ବିଭାଗର ବିନା ଅନୁମତି ତଥା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆ ନ ଯାଇ ଏହି ରାସ୍ତା ଅବରୋଧ କାରଣରୁ ଜନସାଧାରଣଙ୍କ ଅଭିଯୋଗ ପରେ ଏହି ଅବରୋଧ ହଟିଥିଲା। ସେବେଠାରୁ ପ୍ରାୟ ୧୫ ମାସ ହେବ ବ୍ରାହ୍ମଣୀ ବ୍ରିଜ ତଳେ କେବଳ ସାଇକଲ, କାର୍ ଓ ଛୋଟ କାର୍ ଯାତାୟାତ କରୁଛି। ଠିକା ସଂସ୍ଥା ମନ୍ଥର ଗତିରେ କାମ କରୁଥିବାରୁ ଏହି ବ୍ରିଜ୍ ତଳେ ଦୀର୍ଘଦିନ ପର୍ଯ୍ୟନ୍ତ କାମବାହାନାରେ ଯିବା ଆସିବାରେ ପ୍ରତିବନ୍ଧକ ଲାଗିଛି। ଏବେ ବ୍ରିଜ୍ କାର୍ଯ୍ୟ ପାଇଁ ବହୁ ବଡ଼ ବଡ଼ ଲୁହା ଆଙ୍ଗେଲ, ପ୍ଲେଟ ଓ କାଠ ବ୍ୟବହାର କରା ଯାଇଛି। ଏହାର ତଳେ ବିପଦପୂର୍ଣ୍ଣ ଭାବେ ହଜାର ହଜାର ଲୋକ ଯିବାଆସିବା କରୁଛନ୍ତି। ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ତଥା କୌଣସି ଲୁହା ଖସି ଅଘଟଣ ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ନିର୍ମାଣ କାର୍ଯ୍ୟ ପୂର୍ବରୁ ଠିକା ସଂସ୍ଥା ସ୍ଥାନୀୟ ଲୋକଙ୍କ ଯିବା ଆସିବା କରିବା ପାଇଁ ସାମୟିକ ଭାବେ ବିକଳ୍ପ ରାସ୍ତା ନିର୍ମାଣ କରିବା କଥା। ଏହା ନ କରି ଜନସାଧାରଣଙ୍କୁ ବିପଦକୁ ଠେଲି ଦେଇ ଠିକାସଂସ୍ଥା ଚୁପ୍ ବସିଛି।

ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକଙ୍କ ସୁରକ୍ଷିତ ଯାତାୟାତ ପାଇଁ କୌଣସି ସୁବିଧା କିମ୍ବା ବିକଳ୍ପ ରାସ୍ତା କରା ନ ଯିବାରୁ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଫାୟାର ଗାଡ଼ି, ଆମ୍ବୁଲାନ୍ସ ଆଦି ଯିବାଆସିବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଥିସହିତ ସ୍କୁଲ କଲେଜ ଛାତ୍ରଛାତ୍ରୀ, ବ୍ୟବସାୟୀଙ୍କ ସମେତ ଦୈନିକ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାଉଥିବା ଶ୍ରମିକ ବହୁ ଆଶଙ୍କାରେ ଯାତାୟାତ କରୁଛନ୍ତି। ଠିକା ସଂସ୍ଥା ପକ୍ଷରୁ କୌଣସି ସତର୍କ ସୂଚନା ମଧ ଲଗାଯାଇନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଏଠାରେ ଏକ ବିକଳ୍ପ ରାସ୍ତା ନିର୍ମାଣ କରି ଜନସାଧାରଣଙ୍କ ଯିବା ଆସିବାକୁ ସ୍ୱାଭାବିକ କରିବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଠିକା ସଂସ୍ଥାର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଏକ ବିକଳ୍ପ ରାସ୍ତା ନିହାତି ଆବଶ୍ୟକ ଓ ଏହା କରିବା ପାଇଁ କହିଛନ୍ତି।

### ଦୁଇଟି ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

## ଲୁଟିନେଲେ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନାଗହଣା



**ଦଶରଥପୁର, ୧୮ା୧୨(ସମିସ):** ଦଶରଥପୁର ଥାନା କନିକାପଡ଼ା ପଞ୍ଚାୟତ ବଉଳାଙ୍ଗ ଦଳେଇ ସାହିରେ ଚୋରି ହୋଇଛି। ଘରେ ତାଲା ପକାଇ ବାହାରକୁ ଯାଇଥିବା ଜଣେ ସାହି ବାସିନ୍ଦାଙ୍କ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃର୍ତ୍ତ। ଆଲମୀରା ଭାଙ୍ଗି ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନା ଗହଣା ଓ ନଗଦ ୫୯ ହଜାର ଟଙ୍କା ଲୁଟିନେଇଥିବା ଘର ମାଲିକ ଦଶରଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବଉଳାଙ୍ଗ ଗ୍ରାମ ଦଳେଇ ସାହିର ପ୍ରଦୀପ ଦଳେଇ ଗତକାଲି ସନ୍ଧ୍ୟାରେ ଘରେ ତାଲା ପକାଇ ଗାଁରୁ ବାହାରେ ରହୁଥିବା ଭାଇଙ୍କ ନିକଟକୁ ବୁଲିବାକୁ ଯାଇଥିଲେ। ଆଜି ସକାଳେ ଗାଁକୁ ଫେରି ଘର ସମ୍ମୁଖ ଦ୍ୱାର କବାଟରେ ପଡ଼ିଥିବା ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇ ସନ୍ଦେହରେ ଘର ଭିତରକୁ ଯାଇ ଘରେ ଥିବା ଆଲମୀରା ମଧ ଖୋଲା ରହିଥିବା ଦେଖିବାକୁ ପାଇଥିଲେ। ଆଲମିରା ଭିତରେ ଥିବା ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନା ହାର, ମୁଦି, କାନଫୁଲ ସମେତ ୫୦ହଜାର ଟଙ୍କା କେହି ଲୁଟି ନେଇଥିଲେ। ପ୍ରଦୀପ ଏ ସମ୍ପର୍କରେ ପଡୋଶୀଙ୍କୁ ଜଣାଇବା ସହିତ ଦଶରଥପୁର ଥାନାରେ ପହଞ୍ଚି ଲୁଟ ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଥିଲେ। ଦଶରଥପୁର ଥାନା ଅଧିକାରୀ ଶରତ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ପ୍ରଭାତ ଲେଙ୍କା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥଲେ। ଅପରପକ୍ଷେ ଗତ ମଙ୍ଗଳବାର ରାତିରେ ସେହି ଦଶରଥପୁର ଥାନାଞ୍ଚଳ କାଟିଆ ମେର୍ଦା ସାହିର ସେକ ମାସୁଦଙ୍କ ଘରୁ ଲୁଟ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କ ମନରେ ଆତଙ୍କ ଖେଳିଯାଇଛି।

## ବୃନ୍ଦାଦେଇପୁର ପ୍ରକଳ୍ପ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କବାଟବନ୍ଧ, ୧୮ା୧୨ (ସମିସ);** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ବୃନ୍ଦାଦେଇପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଭାଷିନୀ ଶତପଥୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ମହାରଣା ଓ ସମାଜସେବୀ ନିଷ୍କାନ୍ତ ଖଟୁଆ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ଓ ଗୁରୁଜୀ ମହେଶ୍ୱର ଖଟୁଆ ପରିଚାଳନା କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଦୌଡ, ପୁଟିଂ, ଦୌଡିଡିଆଁ, ଅଖା ଦୌଡ, ମ୍ୟୁଜିକ୍ ଚେୟାର୍, ସ୍ଲୋ ସାଇକେଲ, ତିନି ଗୋଡିଆ ଦୌଡ, ଯୋଗ, ନୃତ୍ୟ ଓ ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନୃତ୍ୟ ଗୁରୁଜୀ ସୁରେଶ ଜେନା, ପଙ୍କଜିନୀ ଗୁରୁମା ପରିଚାଳନା କରିଥିଲେ। ଏଥିରେ ଅନୁଷ୍ଠାନର ଶିକ୍ଷକ ବିଶ୍ୱନାଥ ଟୁଡୁ, ମେଘନାଥ ଶତପଥୀ, ସୁରେଶ ଜେନା, ଶିକ୍ଷୟିତ୍ରୀ ପଙ୍କଜିନୀ ମଲିକ ପ୍ରମୁଖଙ୍କ ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାପତି କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀବନ୍ତ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



**ବିଞ୍ଝାରପୁର, ୧୮।୧୨ (ସମିସ):** ବିଞ୍ଝାରପୁର ବ୍ଲକ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନିଦିନିଆ ୬୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ହୋଇଛି। ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଛାତ୍ରଛାତୀଙ୍କ ଦ୍ୱାରା ପାରମ୍ଭିକ ସଙ୍ଗୀତ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ମଶାଲର ଆଗମନ, ଶପଥ ଗ୍ରହଣ ଓ ଛାତ୍ରଛାତୀଙ୍କ ଦ୍ୱାରା ପ୍ୟାରେଡ଼ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟଅତିଥିଙ୍କ ଘୋଷଣା ପରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବ୍ଲକ ଶିକ୍ଷା ଅଧିକାରୀ ତଥା ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ର, ଉପସଭାପତି ସମାଜସେବୀ ଦିଲ୍ଲୀପ ରାଉଳ, ଜିଲ୍ଲା ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାସ, ଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସ, ଶୁଭଶ୍ରୀ ବିଶ୍ୱାଳ, ଖଗେଶ୍ୱରୀ ଜେନା, ମହମ୍ମଦ ଖାଁ, ନିତୁ କମାଲ ପ୍ରମୁଖ ଉପସ୍ଥିତ ଥିଲେ।

## ପତରାଜପୁର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ବାଲିଚନ୍ଦ୍ରପୁର, ୧୮ା୧୨(ସମିସ):** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ପତରାଜପୁର ସରକାରୀ ଉଚ୍ଚବିଦ୍ୟାଳୟରେ ୪୨ତମ ବାର୍ଷିକ ଉତ୍ସବ ଓ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଚନ୍ଦ୍ରପୁର କାନାରା ବ୍ୟାଙ୍କର ଶାଖା ପରିଚାଳକ ଭାଗବତ ମାଝୀ ଯୋଗଦେଇ ଛାତ୍ରଛାତ୍ରୀ ଶିକ୍ଷା ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାକେଶ ବାରିକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତାରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି ହେବା ସହିତ ସେମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇଥାଏ ବୋଲି ମତ ଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁ ଯୋଗ ଦେଇଥିବାବେଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ମହାରଣା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଚନ୍ଦ୍ରପୁର ଶାଖା କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟିର ଶାଖା ପରିଚାଳକ ସନ୍ତୋଷୀ ସାହୁ, ପଞ୍ଚାୟତର ସରପଞ୍ଚ ତନୁଶ୍ରୀ ଦାସ, ସମିତିସଭ୍ୟ କୁଳମଣି ବାରିକ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ଜୟନ୍ତ ପରିଡ଼ା, ବାଲିଚନ୍ଦ୍ରପୁର କ୍ଲଷ୍ଟରର ସିଆରସିସି ଏକାଦଶୀ ମଲ୍ଲିକ, ଶିକ୍ଷୟିତ୍ରୀ ସୁଷମାରାଣୀ ସାମଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାକେଶ ବାରିକ ଯୋଗ ଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନର ଉପଯୁକ୍ତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ମଞ୍ଚ ପରିଚାଳନା ଶିକ୍ଷକ ବିଘ୍ନେଶ୍ୱର ସିଂ ଓ ବିରସେନ ବଳ କରିଥିଲେ। ଅତିଥି ପରିଚୟ ଶିକ୍ଷୟିତ୍ରୀ ଅମ୍ରିତା ସିଂ ଓ ଶିକ୍ଷକ ଦୁଃଶାସନ ସେଠୀ ଧନ୍ୟବାଦ ଦେଇଥିଲେ। ଖେଳ ଶିକ୍ଷକ ଦେବାଶିଷ ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୦୦ ମିଟର, ୨୦୦ ମିଟର, ୮୦୦ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ ଆଦି ଖେଳର ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ଜାନକୀ ବଲ୍ଲଭ ଦାସଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ରାଜ୍ୟ ପୁସ୍ତକ ମେଳାରେ ପୂର୍ବୀ ପ୍ରକାଶନୀ ସମ୍ବର୍ଦ୍ଧିତ



**ବ୍ୟାସନଗର, ୧୮ା୧୨(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ସପ୍ତମ ରାଜ୍ୟ ପୁସ୍ତକ ମେଳାରେ ଯାଜପୁରର ଅଗ୍ରଣୀ ପ୍ରକାଶନୀ ସଂସ୍ଥା ପୂର୍ବୀ ପ୍ରକାଶନୀ ସମ୍ବର୍ଦ୍ଧିତ ହୋଇଛି। ୧୨ ଦିନ ଧରି ଚାଲିଥିବା ଏହି ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ଯଶୋଧାରା ମିଶ୍ର, ସମ୍ମାନିତ ଅତିଥି ଭାବେ ବିଭାଗୀୟ ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାସ, ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ପ୍ରକାଶନୀର ମୁଖ୍ୟ ପରାମର୍ଶଦାତା ଅଧ୍ୟାପକ ବିରଞ୍ଚି ନାରାୟଣ ଦାସଙ୍କୁ ମାନପତ୍ର ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ଚଳିତ ବର୍ଷ ପ୍ରକାଶନୀ ପକ୍ଷରୁ ୭୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ପୁସ୍ତକ ମେଳାରେ ପ୍ରଦର୍ଶିତ ହୋଇଥିଲା। ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଓଡ଼ିଶାର ଇତିହାସ, ଗଦାଧର ମିଶ୍ରଙ୍କ ଓଡିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ ଓ ଗାଳ୍ପିକ ଅରବିନ୍ଦ ଦାସଙ୍କ ଗଳ୍ପ ସଙ୍କଳନକୁ ନେଇ ଷ୍ଟଲରେ ଖୁବ୍ ପାଠକୀୟ ଆଗ୍ରହ ପରିଲକ୍ଷିତ ହୋଇଥିଲା।

## ଗ୍ରୀନ୍‌ଲ୍ୟାଣ୍ଡ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା

**କୟାଁଗୋଲା, ୧୮ା୧୨(ସମିସ):** ଦଶରଥପୁର ବ୍ଲକ ଅଧୀନସ୍ଥ ମଙ୍ଗଳପୁର ବଜାର ସଂଲଗ୍ନ ଗ୍ରୀନଲ୍ୟାଣ୍ଡ ପବ୍ଲିକ ସ୍କୁଲରେ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ସୁରଥ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗତ ୩ ଦିନ ହେବ ଅନୁଷ୍ଠିତ ହୋଇଆସୁଥିଲା। ଲମ୍ବଡିଆଁ, ଉଚ୍ଚଡିଆଁ, ଦୌଡ଼, ମ୍ୟୁଜିକ ଚେୟାର, ଡିସକସ ଥ୍ରୋ, ଜାଭେଲିନ ଥ୍ରୋ, ସଟପୁଟ ଭଳି ବିଭିନ୍ନ କ୍ରୀଡ଼ା ବିଭାଗରେ ୨ ଶହରୁ



ଅଧିକ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ସିଲ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନରେ ଶିକ୍ଷୟିତ୍ରୀ ବିଶ୍ୱରୂପା ଦାସ, ପ୍ରଭାସିନୀ ନାୟକ, ଶୁଭଶ୍ରୀ ବେହେରା, ପ୍ରତୀକ୍ଷା ସାମଲ, ଶିକ୍ଷକ ରମେଶ ଜେନା, ରଜତ ଦଳାଇ, ରାଜକିଶୋର ସାହୁ, ପ୍ରଦୀପ ନାୟକ, ଚକ୍ରଧର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ରକ୍ଷାକାଳୀ ବଣିକ ସଂଘର ଲକ୍ଷ୍ମୀନାରାୟଣ ପୂଜା



**ବରୁଆଁ, ୧୮ା୧୨(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆରେ ରକ୍ଷାକାଳୀ ବଣିକ ସଂଘ ଆନୁକୂଲ୍ୟରେ ପବିତ୍ର ଧନୁ ସଂକ୍ରାନ୍ତି ଦିନ ଠାକୁର ଲକ୍ଷ୍ମୀନାରାୟଣଙ୍କ ପୂଜା ଉପଲକ୍ଷେ ନିକଟସ୍ଥ ଖରସ୍ରୋତା ନଦୀରୁ କର୍ତ୍ତା ମୋହନ ସୁନ୍ଦର ରାଉତ ଓ କର୍ତ୍ତୀ ପ୍ରଜ୍ଞା ପରିମିତା ରାଉତ ପବିତ୍ର ଜଳ ଧାରଣ କରି ସନ୍ଧ୍ୟାରେ କୀର୍ତ୍ତନ, ବାଜାବାଣ ସହ ବିରାଟ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ। ସ୍ୱପ୍ନେଶ୍ୱରପୁରର ପୁରୋହିତ ପଣ୍ଡିତ ସୀତାରାମ ପତି, ଇନ୍ଦ୍ରମଣି ପତି, ଅମୀୟ କୁମାର ପତି ପୂଜା ଓ ହୋମ ଯଜ୍ଞ ସମ୍ପାଦିତ କରିଥିବାବେଳେ ସହଯୋଗୀ ଭାବେ ବନମାଳୀ ବାରିକ ନିୟୋଜିତ ଅଛନ୍ତି। ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରି କୃପାଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଠାକୁରଙ୍କ ମୃଣ୍ମୟ ମୂର୍ତ୍ତିରେ ଗଜ ଉଦ୍ଧାରଣ ବେଶ ସାଙ୍ଗକୁ ଦଶ ଅବତାର ଓ ଶ୍ରୀକୃଷ୍ଣଙ୍କ ଲବଣୀ ଚୋରି ମୂର୍ତ୍ତି ବହୁ ଆକର୍ଷଣୀୟ ହୋଇଥିବାରୁ ଶ୍ରଦ୍ଧାଳୁ ଭକ୍ତି ସହକାରେ ଆଶିଷ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଦୈନନ୍ଦିନ ପୂଜାପାଠ, ହୋମ ଯଜ୍ଞ ସମ୍ପାଦିତ ହୋଇ ଆସନ୍ତା ୨୩ ତାରିଖରେ ପୂର୍ଣ୍ଣାହୁତି ଓ ବିସର୍ଜନ କରାଯିବ ବୋଲି ବଣିକ ସଂଘର ସଭାପତି ବିଜୟ କୁମାର ପାଢ଼ୀ ସୂଚନା ଦେଇଛନ୍ତି।

## ଧର୍ମଶାଳା ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ପୂର୍ଣ୍ଣାହୁତି

**ଧର୍ମଶାଳା, ୧୮ା୧୨(ସମିସ):** ଧର୍ମଶାଳା ବ୍ଲକ ଜାରକାଠାରେ ପବିତ୍ର ଧନୁସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ (ଗଜଉଦ୍ଧାରଣ) ପୂଜାର ଆଜି ପୂର୍ଣ୍ଣାହୁତି କରାଯାଇଛି। ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ଗତ ୧୬ ତାରିଖରୁ ପୂଜା ଆରମ୍ଭ ହୋଥିଲା। ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଆୟୋଜିତ ଏହି ପୂଜାରେ ପୂର୍ବତନ ବ୍ଲକ

### ୨୫ରୁ ଧର୍ମଶାଳା ମହୋତ୍ସବ

ଅଧ୍ୟକ୍ଷ କିଶାନ ପଣ୍ଡା ଓ ପ୍ରଫୁଲ୍ଲ ରାଉତ କର୍ତ୍ତା ଭାବେ ଯୋଗଦେଇଥିଲେ। ମଙ୍ଗଳବାର ସକାଳୁ ନଦୀରୁ ଜଳ ଅଣାଯାଇ ମଣ୍ଡପରେ କଳସ ପ୍ରତିଷ୍ଠା କରାଯିବା ସହ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ କରାଯାଇଥିଲା। ଏହି ପୂଜା ଅବସରରେ ଆସନ୍ତା ୨୫ ତାରିଖରେ ଧର୍ମଶାଳା ମହୋତ୍ସବର ଶୁଭ ଉଦଘାଟନ କରାଯିବ।

ଉଦଘାଟନୀ ଉତ୍ସବରେ ବିଧାୟକ ହିମାଂଶୁ ଶେଖର ସାହୁ, ସାଂସଦ ରବିନାରାୟଣ ବେହେରା ଓ ଏକାଧିକ ମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଅଧିକ ଫୋକସ କରାଯାଇଛି। ୨୫ ତାରିଖ ସନ୍ଧ୍ୟାରେ ମହୋତ୍ସବ ଉଦଘାଟନ ପରେ ବିଭିନ୍ନ ଓଲିଉଡ, ବଲିଉଡ କଳାକାରଙ୍କ ଦ୍ୱାରା ପ୍ରତ୍ୟେକ ସନ୍ଧ୍ୟାରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯିବ। ମହୋତ୍ସବ ପଡ଼ିଆ ଚାରିପଟେ ଷ୍ଟଲ ନିର୍ମାଣ କରାଯାଇଛି। ପୂଜାର ତୃତୀୟ ସନ୍ଧ୍ୟାରେ ଆଜି ମଣ୍ଡପରେ ବଡମଙ୍ଗଳପୁର ଓ କୁମାରୀ ଗ୍ରାମର କୀର୍ତ୍ତନମଣ୍ଡଳୀ ଦ୍ୱାରା କୀର୍ତ୍ତନ ପରିବେଷଣ କରାଯାଇଥିଲା। ଆଜି ଲକ୍ଷ୍ମୀନାରାୟଣ ପୂଜାର ପୂର୍ଣ୍ଣାହୁତି କରାଯିବା ସହ ବିସର୍ଜନ କରାଯାଇଥିଲା। କମିଟିର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଜି ବିସର୍ଜନ କରାଯାଇଥିଲେ ମଧ ମହୋତ୍ସବ ଶେଷ ହେବା ଯାଏଁ ଠାକୁର ମଣ୍ଡପରେ ରହିବେ। ମହୋତ୍ସବକୁ ସରଶ ସୁନ୍ଦର କରିବା ଲାଗି କମିଟି ସଭାପତି ରବିନାରାୟଣ ସାହୁ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହସମ୍ପାଦକ ଜିତେନ୍ଦ୍ର ରାଉତ, ସଂଯୋଜକ ଦେବରାଜ ମିଶ୍ର, ରାଜେଶ ପାଳ, ନିର୍ମଳ ପ୍ରଧାନ, ସବ୍ୟସାଚୀ ସୁନ୍ଦରରାୟ, କାଶୀନାଥ ସାହୁ, ଅଜାମ୍ବର ସାହୁ, ବିଚିତ୍ରାନନ୍ଦ ସ୍ୱାଇଁ, ଅଶୋକ ସାହୁ, ଜଳଧର ସାହୁ, ଜଗଦୀଶ ମହାନ୍ତି, ମନୋଜ ରାଉଳ, ବଟକୃଷ୍ଣ ସାହୁ, ଭରତ ସାହୁ, ଯୁଗଳ ଦାସ, ଉପେନ୍ଦ୍ର କର, ପ୍ରଭାତ ପଲେଇ, ଚିତ୍ତରଞ୍ଜନ ଶତପଥୀ ପ୍ରମୁଖ ସହଯୋଗ କରୁଛନ୍ତି।



## ୧୩ତମ ଯାଜପୁର ସଦର ମହୋତ୍ସବ ଉଦ୍‌ଘାଟିତ

**ଯାଜପୁର, ୧୮ା୧୨(ସମିସ)**



ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆରେ ଚଳିତବର୍ଷ ସଦର ମହୋତ୍ସବ ଆରମ୍ଭ ହୋଇଛି। ସଦର ମହୋତ୍ସବ କମିଟି ସଭାପତି ବ୍ରଜକିଶୋର ପାଢ଼ୀ ଓ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ମା' ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦଘାଟନ କରିଛନ୍ତି। ସଦର ମହୋତ୍ସବ ଭାଇଚାରାର ପ୍ରତୀକ ବୋଲି ସଭାପତି ଶ୍ରୀ ପାଢ଼ୀ ପ୍ରକାଶ କରିବା ସହ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।

ଚଳିତ ବର୍ଷ ଆକର୍ଷଣୀୟ ତୋରଣ, ରଙ୍ଗ ବେରଙ୍ଗର ଆଲୋକମାଳାରେ ଝଲସୁଛି ସଦର ମହୋତ୍ସବ। ବିଭିନ୍ନ ପ୍ରକାରର ଦୋଳି ସାଙ୍ଗକୁ ଶତାଧିକ ଦୋକାନ ଓ ମୀନା ବଜାରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଶୀତୁଆ ସନ୍ଧ୍ୟାରେ ବହୁ ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମ ଦିନ ୪୦ରୁ ଊର୍ଦ୍ଧ୍ୱ କୁନିକୁନି ପିଲାଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ, ଓଡ଼ିଆ ଭଜନ ମାଧ୍ୟମରେ ନୃତ୍ୟ ପରିବେଷଣ କରିଥିଲେ। ପ୍ରତ୍ୟେକ ନୃତ୍ୟଶିଳ୍ପୀଙ୍କୁ ଅନୁଷ୍ଠାନ ପକ୍ଷରୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଆଖପାଖ ପ୍ରାୟ ୧୦ଟି ପଞ୍ଚାୟତର ଲୋକଙ୍କ ସହଯୋଗରେ ଏହି ସଦର ମହୋତ୍ସବ ବହୁ ଆଡ଼ମ୍ବର ସହକାରେ ପାଳିତ ହେଉଛି। ପ୍ରତ୍ୟେକ ସନ୍ଧ୍ୟାରେ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରକ୍ଷାକାଳୀ ବଣିକ ସଂଘ ସଭାପତି ବିଜୟ କୁମାର ପାଢ଼ୀ, ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ସିମିଳିଆ ସରପଞ୍ଚ ଗୋଲାପ ଜେନା, କରୁଣାକର ବିଶ୍ୱାଳ, ରଶ୍ମିରଞ୍ଜନ ମହାନ୍ତି, ଗୌରାଙ୍ଗ ସାମଲ, ସେକ୍ ମୋଜାହିଦ, ପ୍ରଦୀପ ନାୟକ, ରଞ୍ଜନ ପାଢ଼ୀ, ବିଜୟ ମହାନ୍ତି, ମାଧବ ମାଝି, ଶେଖ୍ ଫିରୋଜ ବାଦଶାହା, ସୁଧାଂଶୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଧର୍ମଶାଳା ପ୍ରେସ୍ କ୍ଲବ୍‌ର ବରିଷ୍ଠ ସାମ୍ବାଦିକ ଆହତ



ଧର୍ମଶାଳା,୧୮ ।୧୨(ସମିସ): ଧର୍ମଶାଳା ପ୍ରେସ୍ କ୍ଲବର ପୂର୍ବତନ ସଭାପତି ତଥା ବରିଷ୍ଠ ଉପଦେଷ୍ଟା ବଟକୃଷ୍ଣ ପରିଡା ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ ଜାରକାରୁ କାମ ସାରି ଘରେ ପହଞ୍ଚି ବାଇକ୍ ରଖୁଥିବା ସମୟରେ ଭାରସାମ୍ୟ ହରାଇବାରୁ ବାଇକ୍ ତାଙ୍କ ବାମ ଗୋଡ ଉପରେ ପଡ଼ିଯାଇଥିଲା। ଫଳରେ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ମେଡିକାଲକୁ ନେଇ ପରୀକ୍ଷା କରିବା ପରେ ବାମ ଗୋଡ ଭାଙ୍ଗିଯାଇଥିବା ଜଣାପଡ଼ିଥିଲା। ତାଙ୍କ ଗୋଡକୁ ପ୍ଲାଷ୍ଟର କରାଯାଇଥିଲାବେଳେ ଏକ ମାସ ପାଇଁ ଘରେ ରହି ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପ୍ରେସ କ୍ଲବ୍‌ର ସମସ୍ତ ସଦସ୍ୟ ଓ ତାଙ୍କର ଶୁଭେଚ୍ଛୁ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଗୁରୁକୁଳ ପବ୍ଲିକ୍ ସ୍କୁଲରେ ବାର୍ଷିକ କ୍ରୀଡ଼ା



ଧର୍ମଶାଳା,୧୮ ।୧୨(ସମିସ): ଧର୍ମଶାଳା ବ୍ଲକ୍ ହରିଦାସପୁରସ୍ଥ ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜୀବନରେ ସଂଘର୍ଷ, ନିରନ୍ତର ପ୍ରଚେଷ୍ଟା ଓ କ୍ରୀଡ଼ାର ଗୁରୁତ୍ୱ ବିଷୟରେ ନିଜର ସମ୍ଭାଷଣ ଉପସ୍ଥାପନ କରି ସମସ୍ତଙ୍କୁ ପ୍ରେରଣା ଯୋଗାଇଥିଲେ। ସ୍କୁଲର ଚେୟାରମ୍ୟାନ ଅଭୟ ଜେନା ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ଏହି କ୍ରୀଡା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ଭାବା, କଲାମ, ଖୋରାନା ଓ ରମନ ଆଦି ବିଭିନ୍ନ ହାଉସର ଛାତ୍ରଙ୍କ ଦ୍ୱାରା ପିରାମିଡ୍ ପ୍ରଦର୍ଶନୀର ପ୍ରତିଯୋଗିତା କରାଯିବା ସହିତ ରିଲେ ଦୌଡ଼ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା। ଅଲିମ୍ପିଆନ୍ ଦୂତୀ ଚାନ୍ଦ ପିଲାଙ୍କ ସହ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିବସରେ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଚଣ୍ଡିଖୋଲ ଶାଖାର ଉପମୁଖ୍ୟ ପରିଚାଳକ ଶୁଭଦର୍ଶନୀ ସାହାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାର ମୂଲ୍ୟବୋଧ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଖେଳ ଶିକ୍ଷକ ପଲ୍ଟୁ କୁମାର ପାଲ୍ ଓ ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସଙ୍କ ଦ୍ୱାରା ସମସ୍ତ କ୍ରୀଡା ପ୍ରତିଯୋଗିତାର ସୁପରିଚାଳନା କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅସହାୟ ପରିବାରକୁ ମିଳିଲା ସହାୟତା



ମଙ୍ଗଳପୁର, ୧୮ ।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ବୋଡ଼କ ପଞ୍ଚାୟତ ଓଲଗ ଗ୍ରାମର ନିତ୍ୟାନନ୍ଦ ସୂତାର ଦୁଇବର୍ଷ ପୂର୍ବରୁ ସଡ଼କ ଦୁର୍ଘଟଣାରେ ଶିକାର ହୋଇ ଶଯ୍ୟାଶାୟୀ ଥିବାବେଳେ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ପନ୍ଥା ନାହିଁ। ଗରିବ ପରିବାର ମଧ୍ୟରେ ତାଙ୍କ ସ୍ତ୍ରୀଙ୍କୁ ଛାଡି ଗୋଟିଏ ୮ ବର୍ଷ ଓ ଗୋଟିଏ ୫ ବର୍ଷର ଝିଅ ଅଛନ୍ତି। ଏକମାତ୍ର ରୋଜଗାର କରୁଥିବା ବ୍ୟକ୍ତି ନିତ୍ୟାନନ୍ଦ ଏବେ ରୋଗାକ୍ରାନ୍ତ ହୋଇପଡିଛନ୍ତି। ଏହି ଅସମୟରେ ଖବର ପାଇ ଦଶରଥପୁର ବ୍ଲକ୍‌ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଅଛୁ ଆପଣଙ୍କ ସାଥିରେ ହେଲପିଂ ଗ୍ରୁପ ଓଲଗ ଗ୍ରାମର ନିତ୍ୟାନନ୍ଦଙ୍କ ଘରେ ପହଞ୍ଚି ରାସନ ସାମଗ୍ରୀ, କମ୍ବଳ ସହିତ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଏଥିସହିତ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପାଇଁ ଆର୍ଥିକ ସହାୟତା ଦେବା ସହିତ ଦୁଇଝିଅଙ୍କ ପାଠପଢା ପାଇଁ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନୁଷ୍ଠାନର ମୁଖ୍ୟ ଦେବବ୍ରତ ନାୟକଙ୍କ ସହିତ ଉମେଶ ଦାସ, ପଦ୍ମଲୋଚନ ଦାସ, କୈଳାସ ମଲ୍ଲିକ ପ୍ରମୁଖ ନିତ୍ୟାନନ୍ଦଙ୍କ ପରିବାର ନିକଟରେ ଉପସ୍ଥିତ ରହି ଆଲୋଚନା କରିଥିଲେ।

### ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

# ‘ଆଧୁନିକ ଯାନ୍ତ୍ରିକ ବ୍ୟବହାର କୃଷି କ୍ଷେତ୍ରକୁ ଆଗକୁ ନେବ’

ଯାଜପୁର, ୧୮ ।୧୨(ସମିସ)



ଆଜି ଅପରାହ୍ନରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ କୁସୁମା ସମ୍ମୁଖସ୍ଥ ପଡିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀପ୍ରଭା ଜେନାଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀପ୍ରଭା ଜେନା ଯୋଗଦେଇ କହିଲେ, କୃଷି ବିନା ଜୀବନ ଅସମ୍ଭବ। କୃଷି କାର୍ଯ୍ୟ ହେଲେ ଆମକୁ ଆହାର ମିଳୁଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି କ୍ଷେତ୍ରରେ ବିକାଶ ହେଲେ ଆମ ରାଜ୍ୟର ବିକାଶ ହେବ। ଆଜିର ଦିନରେ ଆଧୁନିକ ଯାନ୍ତ୍ରିକକରଣ ଉପଯୋଗ କରି କୃଷିକୁ ଆହୁରି ଆଗକୁ ନେଇ ଯିବାକୁ ପରାମର୍ଶ ଦେଇଥିଲେ।

ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସ୍ୱାଇଁ କହିଲେ, ଆଜିର ଏହି କୃଷି ଯନ୍ତ୍ରପାତି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷି ଯନ୍ତ୍ରପାତି ମାଧ୍ୟମରେ କୃଷି କାର୍ଯ୍ୟକୁ କିପରି ଆମେ ଆହୁରି ଆଗକୁ ନେଇପାରିବ ଓ ସରଳ ଉପାୟରେ ଫସଲ ଉତ୍ପାଦନ କରିପାରିବା। ସରକାରଙ୍କ ପକ୍ଷରୁ କୃଷି ଯନ୍ତ୍ରପାତିରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଯାହାକୁ ଉପଯୋଗ କରି କୃଷକ ଭାଇ କୃଷି କାର୍ଯ୍ୟ ସୁବିଧାରେ କରିପାରିବେ। ସମ୍ମାନିତ ଅତିଥି ଭାବେ ଯାଜପୁର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ସାଂସଦ ପ୍ରତିନିଧି ଜିତେନ୍ଦ୍ର ବିଶ୍ୱାଳ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁନୀଲ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ ମହାପାତ୍ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (କୃଷି), କେନ୍ଦ୍ରାପଡ଼ା ସଞ୍ଜୀବ ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରି ଆଧୁନିକ ବୈଷୟିକ ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ଏହି ମେଳା ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି,ଯାଜପୁର ଆନୁକୂଲ୍ୟରେ ୪ ଜଣ ହିତାଧିକାରୀଙ୍କୁ ସଳଖ ରିହାତି ମୂଲ୍ୟରେ ଟ୍ରାକ୍ଟର ବିତରଣ କରାଯାଇଥିଲା। ରବିଋତୁ ପାଇଁ କୃଷି ରଥ ମାଧ୍ୟମରେ ପ୍ରସାର ପାଇଁ ଉଦଘାଟିତ ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କୃଷି ଯନ୍ତ୍ରପାତି ମେଳାରେ କୃଷି ଓ ଆନୁଷଙ୍ଗିକ ବିଭାଗ ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଳ ବିଭାଜିକା, ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ, ଇଫକୋ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ମିଶନ ଶକ୍ତି, ଆଇପିଏଲ ସୁଗାର ଆଦି ଅଂଶଗ୍ରହଣ କରିଛନ୍ତି। ଘରୋଇ କୃଷି ଯନ୍ତ୍ରପାତି ବିକ୍ରେତାଙ୍କ ପାଇଁ ୫୦ଟି ମଣ୍ଡପ (ଷ୍ଟଲ୍) ଓ ସରକାରୀ ବିଭାଗ ପାଇଁ ୩୮ ଟି ମଣ୍ଡପ (ଷ୍ଟଲ୍) ର ବ୍ୟବସ୍ଥା କରାଯାଇଛି। ଏହି ମଣ୍ଡପରେ ବିଭାଗୀୟ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତିର ତତ୍କାଳ ବୁକିଂ ଓ ବିକ୍ରୟର ବ୍ୟବସ୍ଥା କରାଯାଇଛି। କୃଷି ମେଳାରେ କୃଷକ ଭାଇଙ୍କୁ ବିଭିନ୍ନ ଆଧୁନିକ କୃଷି କୌଶଳ ସମ୍ବନ୍ଧରେ ଅବଗତ କରିବା ପାଇଁ ତାରିଖ ୧୯ରୁ ୨୧ ତାରିଖ ମଧ୍ୟରେ ୧୨ଟି କୃଷକ ବୈଜ୍ଞାନିକ ଆଲୋଚନାଚକ୍ରର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ଆଲୋଚନାଚକ୍ରରେ ଶହେ ଜଣ କୃଷକ ଅଂଶଗ୍ରହଣ କରିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ରିହାତି ଉପଯୋଗ କରିଥିବା ବ୍ଲକ୍‌କୁ ସମ୍ବର୍ଦ୍ଧିତ କରାଯିବ।

# ଓଡ଼ିଆ ବିଭାଗର ଶୈକ୍ଷିକ ପରିଭ୍ରମଣ



କୁନ୍ଦଲ,୧୮ ।୧୨(ସମିସ): ବାଲିଚନ୍ଦ୍ରପୁରସ୍ଥ ସାହାସପୁର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ମିନତି ମଞ୍ଜରୀ ନାୟକ, ଅଧ୍ୟାପିକା ଆଦ୍ୟାମୌସୁମୀ ମହାନ୍ତି, ଅଧ୍ୟାପକ ଅଶୋକ ମଲ୍ଲିକ ଓ ଅଧ୍ୟାପକ ଦିପୁନ୍ ପୁହାଣଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ପାଇଁ ଏହି ଏକଦିବସୀୟ ଶୈକ୍ଷିକ ପରିଭ୍ରମଣର ଆୟୋଜନ କରାଯାଇଥିଲା। ଏହି ପରିଭ୍ରମଣର ଉଦ୍ଦେଶ୍ୟ ଥିଲା ପ୍ରାଚୀ ସଭ୍ୟତା, ସାହିତ୍ୟ ଓ ସଂସ୍କୃତିର ଅନୁଶୀଳନ। ଓଡ଼ିଶାର ଇତିହାସ ଓ ପୁରାଣ ପ୍ରସିଦ୍ଧ ପ୍ରାଚୀ ନଦୀ ଅବବାହିକାସ୍ଥିକବି ଜୟଦେବଙ୍କ ଜନ୍ମପୀଠ ପରିଦର୍ଶନ ସହିତ ଗୀତଗୋବିନ୍ଦର ସାହିତ୍ୟିକ ଓ ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ପିଲାଙ୍କୁ ଅବଗତ କରାଯାଇଥିଲା। ପରେ ନିଆଳିସ୍ଥ ମାଧବ ମନ୍ଦିର ପରିଦର୍ଶନ କରି ଓଡ଼ିଶାରେ ମାଧବ ଉପାସନାର ଇତିହାସ ଓ ବୈଷ୍ଣବ ଧର୍ମର ମହତ୍ତ୍ୱ ତଥା କଳିଙ୍ଗ ଶୈଳୀରେ ନିର୍ମିତ ମନ୍ଦିରର କାରୁକାର୍ଯ୍ୟ ବିଷୟରେ ପିଲାଙ୍କୁ ଅବଗତ କରାଯାଇଥିଲା। ପରେ ପ୍ରାଚୀ ଅବବାହିକା ସ୍ଥିତ ମାଆ ମଙ୍ଗଳା ମନ୍ଦିର ଦର୍ଶନ କରି ଓଡ଼ିଶାରେ ଶାକ୍ତ ପରମ୍ପରା ବିଷୟରେ ପିଲାଙ୍କୁ ଧାରଣା ଦିଆଯାଇଥିଲା। ଏହି ଶୈକ୍ଷିକ ପରିଭ୍ରମଣ ଦ୍ୱାରା ପିଲାଙ୍କ ମଧ୍ୟରେ ସାହିତ୍ୟ, ସଂସ୍କୃତି ଓ ଉତ୍କଳର କଳା କାରିଗରୀ ପ୍ରତି ବିଶେଷ ଧାରଣା ତିଆରି ହୋଇପାରିଥିବ ବୋଲି ବିଭାଗର ଅଧ୍ୟାପକ ଅଧ୍ୟାପିକା ଆଶା ପୋଷଣ କରିଛନ୍ତି।

# ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

ସୁକିନ୍ଦା,୧୮ ।୧୨(ସମିସ): ସୁକିନ୍ଦା-ଅଶୋକଝର ରାସ୍ତାର ବିରିଗୋଡା ନାଳ ପାଖ ରାସ୍ତାରେ ଦୁଇ ବାଇକ ଦୁର୍ଘଟଣାରେ ତିନିଜଣ ଗୁରୁତର ହୋଇଛନ୍ତି। କେନ୍ଦୁଝର ଥାନା ଅଞ୍ଚଳର ଭୋଲେଶ୍ୱର୍ ମହାନ୍ତଙ୍କ ପୁଅ ପ୍ରୀତିମୟ ମହାନ୍ତ (୨୫) ପତ୍ନୀ ଓ ଶିଶୁପୁତ୍ରକୁ ନେଇ ବାଇକ ଯୋଗେ ଆମ୍ବପାଳସ୍ଥ ବନ୍ଧୁ ଘରକୁ ଯାଇ ଫେରୁଥିବା ସମୟରେ ବିରିଗୋଡା ନାଳ ପାଖ ବୁଲାଣି ରାସ୍ତାରେ ବିପରୀତ ଦିଗରୁ ବାଇକରେ ଆସୁଥିବା ବନ୍ଧଗାଁ ଲାଲମୋହନ ମହାନ୍ତଙ୍କ ପୁଅ ସୂର୍ଯ୍ୟକାନ୍ତ ମହାନ୍ତ(୧୮)ଙ୍କ ସହ ଧକ୍କା ହୋଇଥିଲା। ପ୍ରୀତିମୟ ଓ ଶିଶୁପୁତ୍ର ଗୋଡ଼ରେ ଗଭୀର ଆଘାତ ଲାଗିଥିବାବେଳେ ସୂର୍ଯ୍ୟକାନ୍ତଙ୍କ ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସମସ୍ତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରୀତିମୟଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ମା' ବିରଜା ମନ୍ଦିରରେ ନିଷେଧ ହେବ ଆମିଷ ଓ ମଦ

ଯାଜପୁର,୧୮ ।୧୨(ସମିସ): ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠର ପବିତ୍ରତା ଓ ସାତ୍ତ୍ୱିକ ପରିବେଶ ବଜାୟ ରଖିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯିବା ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୨୩ ତାରିଖ ଅପରାହ୍ନ ୫.୩୦ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମା'ଙ୍କ ମନ୍ଦିର ପରିସରରେ ବିଶେଷ କରି ମନ୍ଦିରର ୨ କିମି ବ୍ୟାସାର୍ଦ୍ଧ ଅଞ୍ଚଳ ମଧ୍ୟରେ କୌଣସି ପ୍ରକାର ଆମିଷ ଦ୍ରବ୍ୟ ଓ ମଦ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯିବ। ବିଭିନ୍ନ ବୁଦ୍ଧିଜୀବୀ ପରିଷଦ, ସାମାଜିକ ଅନୁଷ୍ଠାନ ଓ ସେବାୟତ ସଂଘ ପକ୍ଷରୁ ଦୀର୍ଘ ବର୍ଷର ଦାବି ମୁତାବକ ମନ୍ଦିରର ୨ କିମି ବ୍ୟାସାର୍ଦ୍ଧ ଅଞ୍ଚଳକୁ ସମ୍ପୂର୍ଣ୍ଣ ଆମିଷ ଓ ମଦ ମୁକ୍ତ ''ସାତ୍ତ୍ୱିକ ଜୋନ’ ଘୋଷଣା ଓ ଏଥିସହିତ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯିବ। ଉକ୍ତ ପରିଧି ମଧ୍ୟରେ ଥିବା ଆମିଷ ବ୍ୟବସାୟୀଙ୍କୁ ସୁବ୍ୟବସ୍ଥିତ ଭାବେ ଆରଏମସି ପରିସର କିମ୍ବା ଅନ୍ୟାନ୍ୟ ନିର୍ଦ୍ଧାରିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।






### ଖରସ୍ରୋତା ପୁସ୍ତକ ମେଳା

# ‘ପୁସ୍ତକର ଆବଶ୍ୟକତା ମନୁଷ୍ୟ ଜାତି ପାଇଁ ଅପରିହାର୍ଯ୍ୟ’




ସିଂହପୁର,୧୮ ।୧୨(ସମିସ) : ରାଜ୍ୟସ୍ତରୀୟ ଖରସ୍ରୋତା ପୁସ୍ତକ ମେଳାର ପ୍ରତିଷ୍ଠାତା ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ମଲ୍ଲିଆ ଯଜ୍ଞ ପଡିଆରେ ପୁସ୍ତକ ମେଳା ଆୟୋଜିତ ହେଉଛି। ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁଲେଖକ ଗୋବିନ୍ଦ ଚନ୍ଦ୍ର ଭୂୟାଁ ଉଦ୍‌ଘାଟକ ରୂପେ ଯୋଗଦେଇ ପୁସ୍ତକ ମେଳା ଓ ପୁସ୍ତକର ଆବଶ୍ୟକତା ମନୁଷ୍ୟ ଜାତି ଲାଗି ଅତ୍ୟନ୍ତ ପରିହାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟଅତିଥି ରୂପେ ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ସାହୁ ଯୋଗଦେଇ ଖରସ୍ରୋତା ପୁସ୍ତକ ମେଳା ଖରସ୍ରୋତା ଅବବାହିକାର ଅସ୍ମିତା, ସ୍ୱାଭିମାନ ଓ ସମ୍ମାନର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ସୁଲେଖକ ଓ ଗବେଷକ ଅନୀଲ କୁମାର ଧର ଯୋଗଦେଇ ଗ୍ରାମାଞ୍ଚଳରେ ସରକାରୀ ଆର୍ଥିକ ସହଯୋଗରେ ପୁସ୍ତକ ମେଳାକୁ ପ୍ରୋତ୍ସାହନ ଦିଆଗଲେ ପୁସ୍ତକ ମେଳାର ସ୍ଥାୟିତ୍ୱ ଓ ସଫଳତା ଅଧିକ ମିଳିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଞ୍ଝାରପୁର ମଣ୍ଡଳ ଉନ୍ନୟନ ଅଧିକାରୀ ହିତାଂଶୁ ସାମଲ ଯୋଗ ଦେଇଥିଲେ। ତୃତୀୟ ଖରସ୍ରୋତା ପୁସ୍ତକ ମେଳାର ସାରସ୍ୱତ ସମ୍ମାନରେ ଆଳି ଇତିହାସର ଲେଖକ ଗୋଲକ ବିହାରୀ ସିଂହଙ୍କୁ ମେଳା କମିଟି ପକ୍ଷ୍ୟରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ବହି ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ସୁଧୀର ଆଚାର୍ଯ୍ୟ ମନ୍ତ୍ର ପାଠ କରିଥିଲେ। ଉପଦେଷ୍ଟା ବ୍ରହ୍ମାନନ୍ଦ ମଲ୍ଲିକ ମାନପତ୍ର ପଠନ କରିଥିବାବେଳେ ଉପଦେଷ୍ଟା ନିରଞ୍ଜନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ କାର୍ଯ୍ୟକାରୀ ସଭାପତି ସୁବାସ ପ୍ରଧାନ, ଉପଦେଷ୍ଟା ଭରତ ନାୟକ ପୁସ୍ତକ ମେଳା ପ୍ରତି ସମସ୍ତଙ୍କର ନିରନ୍ତର ସହଯୋଗ ଓ ଶ୍ରଦ୍ଧା ନିୟମିତ ରଖିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ପ୍ରାଧ୍ୟାପକ ଅଜୟ ଓଝା ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମକୁ ଉପଦେଷ୍ଟା ରବିନାରାୟଣ ସାମଲ, ନାରାୟଣ ଦାସ, ଶରତ ସାହୁ, ଅମ୍ବିକା ସାମଲ, ବିଷ୍ଣୁଚରଣ ସାହାଣୀ, ଅରୁଣ ସାମଲ, ଶରତ ନାୟକ, ପ୍ରତାପ ବେହେରା, ଭାରତ ଭୂଷଣ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଦାଶ, ରମାକାନ୍ତ ନାୟକ, ରବିନ୍ଦ୍ର ଦାଶ, ପ୍ରତିଜ୍ଞା ସାହୁ ପରିଚାଳନା କରିଥିବା ସଭାପତି ଶ୍ରୀ ଗୁରୁ ଜଣାଇଛନ୍ତି।

ସକାଳ
THE SAKALA



ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା ସମ୍ପୂର୍ଣ୍ଣ ବିକଶିତ ହୋଇଯିବ ସେତେବେଳେ ମଣିଷମାନଙ୍କ ମଧ୍ୟରେ ପ୍ରତିଯୋଗିତାର ଆସ୍ପର୍ଦ୍ଧା ସମାପ୍ତ ହୋଇଯିବ।

-ଷ୍ଟିଫେନ୍ ହକିଂ

# ପାକିସ୍ତାନ ରାସ୍ତାରେ ବାଂଲାଦେଶ

କିଛିଦିନର ନିରବତା ପରେ ଏବେ ପୁଣି ବାଂଲାଦେଶରେ ହିନ୍ଦୁ-ବିରୋଧୀ ଆନ୍ଦୋଳନ ତେଜିଛି। ହିନ୍ଦୁ-ଭାରତ ବିଦ୍ୱେଷକୁ ରାଜନୈତିକ ପ୍ରସଙ୍ଗ କଲେ ରାଷ୍ଟ୍ର ଓ ରାଷ୍ଟ୍ରବାସୀଙ୍କ ଭବିଷ୍ୟତ କ'ଣ ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ପାକିସ୍ତାନ। ଏଥିରୁ କିଛି ଶିଖିବା ବଦଳରେ ବାଂଲାଦେଶ ପାକିସ୍ତାନର ପଦାଙ୍କ ଅନୁସରଣ କରୁଛି।

ବାଂଲାଦେଶରେ ଗଣତାନ୍ତ୍ରିକ ଶାସନ ଏବଂ ବର୍ତ୍ତମାନର କାମଚଳା ଧର୍ମାନ୍ଧ ଅବଦମିତ ସରକାରର ଶାସନରେ ଅର୍ଥନୀତିର ଏକ ତୁଳନାତ୍ମକ ଚିତ୍ର ଦେଖିଲେ ବାଂଲାଦେଶର ଗତି ଓ ଭବିଷ୍ୟତ ସମ୍ପର୍କରେ ଏକ ସ୍ଥୂଳ ଧାରଣା ସୃଷ୍ଟି ହେବ। ଶେଖ୍ ହସିନାଙ୍କ ଶାସନ କାଳରେ ଭାରତ-ବାଂଲା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୬୦୦% ବୃଦ୍ଧି ଘଟିଥିବା ବେଳେ ୨୦୨୩ରେ ଅର୍ଥନୈତିକ ଅଭିବୃଦ୍ଧି ହାର ଥିଲା ୬.୧%। ଅର୍ଥନୀତିରେ ନୋବେଲ୍ ପୁରସ୍କାର ପ୍ରାପ୍ତ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏବେ ସେଠାରେ ଚାଲିଥିବା କାମଚଳା ସରକାରରେ ୨୦୨୫ ସୁଦ୍ଧା ଏହି ହାର ପାଖାପାଖି ୩% କୁ ହ୍ରାସ ପାଇଛି। ମୁଦ୍ରାସ୍ଫୀତି ହାର ପୂର୍ବର ୫. ୬% ରୁ ଏବେ ୧୦.୮୭ %ବୃଦ୍ଧି ପାଇଛି। ଗତ ବର୍ଷକ ମଧ୍ୟରେ ୨୧ ଲକ୍ଷ ଛଟେଇ ହୋଇଛି, ୩ କୋଟି ୨୦ ଲକ୍ଷ ଯୁବକ ବେରୋଜଗାର ହୋଇପଡ଼ିଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଆଉ ୩୦ ଲକ୍ଷ ବାଂଲାଦେଶୀ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯିବେ ବୋଲି ବିଶ୍ୱ ବ୍ୟାଙ୍କ ଆକଳନ କରିଛି।

୧୯୭୧ରେ ଭାରତର ପ୍ରତ୍ୟକ୍ଷ ସାମରିକ ସମର୍ଥନ ଓ ଭାରତୀୟ ଯବାନ୍‌ଙ୍କ ବଳିଦାନରେ ପାକିସ୍ତାନଠାରୁ ବିଚ୍ଛିନ୍ନ ହୋଇ ଜନ୍ମ ନେଇଥିବା ବାଂଲାଦେଶ ଏବେ ଭାରତ ବିରୋଧରେ ହିଁ ଷଡ଼ଯନ୍ତ୍ର ରଚନା କରୁଛି। ଗତବର୍ଷ ଅଗଷ୍ଟ ମାସରେ ସେଠାକାର କାମଚଳା ସରକାର ମୌଳବାଦୀ ସଂଗଠନ 'ଜମାତ୍ ଏ ଇସ୍‌ଲାମ୍' ଏବଂ ଏହାର ଛାତ୍ରସଂଗଠନ 'ଇସ୍‌ଲାମୀ ଛାତ୍ର ଶିବିର' ଉପରେ ଥିବା କଟକଣା ହଟାଇ ଦେବା ପରେ ଭାରତ ଓ ହିନ୍ଦୁ ବିରୋଧୀ ବିଦ୍ୱେଷ ଅଧିକ ହୋଇଛି ଏବଂ ବିକାଶର ଗତି ବାଧାପ୍ରାପ୍ତ ହୋଇଛି। ୨୦୨୪ ଅଗଷ୍ଟ ୪ ରୁ ୨୦ ତାରିଖ ମଧ୍ୟରେ ୨, ୦୧୦ଟି ହିନ୍ଦୁ ଓ ସଂଖ୍ୟାଲଘୁ ବିରୋଧୀ ହିଂସା ସଂଘଟିତ ହୋଇଥିଲା। କାମଚଳା ସରକାର ଏହାକୁ ନିୟନ୍ତ୍ରଣ କରିବା ବଦଳରେ ନିରବ ପ୍ରୋତ୍ସାହନ ଦେଉଥିବାରୁ ଧର୍ମାନ୍ଧ ମୌଳବାଦୀଙ୍କ ଭାରତ ବିଦ୍ୱେଷ ବଢ଼ିବାରେ ଲାଗିଛି। ମନେ ହେଉଛି ବାଂଲାଦେଶ(ତତ୍କାଳୀନ ପୂର୍ବ ପାକିସ୍ତାନ) ତତ୍କାଳୀନ ପଶ୍ଚିମ ପାକିସ୍ତାନୀ ସେନାର ବର୍ବରତା, ନୃଶଂସତା ଓ ଅତ୍ୟାଚାର ଖୁବ୍ ଶୀଘ୍ର ପାସୋରି ପକାଇଛି।

ପାକିସ୍ତାନ ରାସ୍ତାରେ ଯାଉଥିବା ବାଂଲାଦେଶର ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ, ଏହା ନିଶ୍ଚିତ। ଯଦି ନିଜ ଗୋଡ଼ କୁରାଢ଼ିରେ ମାରିବା ଭଳି ମାନସିକତା କେହି ଜଣେ ପୋଷଣ କରେ ତେବେ ତା'କୁ ନିବୃତ କିଏ ଓ କାହିଁକି କରିବ? କିନ୍ତୁ ଏହାସହିତ ଭାରତର ଶାନ୍ତି ଓ ସାର୍ବଭୌମତ୍ୱ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଯୋଡ଼ି ହୋଇଥିବାରୁ ଭାରତ ପାଇଁ ଆହ୍ୱାନ ସୃଷ୍ଟି କରିଛି। ବାଂଲାଦେଶରେ ସଂଖ୍ୟାଲଘୁ ବିଦ୍ୱେଷ ଅଧିକ ଉଗ୍ର ହେଲେ ଭାରତ ପୁଣି ଥରେ ୧୯୭୨ ଭଳି ଅନୁପ୍ରବେଶ ସ୍ଥିତିର ସାମ୍ନା କରିପାରେ। ଏବେ ଭାରତରେ ବାଂଲାଦେଶୀ ହଟାଅ ଅଭିଯାନ ଆରମ୍ଭ ହୋଇଥିବାରୁ ତାହାର ପ୍ରତିଫଳନ ବାଂଲାଦେଶରେ ହିନ୍ଦୁ ବିଦ୍ୱେଷୀ ହିଂସାରେ ରୂପାନ୍ତରିତ ହୋଇଥିବା ଅଭିଯୋଗ ହେଉଛି। ଏଣୁ କେନ୍ଦ୍ର ସରକାରଙ୍କ ଆଗରେ ଏବେ ବହୁମୁଖୀ ଆହ୍ୱାନ ସୃଷ୍ଟି ହୋଇଛି।

ବାଂଲାଦେଶ ଭାରତର ସର୍ବବୃହତ୍ ଭୂସଂଲଗ୍ନ ପଡ଼ୋଶୀ। ସେଠାରେ ବୁଣା ଯାଇସାରିଥିବା ଭାରତ-ବିରୋଧୀ ଆଭିମୁଖ୍ୟର ମଞ୍ଜି ଦ୍ରୁମ ରୂପ ନେବା ପୂର୍ବରୁ ଭାରତ ପକ୍ଷରୁ କୂଟନୈତିକ-କୀଟନାଶକର ପ୍ରୟୋଗ ଜରୁରୀ। ତା' ନ ହେଲେ ପଶ୍ଚିମରେ ଆମେରିକା ସମର୍ଥିତ ପାକିସ୍ତାନ ଏବଂ ପୂର୍ବରେ ଚୀନ୍ ସମର୍ଥିତ ବାଂଲାଦେଶର ଷଣ୍ଢୁଆସୀ ଆକ୍ରମଣର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

# ପ୍ଲାଷ୍ଟିକ୍‌ମୁକ୍ତ ବେଳାଭୂମି

ବେଳାଭୂମିରେ ପ୍ଲାଷ୍ଟିକ୍ ପ୍ରଦୂଷଣ କେବଳ ଏକ ପାରିବେଶିକ ସମସ୍ୟା ନୁହେଁ, ଏଥିରେ ଅର୍ଥନୀତି ମଧ୍ୟ ଯୋଡ଼ି ହୋଇ ରହିଛି। ସମ୍ପ୍ରତି ବିଶ୍ୱରେ ସମୁଦ୍ର ଓ ବେଳାଭୂମିରେ ୧୯ କୋଟି ୯୦ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ପଡ଼ି ରହିଛି ଏବଂ ବର୍ଷକୁ ପ୍ରାୟ ଅଢ଼େଇ କୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସମୁଦ୍ର ଭିତରକୁ ଯାଉଛି। ଏହାଦ୍ୱାରା ବାର୍ଷିକ ୧୩୦୦ କୋଟି ଡଲାର କ୍ଷତି ହେଉଛି। ୨୦୪୦ ସୁଦ୍ଧା ଏହା ତିନିଗୁଣା ହାରରେ ବୃଦ୍ଧି ଘଟିବ ବୋଲି ଜାତିସଂଘର ପରିବେଶ ବିଭାଗ ଆକଳନ କରିଛି। ଏ ବିଷୟରେ ସମସ୍ତେ ଜ୍ଞାତ ଥିଲେ ହିଁ ସୁଧାରରେ ଆନ୍ତରିକତା ଅଭାବରୁ ସମସ୍ୟା ବଢ଼ି ଚାଲିଛି।

ନରୱେର ଏକ ଉପଦ୍ୱୀପ ଏ ଦିଗରେ ସକାରାତ୍ମକ ଉଦ୍ୟମ କରି ବେଳାଭୂମିରେ ପ୍ଲାଷ୍ଟିକ୍ ଓ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିପାରିଛି। ଭାରତ ମଧ୍ୟ ବେଳାଭୂମି ପ୍ଲାଷ୍ଟିକ୍ ପ୍ରଦୂଷଣରେ ବିଶ୍ୱରେ ଏକ ଅଲୋଡ଼ା ରେକର୍ଡର ଅଧିକାରୀ। ସୁଖର ବିଷୟ ଭାରତ ଏ ଦିଗରେ ନରୱେ ସହଯୋଗରେ ବେଳାଭୂମିକୁ ପ୍ଲାଷ୍ଟିକ୍ ପ୍ରଦୂଷଣ ମୁକ୍ତ କରିବାକୁ ଯୋଜନା ପ୍ରସ୍ତୁତ କରୁଛି। ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ 'ଭାରତ-ନରୱେ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ମଞ୍ଚ ୨୦୨୫'ରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ୨୦୧୯ ରୁ ଏହି ସହଯୋଗ ବୁଝାମଣା ହୋଇଥିଲେ ମଧ୍ୟ କୋଭିଡ୍ ମହାମାରୀ କାରଣରୁ ତାହା ତ୍ୱରାନ୍ୱିତ ହୋଇପାରି ନ ଥିଲା।

ଏଠାରେ ସ୍ୱତଃ ପ୍ରଶ୍ନ ଉଠୁଛି ଯଦି ପ୍ଲାଷ୍ଟିକ୍ ଉତ୍ପାଦନ ସ୍ତରରେ କଟକଣା ଲଗାଯାଇପାରନ୍ତା ତେବେ ପ୍ରଦୂଷଣ ସମସ୍ୟା ଅନେକାଂଶରେ ଦୂର ହୋଇଯାଆନ୍ତା। କିନ୍ତୁ ଜେନେଭାଠାରେ ନିକଟରେ ଅନୁଷ୍ଠିତ 'ବିଶ୍ୱ ପ୍ଲାଷ୍ଟିକ୍ ନିୟନ୍ତ୍ରଣ ଚୁକ୍ତି'ରେ ଭାରତ ପ୍ଲାଷ୍ଟିକ୍ ସପକ୍ଷରେ ନିଜ ପକ୍ଷ ରଖିଥିଲା। ଅର୍ଥନୈତିକ ଦୃଷ୍ଟିକୋଣରୁ ପ୍ଲାଷ୍ଟିକ୍ ଉତ୍ପାଦନକୁ ସମର୍ଥନ କରିଥିବା ସ୍ୱଷ୍ଟୀକରଣରେ କୁହାଯାଇଥିବା ବେଳେ ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁଁ ହେଉଥିବା ଅର୍ଥନୈତିକ କ୍ଷତି ପରିମାଣ ମଧ୍ୟ କମ୍ ନୁହେଁ, ଏ କଥା ମଧ୍ୟ ଚିନ୍ତା କରିବାର ଥିଲା। ତେଣୁ ଏଭଳି ଦୋମୁଖୀ ଆଭିମୁଖ୍ୟରେ ଦୀର୍ଘମିଆଦୀ କାଳରେ ଭାରତ ହିଁ କ୍ଷତି ସହିବା ସାର ହେବ। ପ୍ରଥମେ ପ୍ଲାଷ୍ଟିକ୍ ବିମୁଖ ସଚେତନତା ସୃଷ୍ଟି କରିବା ଉପରେ ସରକାର ପ୍ରାଥମିକତା ନ ଦେବା ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତି ପାଇବା ସମ୍ଭବ ନୁହେଁ। ନାଗରିକମାନେ ମଧ୍ୟ ନିଜ ସୁଖ ସୁବିଧା ବଦଳରେ ଉତ୍ତର ପିଢ଼ିର ଭବିଷ୍ୟତ ବିଷୟରେ ଚିନ୍ତା କରିବାକୁ ପଡ଼ିବ। ନଚେତ୍ ଏହି ପ୍ଲାଷ୍ଟିକ୍ ରାକ୍ଷସ ମାନବ ସଭ୍ୟତାକୁ ବିନିଷ୍ଟ କରିଦେବ।

# ଅଭିଯୋଗ, ଅବହେଳା ଓ ଅସନ୍ତୋଷ

ଅନନ୍ତ ଚରଣ ସ୍ୱାଇଁ

ସମସ୍ୟା ଘେରରେ ମନୁଷ୍ୟ। ମୁଖ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ଓ ପାରିପାର୍ଶ୍ୱିକ ସମସ୍ୟା ଅନ୍ୟତମ। ବିଭିନ୍ନ ସମସ୍ୟାର ନ୍ୟାୟୋଚିତ ସମାଧାନ ପାଇଁ ସରକାରୀ ବେସରକାରୀ ସ୍ତରରେ ବ୍ୟବସ୍ଥା କରାଯାଉଛି। ଏହାସତ୍ତ୍ୱେ ଅଭିଯୋଗ ଶୁଣିବାରେ ଅବହେଳା, ଅଣଦେଖା ବା ଅଭିଯୋଗକୁ ଅବିଶ୍ୱାସ କରିବା ପରି ଅନେକ ଘଟଣା ଲୋକଲୋଚନକୁ ଆସୁଛି। ହତ୍ୟା, ଆତ୍ମହତ୍ୟା, ଲୁଣ୍ଠନ, ଚୋରି, ଡକାୟତି, ଭ୍ରଷ୍ଟାଚାର, ବିଦ୍ରୋହ, ଠାକାମୀ ପରି ଘଟଣା ସାମାଜିକ ଗଣମାଧ୍ୟମ ଓ ସମାଚାରପତ୍ରଗୁଡ଼ିକର ପାଲଟିଛି ମୁଖ୍ୟ ବିଷୟବସ୍ତୁ। ଅସମୟରେ ଅନେକ ନିରୀହ ପ୍ରାଣ ଚାଲିଯାଉଛି। ଏଥିପାଇଁ ବଢୁଛି ଜନଅସନ୍ତୋଷ। ସାଧାରଣ ଲୋକର ଅଭିଯୋଗକୁ ପୁଲିସ ଗ୍ରହଣ ନକରିବା, ଅବହେଳା ଓ ଅଣଦେଖା କରିବା ଫଳରେ ଏହାର ପରିଣାମ ଭୟାବହ ହେଉଛି ଏବଂ ଧନଜୀବନର କ୍ଷତି ହେବା ପରେ ସରକାର କିଛିଟା ପଦକ୍ଷେପ ନେଉଛନ୍ତି।

ଘଟଣା ଘଟିବା ପୂର୍ବରୁ ସାବଧାନତା ଅବଲମ୍ବନ କରିଥିଲେ ହୁଏତ ଏପରି ଅପ୍ରୀତିକର ସ୍ଥିତି ଉପୁଜୁ ନ ଥା'ନ୍ତା। ପ୍ରଶାସନିକ ସ୍ୱେଚ୍ଛାଚାରିତା, ଅହଂକାର ଓ ମନମୁଖି କାର୍ଯ୍ୟ ଫଳରେ ସାଧାରଣ ଲୋକଟି ସେବା ପାଇପାରୁନାହିଁ। ସରକାର ଏପରି ଭ୍ରଷ୍ଟ ଅଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଘୋର ଅନ୍ୟାୟ। ଅବସର ନେବାର କିଛି ମାସ ପୂର୍ବରୁ ଭ୍ରଷ୍ଟ ଅଧିକାରୀଙ୍କ କାରନାମା ଲୋକଲୋଚନକୁ ଆସୁଛି। ରାତାରାତି ଏତେ ପରିମାଣରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ସମ୍ଭବ ନୁହେଁ। ଅନୈତିକ କାର୍ଯ୍ୟରେ ସେମାନେ ଅନେକ ଦିନରୁ ନିଶ୍ଚୟ ଲିପ୍ତ ଥିବେ। ଭ୍ରଷ୍ଟ କାରନାମା ପ୍ରଥମରୁ ଧରା ପଡ଼ିଥିଲେ ହୁଏତ ଏତେ ପର୍ଯ୍ୟନ୍ତ କଥା ଯାଇ ନ ଥା'ନ୍ତା।

କେତେକ ସ୍ଥାନରେ କାର୍ଯ୍ୟରତ ସରକାରୀ ଅଧିକାରୀମାନଙ୍କୁ ଗାଳିଗୁଲଜ କରିବା, ମାଡ଼ ମାରିବା ଘଟଣା ସାମନାକୁ ଆସୁଛି। ଏହା ଅତ୍ୟନ୍ତ ନିନ୍ଦନୀୟ। ଏପରି ସ୍ଥଳେ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କଠୋର ଦଣ୍ଡବିଧାନ କରାଗଲେ ଭବିଷ୍ୟତରେ ଏପରି କାର୍ଯ୍ୟର ପୁନରାବୃତ୍ତି ହେବ ନାହିଁ। ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ବଦ୍ଧପରିକର। ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡ଼ିକରେ ଅଧିକ ଡାକ୍ତର ନିଯୁକ୍ତି ସହ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟକାରିତା ଓ ପରିବେଶର ସ୍ୱଚ୍ଛତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏତେସବୁ ସୁବିଧା ସତ୍ତ୍ୱେ କେତେକ ଜାଗାରେ ରୋଗୀ ସେବାରେ ଚରମ ଅବହେଳା, ଭୁଲ ଔଷଧ ଜନିତ ରୋଗୀମୃତ୍ୟୁ, ଡାକ୍ତରଙ୍କ ଭୁଲ ଚିକିତ୍ସା ଭଳି ଖବର ସମାଚାରପତ୍ର ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଛି। ସବୁଠୁ ଦୁଃଖର ବିଷୟ ହେଉଛି କାର୍ଯ୍ୟରତ ଡାକ୍ତରଙ୍କ ଉପରେ ହେଉଥିବା ଅମାନୁଷିକ ଆକ୍ରମଣ। ରୋଗୀର ଆତ୍ମୀୟମାନଙ୍କ ଦୁର୍ବ୍ୟବହାର ଡାକ୍ତରମାନଙ୍କ ପ୍ରତି ବୃଦ୍ଧି ପାଉଛି। ଫଳରେ କାର୍ଯ୍ୟରତ ଡାକ୍ତର ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏକପ୍ରକାର ଭୟର ବାତାବରଣ ମଧ୍ୟରେ କରୁଛନ୍ତି ରୋଗୀ ସେବା। ଅନେକ ସ୍ୱାସ୍ଥ୍ୟ କେନ୍ଦ୍ରରେ, ଗାଳିଗୁଲଜ କରିବା, ଡାକ୍ତରଙ୍କୁ ଦୁର୍ବ୍ୟବହାର ଏକ ନିତିଦିନିଆ ଅଭ୍ୟାସରେ ପଡ଼ିଗଲାଣି। ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ବୃଦ୍ଧି ପାଉଥିବା ଅପ୍ରୀତିକର ସ୍ଥିତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା ଦରକାର। ଚିକିତ୍ସାରେ ଅବହଳା ଥିଲେ ସମ୍ପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ସେବାରେ ଅବହେଳାର ଅଭିଯୋଗ ଆସିଲେ ସ୍ୱାସ୍ଥ୍ୟକେନ୍ଦ୍ରର ଉଚ୍ଚାଧିକାରୀ କିମ୍ବା ଜିଲ୍ଲାସ୍ତରୀୟ ଅଧିକାରୀ ବିଧିବଦ୍ଧ ଅନୁସନ୍ଧାନ କରି ସେମାନଙ୍କ ମନ୍ତବ୍ୟ ଅନୁସାରେ ଭୁଲ୍ କରିଥିବା ଡାକ୍ତରଙ୍କୁ ତାଗିଦ କିମ୍ବା ସେମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ହେବା ଆବଶ୍ୟକ। ଭୁଲ ଔଷଧ ପାଇଁ ରୋଗୀର ମୃତ୍ୟୁ ହେବା ଭଳି ଅଭିଯୋଗ ଥିଲେ ଏପରି ଅଭିଯୋଗର ସତ୍ୟତା ପ୍ରମାଣ ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଦରକାର।

କୌଣସି ଅଭିଯୋଗର ସତ୍ୟାସତ୍ୟ ନ ଜାଣି, ଆଇନ ଶୃଙ୍ଖଳା ନିଜ ହାତକୁ ନେବା, ସ୍ୱାସ୍ଥ୍ୟକେନ୍ଦ୍ରର ଆସବାବପତ୍ର ଭଙ୍ଗାରୁଜା କରିବା ଏବଂ କାର୍ଯ୍ୟରତ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ନିନ୍ଦନୀୟ।

ଏବେ ଅନଲାଇନରେ ଅଭିଯୋଗ ପଞ୍ଜିକରଣର ସୁବିଧା ଉପଲବ୍ଧ ସତ୍ତ୍ୱେ ଅଭିଯୋଗ ସମାଧାନରେ ନିୟୋଜିତ ଅଧିକାରୀଙ୍କ ଅବହେଳା ଯୋଗୁଁ ମାସ ମାସ ପରେ ମଧ୍ୟ ଅଭିଯୋଗ ଅସମାଧିତ ରହୁଛି। ଅଭିଯୋଗ ଆବେଦନ ଓ ସମାଧାନର ସମୀକ୍ଷା ହେଉ ନାହିଁ। ଫଳରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଅଭିଯୋଗ ଯାହା ହେଉନା କାହିଁକି, ସେଥିପ୍ରତି ଧ୍ୟାନ ଦେବା ଦରକାର।

ଏକ କାର କମ୍ପାନୀର ଗ୍ରାହକ ସେବା ଟିମ୍‌କୁ ଥରେ ଏକ ଅଜବ ଅଭିଯୋଗ ମିଳିଲା। ଜଣେ ଗ୍ରାହକ ଲେଖିଥିଲେ ଯେ ସେ କିଣିଥିବା ନୂଆ କାରଟି ଅସ୍ୱାଭାବିକ ବ୍ୟବହାର କରୁଛି। ତାଙ୍କ ପରିବାରରେ ରାତ୍ରି ଖାଦ୍ୟ ପରେ ଆଇସ୍କ୍ରିମ୍ ଖାଇବାର ଏକ ନିୟମ ଥିଲା। ପରିବାର ସଦସ୍ୟମାନେ ଫ୍ଲେଭର୍ ବାଛିବା ପରେ ସେ କାରରେ ଯାଇ ଆଇସ୍କ୍ରିମ୍ ଆଣୁଥିଲେ। କିନ୍ତୁ ନୂଆ କାର ଆସିବା ପରଠାରୁ ଭାନିଲା ଆଇସ୍କ୍ରିମ୍ କିଣିବା ପରେ କାର୍ ଷ୍ଟାର୍ଟ ହୁଏନାହିଁ। ଅନ୍ୟ ଫ୍ଲେଭରର ଆଇସ୍କ୍ରିମ କିଣିବା ପରେ ଗାଡ଼ିଟି ଷ୍ଟାର୍ଟ ହୋଇଯାଏ। କମ୍ପାନୀର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଏହି ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଜଣେ ଦକ୍ଷ ଇଞ୍ଜିନିୟରଙ୍କୁ ତଦନ୍ତ ପାଇଁ ପଠାଇଲେ। ଇଞ୍ଜିନିୟର ସେହି ବ୍ୟକ୍ତିଙ୍କୁ ଭେଟି ରାତ୍ରି ଖାଦ୍ୟ ପରେ ଆଇସ୍କ୍ରିମ୍ ଦୋକାନକୁ ଯିବାର ଯୋଜନା କଲେ। ପ୍ରଥମ ରାତ୍ରି ସେମାନେ ଭାନିଲା ଆଇସ୍କ୍ରିମ୍ କିଣିଲେ। ଆଇସ୍କ୍ରିମ କିଣିବା ପରେ ଗାଡ଼ିଟି ଷ୍ଟାର୍ଟ ହେଲା ନାହିଁ। ଇଞ୍ଜିନିୟର ଅବହେଳା ନ କରି ଆଉ ତିନି ରାତ୍ରି ଯାଏଁ ପରୀକ୍ଷା କଲେ। ପ୍ରତ୍ୟେକ ଥର ଭାନିଲା ଆଇସ୍କ୍ରିମ୍ କିଣିବା ସମୟରେ କାର୍ ଚାଲୁ ନ ଥିବା ଦେଖିଲେ। ପଞ୍ଚମ ଦିନ ସେମାନେ ଚକଲେଟ୍ ଆଇସ୍କ୍ରିମ କିଣିଲେ। କିଣିବା ପରେ ଗାଡ଼ି ତୁରନ୍ତ ଷ୍ଟାର୍ଟ ହୋଇଗଲା। ଇଞ୍ଜିନିୟର ଆଇସ୍କ୍ରିମ୍ କିଣିବାରେ ଲାଗୁଥିବା ସମୟ, ଇନ୍ଧନ ପ୍ରକାର, ଯାତାୟାତ ସମୟ ଆଦି ଉପରେ ନୋଟ୍ ନେବା ଆରମ୍ଭ କଲେ। ତାଙ୍କୁ ଜଣାପଡ଼ିଲା ଯେ ଭାନିଲା ଆଇସ୍କ୍ରିମ୍ କିଣିବାରେ ସମୟ କମ୍ ଲାଗୁଥିଲା। କାରଣ ଏହା ସବୁଠାରୁ ଲୋକପ୍ରିୟ ଫ୍ଲେଭର୍ ହୋଇଥିବାରୁ ଦୋକାନର ସାମନାରେ ରଖାଯାଇଥାଏ। ଅନ୍ୟ ଫ୍ଲେଭର୍ ଆଇସ୍କ୍ରିମକୁ ପ୍ରସ୍ତୁତ କରି ଗ୍ରାହକଙ୍କୁ ଦେବାକୁ ପଡୁଥିବାରୁ ଅପେକ୍ଷାକୃତ ଅଧିକ ସମୟ ଲାଗେ।


ଏହାପରେ ଇଞ୍ଜିନିୟର ସମସ୍ୟାର ମୂଳ କାରଣ ଖୋଜିବାକୁ ଲାଗିଲେ। ସେ ଜାଣିବାକୁ ପାଇଲେ ଯେ ଏହା 'ଭେପର୍ ଲକ୍' ଜନିତ ସମସ୍ୟା। କାର୍ ଇଞ୍ଜିନ୍ ଅତ୍ୟଧିକ ଗରମ ହୋଇ ଇଞ୍ଜିନ ଭିତରେ ସୃଷ୍ଟି ହେଉଥିଲା ଏକ ପ୍ରକାର ଗ୍ୟାସ। ଇଞ୍ଜିନରୁ ଗ୍ୟାସ ସମ୍ପୂର୍ଣ୍ଣ ନିର୍ଗତ ହେବା ପରେ ଗାଡ଼ିଟି ଷ୍ଟାର୍ଟ ହେଉଥିଲା। ଭାନିଲା ଆଇସ୍କ୍ରିମ୍ କିଣିବା ସମୟରେ ଶୀଘ୍ର ଫେରିବା ଯୋଗୁଁ ଇଞ୍ଜିନ୍‌ରୁ ଗ୍ୟାସ ସମ୍ପୂର୍ଣ୍ଣ ନିର୍ଗତ ହେଉନଥିଲା ଏବଂ ଗାଡ଼ିଟି ଷ୍ଟାର୍ଟ ହେଉ ନ ଥିଲା। ଅନ୍ୟ ଫ୍ଲେଭରର ଆଇସ୍କ୍ରିମ କିଣିବାକୁ ଅପେକ୍ଷାକୃତ ଅଧିକ ସମୟ ଲାଗୁଥିଲା। ଆଇସ୍କ୍ରିମ କିଣି ଫେରିଲା ବେଳକୁ ଇଞ୍ଜିନରୁ ଗ୍ୟାସ ବାହାରିଯାଉଥିବାରୁ କାର୍‌ଟି ଷ୍ଟାର୍ଟ ହେବାରେ ସମସ୍ୟା ରହୁ ନ ଥିଲା।

ଏହି ଗଳ୍ପରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳେ। ସମସ୍ୟାକୁ ଅବହେଳା, ଅଣଦେଖା ଓ ଅବିଶ୍ୱାସ ନକରି ଏହାକୁ ଗମ୍ଭୀରତାର ସହ ନେଲେ ସମାଧାନର ରାସ୍ତା ବାହାରି ପାରିବ। ଉଭୟ ଅଭିଯୋଗକାରୀ ଓ ଅଭିଯୋଗ ଗ୍ରହଣକାରୀ ପରସ୍ପରକୁ ସହଯୋଗ କରିବା, ଅନଲାଇନ ଅଭିଯୋଗ ପଞ୍ଜୀକରଣ ଉପରେ ଗୁରୁତ୍ୱ, ଅଭିଯୋଗ ସମାଧାନର ନିର୍ଦ୍ଦିଷ୍ଟ ସମୟ ସୀମା ଏବଂ ଅଧିକାରୀସ୍ତରରେ ଅଭିଯୋଗ ଗ୍ରହଣ କରିବାର ଇଚ୍ଛୁକତା ଆବଶ୍ୟକ। ଅଭିଯୋଗ ନାଁରେ ଆଇନଶୃଙ୍ଖଳାକୁ ହାତକୁ ନେଲେ ସମସ୍ୟା ସମାଧାନ ପରିବର୍ତ୍ତେ ଅଧିକ ସମସ୍ୟା ସୃଷ୍ଟି କରିବ।

ଚାନ୍ଦୋଳ(କେନ୍ଦ୍ରାପଡ଼ା) ମୋ: ୭୩୮୧୦୪୬୪୭୭

# ଈଶ୍ୱର ଦୁଃଖ ଦିଅନ୍ତି?

ପ୍ରବୀର କୁମାର ସାହୁ



ଈଶ୍ୱର କ'ଣ ସତରେ ଅଛନ୍ତି? ଯଦି ଅଛନ୍ତି ତେବେ ଏତେ ଦୁଃଖ ମଣିଷ ପାଏ କେମିତି? ଏଇମିତି ପ୍ରଶ୍ନ ଦୁନିଆର ଅନେକ ଲୋକଙ୍କ ମନରେ। ଈଶ୍ୱରଙ୍କ ସତ୍ତା ଉପରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ମଣିଷର ଅକାଟ ବିଶ୍ୱାସ ଯେ ଈଶ୍ୱର ଅଛନ୍ତି। ହଁ ଈଶ୍ୱର ସତରେ ଅଛନ୍ତି। ପ୍ରତ୍ୟେକ ମଣିଷଙ୍କ ପାଖରେ ଅଛନ୍ତି। ସର୍ବୋପରି ସର୍ବତ୍ର ବିଦ୍ୟମାନ। ଦୁଃଖ ଭୋଗୁଥିବା ଲୋକର କେବଳ ଗୋଟିଏ ହିଁ ବିଶ୍ୱାସ ଯେ ଈଶ୍ୱର ଦିନେ ନା ଦିନେ ସବୁକିଛି ଠିକ୍ କରିଦେବେ। ସେଇ ଅପେକ୍ଷାରେ ହିଁ ତ ମଣିଷ ବଞ୍ଚେ।

ଈଶ୍ୱର ଏକ ବିଶ୍ୱାସ। ପୁଣି କେତେବେଳେ ଦୁର୍ବଳର ସାହସ। କେହି ଜଣେ ସବୁବେଳେ ଠିକ୍ କରିବାକୁ ଅଛି - ଏହି ବିଶ୍ୱାସ ନେଇ ତ ମଣିଷ କର୍ମ କରି ଚାଲେ। ଦୁଃଖରୁ ସୁଖ ଆଡ଼କୁ ଏବଂ ଯନ୍ତ୍ରଣାରୁ ଉପଶମ ଆଡ଼କୁ ଯିବାକୁ ହେଲେ ବାସ୍ କେବଳ ଆମକୁ ସାହସର ସହିତ ପାଦ ବଢ଼େଇବାର ଅଛି। କେହି ଜଣେ ଉପରେ ଥାଇ ନଜର ରଖୁଛି। ତାଙ୍କରି ଭରସାରେ ଧୈର୍ଯ୍ୟ ରଖିବାକୁ ପଡ଼ିବ। ଏଠି ମନକୁ ପ୍ରଶ୍ନ ଆସିପାରେ ଈଶ୍ୱର ଆମ ଭୁଲକୁ ସଂଶୋଧନ କରନ୍ତି କେମିତି? ଏହାର ଉତ୍ତର ହେଉଛି କେବେ କେବେ ଦଣ୍ଡ ସାହାଯ୍ୟରେ ପୁଣି କେବେ ପ୍ରାୟଶ୍ଚିତରେ। କୌଣସି ଭୁଲର ସଂଶୋଧନ, ପ୍ରାୟଶ୍ଚିତ ଛଡ଼ା ଆଉ କିଛି ଅଧିକ ହେଇ ପାରେନି। ଈଶ୍ୱର ଅଛନ୍ତି।

ସବୁବେଳେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ପ୍ରଶ୍ନ କରୁଥିବା ବ୍ୟକ୍ତିମାନଙ୍କ ମତରେ ଈଶ୍ୱର ନିରର୍ଥକ। ମଣିଷ ନିଜ ଜୀବନକୁ ଶେଷ ଯାଏଁ ବହନ କରିବାରେ କ୍ଷମତା ରଖେ। ପ୍ରକୃତରେ ଈଶ୍ୱରଙ୍କ ଉପସ୍ଥିତି ଆମ ନିକଟରେ ଶୂନ୍ୟ। ଆମ ଚେଷ୍ଟା କଲେ ବି ତାଙ୍କ ଉପସ୍ଥିତିକୁ ପ୍ରମାଣ କରି ପାରିବା ନାହିଁ। କିନ୍ତୁ ଈଶ୍ୱର ଅଛନ୍ତି ସବୁବେଳେ ପ୍ରତ୍ୟେକ ବ୍ୟକ୍ତିର ଅତି ନିକଟରେ। ହୃଦୟର କେଉଁ ଗୋଟେ କୋଣରେ, ଅଳ୍ପ ଟିକେ ଭରସା ହୋଇ। ମଣିଷ ତାହାର ନିଜ ଜୀବନକୁ ଭୋଗିବାକୁ ହିଁ ପଡ଼ିବ। ଜୀବନ ଜିଇଁବା ବାଟରେ ଉଭୟ ଫୁଲ ଆଉ କଣ୍ଟା ଆସିବ। ଅସଂଖ୍ୟ ଭୁଲ ଆଉ ଠିକ୍ ଦେଇ ଯିବାକୁ ପଡ଼ିବ। ସେଥିପାଇଁ ଈଶ୍ୱର ହିଁ ସଦାକାଳ ମଣିଷର ଗୁରୁ। ପ୍ରତ୍ୟେକ ମଣିଷର ଭୁଲକୁ ସଂଶୋଧନ କରିବାର ଦାୟିତ୍ୱ ଈଶ୍ୱର ବହନ କରନ୍ତି।

ଈଶ୍ୱର ପ୍ରତ୍ୟେକ ମଣିଷକୁ ସାହାଯ୍ୟ କରନ୍ତି। ତଥାପି ଈଶ୍ୱରଙ୍କ ସାନ୍ନିଧ ପାଇବା ସହଜ ନୁହେଁ କ'ଣ ପାଇଁ? ସତରେ ସହଜ ନୁହେଁ। ଈଶ୍ୱରଙ୍କ ସାନ୍ନିଧ ହେଉ ଅଥବା ଈଶ୍ୱରଙ୍କ ଦର୍ଶନ, ସାଧାରଣ ବ୍ୟକ୍ତି ପାଖରେ ସହଜ ନୁହେଁ। ଈଶ୍ୱରଙ୍କୁ ପାଇବା ପାଇଁ ହେଲେ ପ୍ରତ୍ୟେକ ମଣିଷକୁ ମନୁଷ୍ୟଗତ ଦୋଷ ଦୁର୍ବଳତାକୁ ଛାଡ଼ିବା ପାଇଁ ପଡ଼ିବ। ଭୋଗିବାକୁ ପଡ଼ିବ ଏକ ଶୂନ୍ୟଜୀବନ। ଯେଉଁ ଜୀବନରେ ଥିବ ମାତ୍ର ଏକମାତ୍ର ଲକ୍ଷ୍ୟ - ଈଶ୍ୱରପ୍ରାପ୍ତି। ତେବେ ଯାଇ ଭେଟ ହେବେ ଈଶ୍ୱର। ଏକ ନୂତନ ଉର୍ଜା ଭାବରେ, ନୂଆ ଏକ ଆତ୍ମଜ୍ଞାନ ଭାବରେ। ସଂସାରରେ ଈଶ୍ୱରଙ୍କ ଭେଟ ପାଇଁ ଅନେକ ପ୍ରୟାସ। ପୂଜା, ଯଜ୍ଞ, କର୍ମ ଇତ୍ୟାଦି କେତେ କେତେ ବୈଦିକ କର୍ମ। ପୁଣି ଶହଶହ ବର୍ଷର ତପସ୍ୟା। ତଥାପି ଈଶ୍ୱର ଅପହଞ୍ଚ।

ଏବେ ଫେରିବି ମୋର ସେଇ ପ୍ରଥମ ପ୍ରଶ୍ନ ଆଡ଼କୁ। ଈଶ୍ୱର କ'ଣ ସତରେ ଦୁଃଖ ଦିଅନ୍ତି? ହଁ ଦିଅନ୍ତି। ଦୁଃଖର ଅର୍ଥ ମଣିଷକୁ ନୂଆ ଶିଖିବାକୁ ପଡ଼ିବ। ଧୈର୍ଯ୍ୟ, ସାହସ ସହ ସର୍ବୋପରି ଜୀବନ ବଞ୍ଚିବାର ରାହା ହିଁ ଦୁଃଖ ଦ୍ୱାରା ଶିଖେ ମଣିଷ। ଏ ସମୟ ବି ଦିନେ ଚାଲିଯିବ। ତେଣୁ କୌଣସି ଦୁଃଖ ସବୁଦିନ ପାଇଁ ନୁହେଁ। ଏହା କେବଳ ପ୍ରତ୍ୟେକ ମଣିଷ ପାଇଁ ଶିଖିବାର ଉପଯୁକ୍ତ ସମୟ। ଯେପରି ନୂଆକିଛି ପ୍ରଥମ ଥର ପାଇଁ ଶିଖିଲେ ଆମକୁ କଷ୍ଟ ଲାଗେ ଏବଂ ଥରେ ଶିଖିଗଲା ପରେ କଷ୍ଟ କାମ ବି ଆମକୁ ସହଜ ଲାଗେ। ଦୁଃଖ ହିଁ ସେମିତି। ଜୀବନକୁ ଶିଖିବାର ଅନ୍ୟ ଏକ ପାହାଚ। ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ଆଶ୍ୱାସନାର ବିଷୟ ହେଉଛି, ଦୁଃଖ ଖୁବ୍ ଶୀଘ୍ର ସରିବାକୁ ଯାଉଛି। ଯେମିତି ପାଠ ସରିଲେ, ନୂଆ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ଠିକ୍ ସେମିତି ସୁଖର ସମୟ ପାଖେଇ ଆସୁଛି। ଈଶ୍ୱରଙ୍କ କରୁଣା ପୃଥିବୀର ସବୁଜୀବଙ୍କ ପାଇଁ ସମାନ ରୂପରେ ଅଛି। ତେଣୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି ଜୀବନର ପ୍ରତ୍ୟେକ ଯୁଦ୍ଧରେ ଆଗକୁ ବଢ଼ିବାର ଆକାଂକ୍ଷା ରଖିବା ଉଚିତ୍।

କଣିପାଳ(କେନ୍ଦ୍ରାପଡ଼ା), ମୋ: ୯୮୬୧୦୬୮୪୫୬

# ବୁଢ଼ିଆଣୀ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପୂର୍ବପ୍ରକାଶିତ ଉତ୍ତାରୁ...

ମାଲାୟାଲାମ୍ କ୍ୟାଲେଣ୍ଡର୍‌ର ବୃଶ୍ଚିକ ମାସ ଅନୁସାରେ ମନ୍ଦିରରେ ପ୍ରତିବର୍ଷ ଏକ ଭବ୍ୟ ଉତ୍ସବ ପାଳନ କରାଯାଉଛି। ଏଠାକାର ଚିକିତ୍ସା ପଦ୍ଧତି ମଧ୍ୟ ଭିନ୍ନ। ପ୍ରଥମେ ରୋଗୀମାନେ ସ୍ନାନ କରିଥା'ନ୍ତି। ଏହାପରେ ସେମାନେ ଦେବୀଙ୍କୁ ନୈବେଦ୍ୟ ଭାବେ ମୁଢ଼ି ଅର୍ପଣ କରନ୍ତି। ଏହାକୁ 'ମଲାର୍' କୁହାଯାଏ। 'ମଲାର୍'ରୁ ପ୍ରାପ୍ତ ଭସ୍ମକୁ ରୋଗୀମାନେ ନିଜ ଶରୀରରେ ମର୍ଦ୍ଦନ କରିବା ସହିତ ମନ୍ଦିର ଭିତରେ ଥିବା କୂଅର ଜଳ ପାନ କରିଥା'ନ୍ତି। ଏହି କୂଅକୁ 'ଚିଲଂଥିକିନାର' ବୋଲି କୁହାଯାଉଛି। ଲଗାତାର ତିନି ଦିନ ଏଭଳି କରିବା ଦ୍ୱାରା ବୁଢ଼ିଆଣୀ ବିଷ ଦ୍ୱାରା ହୋଇଥିବା ଚର୍ମରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଏ। ଅନ୍ୟ କୀଟର ବିଷ ଦ୍ୱାରା ଅଧିକ ପ୍ରଭାବିତ ହୋଇଥିବା ରୋଗୀଙ୍କୁ ଏହି ପଦ୍ଧତି ସାତ ଦିନ ପର୍ଯ୍ୟନ୍ତ ପାଳନ କରିବାକୁ ହୋଇଥାଏ।

ବୁଢ଼ିଆଣୀ ପୂଜା କରାଯାଉଥିବା ଅନ୍ୟ ଗୋଟିଏ ମନ୍ଦିର ହେଉଛି ଶ୍ରୀକାଳହସ୍ତୀ ମନ୍ଦିର, ଯାହାକି ଆନ୍ଧ୍ରପ୍ରଦେଶର ଚିତୁର୍ ଜିଲ୍ଲାରେ ଅଛି। ଏହି ମନ୍ଦିର ଦେବଦେବ ମହାଦେବଙ୍କୁ ସମର୍ପିତ। ଏହାକୁ 'ଦକ୍ଷିଣ କୈଳାସ' ଓ 'ଦକ୍ଷିଣ କାଶୀ' ବୋଲି ମଧ୍ୟ କୁହାଯାଏ। ଏହି ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ବାୟୁତତ୍ତ୍ୱର କାରକ ଅଟନ୍ତି। ଏହି ମନ୍ଦିରରେ 'ଶ୍ରୀ' ନାମକ ବୁଢ଼ିଆଣୀ, 'କାଳ' ନାମକ ସର୍ପ ଓ ଏକ 'ହସ୍ତୀ' ଶିବଙ୍କର ପୂଜାର୍ଚ୍ଚନା କରି ମୋକ୍ଷ ପ୍ରାପ୍ତି କରିଥିଲେ। ତେଣୁ ଏହି ମନ୍ଦିରର ନାମକରଣ 'ଶ୍ରୀକାଳହସ୍ତୀ' ମନ୍ଦିର ହୋଇଛି। ମନ୍ଦିରରେ ଏହି ତିନିଟି ପ୍ରାଣୀଙ୍କର ମୂର୍ତ୍ତି ମଧ୍ୟ ସ୍ଥାପନା କରାଯାଇଛି। ଏଠାରେ ଭକ୍ତମାନେ ମୋକ୍ଷ କାମନା କରି ବୁଢ଼ିଆଣୀକୁ ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି। ଶିବ ପୁରାଣ, ଲିଙ୍ଗ ପୁରାଣ ଓ ସ୍କନ୍ଦ ପୁରାଣରେ ମଧ୍ୟ ଏହି ମନ୍ଦିରର ବର୍ଣ୍ଣନା ରହିଛି। ବିଶ୍ୱାସ କରାଯାଏ ଯେ, ଏହି ମନ୍ଦିରରେ ଭକ୍ତି ଓ ଶ୍ରଦ୍ଧାର ସହିତ ବୁଢ଼ିଆଣୀ, ସର୍ପ ଓ ହାତୀଙ୍କୁ ବିଶେଷ ପୂଜାର୍ଚ୍ଚନା କଲେ ମହାଦେବଙ୍କ କୃପାରୁ ମୋକ୍ଷ ପ୍ରାପ୍ତି ହୋଇଥାଏ।

ଉପରୋକ୍ତ ଦୁଇଟି ମନ୍ଦିରରେ ବୁଢ଼ିଆଣୀ ପୂଜା ପାଉଥିବାବେଳେ ଉତ୍ତର ପ୍ରଦେଶର ସୁଲତାନପୁରରେ 'ବୁଢ଼ିଆଣୀ କୁଣ୍ଡ' ନାମକ ଏକ ବହୁ ପୁରାତନ କୂଅ ରହିଛି। ଏହି କୁଣ୍ଡର ଜଳ ଅତ୍ୟନ୍ତ ପବିତ୍ର ଏବଂ ରୋଗ ନାଶକାରୀ ବୋଲି ବିଶ୍ୱାସ ରହିଛି। ଜନଶ୍ରୁତି ଅନୁଯାୟୀ ଭକ୍ତଶ୍ରେଷ୍ଠ ହନୁମାନ ସଞ୍ଜୀବନୀ ବୁଟି ଆଣିବାକୁ ଯିବା ସମୟରେ କିଛି ସମୟ ଏହି ସ୍ଥାନରେ ବିଶ୍ରାମ ନେଇଥିଲେ। ହନୁମାନଙ୍କ ପ୍ରାଣ ହରଣ କରିବା ପାଇଁ ରାବଣ କାଳନେମୀ ନାମକ ରାକ୍ଷସକୁ ପଠାଇଥିଲେ। କାଳନେମୀ ଛଦ୍ମବେଶରେ ହନୁମାନଙ୍କୁ ବଧ କରିବାକୁ ଆସିଥିଲେ। ଏ ସମସ୍ତ ଘଟଣା ପ୍ରତି ଅଜ୍ଞ ହନୁମାନ ବିଶ୍ରାମ ସାରି ସ୍ନାନ ପାଇଁ ନିକଟସ୍ଥ କୂଅରୁ ପାଣି ବାହାର କରିବାକୁ ଯିବା ସମୟରେ କୂଅ ଭିତରୁ ଗୋଟିଏ ବୁଢ଼ିଆଣୀ ବାହାରି ଆସି ହନୁମାନଙ୍କ କାନରେ ଦୁଷ୍ଟ ଦାନବ କାଳନେମୀ ସମ୍ପର୍କରେ ସୂଚନା ଦେଇଥିଲା। ଏହାପରେ ହନୁମାନ କାଳନେମୀକୁ ବଧ କରିଥିଲେ। ଏହାପରେ ହନୁମାନ ଉକ୍ତ କୂଅର ଜଳରେ ସ୍ନାନ ସାରି ଲକ୍ଷ୍ୟପଥରେ ଅଗ୍ରସର ହୋଇଥିଲେ।

ସେହିଦିନଠାରୁ ଉକ୍ତ କୂଅକୁ 'ବୁଢ଼ିଆଣୀ କୁଣ୍ଡ' ବୋଲି କୁହାଗଲା। ସେହିସ୍ଥାନରେ ହନୁମାନଙ୍କର ଏକ ବିଶାଳ ପ୍ରତିମା ପୂଜା ପାଉଛନ୍ତି। ହନୁମାନଙ୍କ ମନ୍ଦିରକୁ ଯିବା ପୂର୍ବରୁ ଶ୍ରଦ୍ଧାଳୁମାନେ କୂଅର ପାଣିରେ ଗୋଡ଼ହାତ ଧୋଇଥା'ନ୍ତି ଏବଂ ମୁଣ୍ଡରେ ସିଞ୍ଚନ କରିଥା'ନ୍ତି। ବିଶ୍ୱାସ ରହିଛି ଏଭଳି କରିବା ଦ୍ୱାରା ହନୁମାନଙ୍କର ବିଶେଷ କୃପା ପ୍ରାପ୍ତ ହୋଇଥାଏ। ଏହି ମନ୍ଦିରରେ ପୂଜା ପାଉଥିବା ହନୁମାନଙ୍କ ଗୋଟିଏ ଗୋଡ଼ ପାତାଳପୁର ପର୍ଯ୍ୟନ୍ତ ରହିଛି ବୋଲି ବିଶ୍ୱାସ କରାଯାଏ। କାରଣ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୧୦୦ ଫୁଟ ତଳକୁ ଖୋଳିବା ପରେ ମଧ୍ୟ ହନୁମାନଙ୍କ ପାଦ ଦେଖିବାକୁ ମିଳିନଥିଲା। ତେଣୁ ଖନନ କାର୍ଯ୍ୟ ବନ୍ଦନ କରାଯାଇଛି ଏବଂ ପ୍ରତ୍ୟକ୍ଷ ଦେବତା ଭାବେ ଏହି ମନ୍ଦିରର ଖ୍ୟାତି ରହିଛି। (ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭୋଗ ବିକ୍ରିକୁ ନେଇ ମନ୍ଦିରରେ ଉତ୍ତେଜନା



ବାଲେଶ୍ୱର, ୧୮।୧୨(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣାସ୍ଥିତ ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ ମନ୍ଦିରରେ ଭୋଗ ବିକ୍ରିକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୋକାନରେ ଥିବା ଭୋଗକୁ ଫିଙ୍ଗାଫୋପାଡ଼ା ହୋଇଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଦୀର୍ଘ ୩ ଘଣ୍ଟା ଧରି ବ୍ୟବସାୟୀମାନେ ମନ୍ଦିର ମୁଖ୍ୟଦ୍ୱାରକୁ ଅବରୋଧ କରିଥିଲେ। ଏପରିକି, ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନରେ ଅସୁବିଧାରେ ପଡ଼ିଥିଲେ। ମନ୍ଦିର ସମ୍ମୁଖରେ ଥିବା ଦୁଇ ଦୋକାନୀଙ୍କ ମଧ୍ୟରେ ବସିବା ସ୍ଥାନକୁ ନେଇ ଏହି ଘଟଣା ଘଟିଥିଲା। ରେମୁଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅବରୋଧ ହଟାଇଥିଲା। ଅନ୍ୟପଟେ ଉଭୟ ବ୍ୟବସାୟୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ଓ ମନ୍ଦିର ପ୍ରଶାସନର ହସ୍ତକ୍ଷେପ ପରେ ଉତ୍ତେଜନା ହ୍ରାସ ପାଇଥିଲା।

# ଆହାର କେନ୍ଦ୍ରରେ ବନ୍ଧୁକ



ସୋର, ୧୮।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସୋର ପୌରପାଳିକା ଅନ୍ତର୍ଗତ ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ରରେ ଜଣେ ଯୁବକଙ୍କ ନିକଟରେ ବନ୍ଧୁକ ଥିବା ଦେଖି ଲୋକେ ଭୟଭୀତ ହେବା ସହ ସମ୍ପୃକ୍ତ ଯୁବକକୁ ଧରି ସୋର ପୁଲିସକୁ ସ୍ଥାନୀୟ ଲୋକେ ଜିମା ଦେଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ସୋର ଥାନା ରଷୋ ଗ୍ରାମର ହେମନ୍ତ ସାହାଣୀ (୨୦) ସୋର ଡାକ୍ତରଖାନାରେ ଥିବା ଆହାର କେନ୍ଦ୍ରକୁ ଖାଇବାକୁ ଆସିଥିବା ବେଳେ ତାଙ୍କ ନିକଟରେ ଏକ ବନ୍ଧୁକ ଥିବା ଦେଖି ଆହାର କେନ୍ଦ୍ର କର୍ମଚାରୀଙ୍କ ସମେତ ଲୋକେ ଛାନିଆ ହୋଇଯାଇଥିଲେ। ଏହା ଜାଣିବା ପରେ ହେମନ୍ତ ସେଠାରେ ଥିବା ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଅଟକ ରଖି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ହେମନ୍ତକୁ ଖୋଜାଖୋଜି କରି ରାଇପୁର ଗ୍ରାମରୁ କାବୁ କରି ପୁଲିସ ଜିମା ଦେଇଥିଲେ। ପୁଲିସ ବନ୍ଧୁକ ଜବତ କରିବା ସହ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା ଚଳାଇଛି।

## ଟିପିସିଓଡିଏଲ୍‌ର ଅତିରିକ୍ତ ସୁରକ୍ଷା ଜମା ନୋଟିସ

# ବିଜୁ ଯୁବ-ଛାତ୍ର ଜନତା ଦଳର ବିଶାଳ ବିକ୍ଷୋଭ

- ଅତିରିକ୍ତ ସୁରକ୍ଷା ଜମା ନୋଟିସ ପ୍ରତ୍ୟାହାର ଓ ସ୍ମାର୍ଟ ମିଟର ଲଗା ବନ୍ଦ ଦାବି
- ଜାତୀୟ ହାରଠାରୁ ଅଧିକ ଆଦାୟ ହେଉଥିବା ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର କରାଯାଉ

ଭୁବନେଶ୍ୱର, ୧୮।୧୨(ସମିସ): ଟିପିସିଓଡିଏଲ୍ ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବା ପାଇଁ ଯେଉଁ ନୋଟିସ୍ ଜାରି କରିଛନ୍ତି, ତାହା ଜନସାଧାରଣଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦି ଦିଆଯାଉଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଦୃଢ଼ ଦାବି ଉପସ୍ଥାପନ କରିବା ସହିତ ରାଜରାସ୍ତାରେ ସ୍ମାର୍ଟ ମିଟର ଭାଙ୍ଗି ପ୍ରତିବାଦ କରିଛି।

ଗୁରୁବାର ଭୁବନେଶ୍ୱର ପାୱାର ହାଉସ ଛକସ୍ଥିତ ଟିପିସିଓଡିଏଲ୍ ଅଫିସ ସମ୍ମୁଖରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ରାଜ୍ୟର କୋଟିଏ ଉପଭୋକ୍ତାଙ୍କଠାରୁ ଜାତୀୟ ହାରଠାରୁ ଅଧିକ ଆଦାୟ ହେଉଥିବା ବିଦ୍ୟୁତ୍ ଶୁଳ୍କକୁ ତୁରନ୍ତ ସୁଧ ସହିତ ଫେରାଇବା ପାଇଁ ବିଜେଡି ଦାବି କରିଛି। ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଏହି ଅର୍ଥ ଫେରସ୍ତ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି, ସେହିଭଳି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ପଦକ୍ଷେପ ନେବା ଉପରେ ବିଜେଡି ଜୋର୍ ଦେଇଛି। ସରବରାହଜନିତ କ୍ଷତି ଯୋଗୁଁ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅତିରିକ୍ତ ଶୁଳ୍କ ବହନ କରିବାକୁ ପଡୁଛି। ଟାଟା କମ୍ପାନୀର ଅପାରଗତା, ଦୁର୍ନୀତି ଯୋଗୁଁ ରାଜ୍ୟରେ ସରବରାହଜନିତ କ୍ଷତି ଜାତୀୟ ହାରଠାରୁ ମଧ୍ୟ ଅଧିକ ରହିଛି। ବହୁ ଉପଭୋକ୍ତଙ୍କ ମିଟର ସଠିକ୍ ଚାଲୁଥିଲେ ସୁଦ୍ଧା, ଏହାକୁ ଟାଟା ପାୱାର ପକ୍ଷରୁ ଜୋର୍‌ଜବରଦସ୍ତ ବଦଳାଯାଇ ସ୍ମାର୍ଟ ମିଟର ଲଗାଯାଇଛି, ଯାହା ଠିକ୍ ନୁହେଁ। ସ୍ମାର୍ଟ ମିଟର ଯୋଗୁଁ ଉପଭୋକ୍ତାମାନଙ୍କୁ ଅଧିକ ବିଦ୍ୟୁତ୍ ବିଲ୍ ଦେବାକୁ ପଡୁଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଏହି ଆର୍ଥିକ ଶୋଷଣ ବନ୍ଦ ନହେଲେ ବିଜେଡି ଟାଟା ପାୱାର ବିରୋଧରେ ଦୁର୍ବାର ଆନ୍ଦୋଳନ କରିବ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି।




ଏହି ବିକ୍ଷୋଭରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅଶୋକ ଚନ୍ଦ୍ର ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡେଇ, ସୁଶାନ୍ତ ରାଉତ, ପ୍ରଣବ ବଳବନ୍ତରାୟ, ରାଜେନ୍ଦ୍ର ସାହୁ, ସ୍ନେହାଙ୍ଗିନୀ ଛୁରିଆ, ସୁବାସ ସିଂହ, ଅବନୀ ଯୋଶୀ, ଅମରେଶ ପତ୍ରୀ, ଅମରଜିତ୍ ସେନାପତି, ସୋଫିଆ ଆଲାମ, ଧ୍ରୁତି ମାର୍ଥା, ତନ୍ମୟ ସ୍ୱାଇଁ, ଜ୍ୟୋତି ରଞ୍ଜନ ଜେନା, ମିହିର ରାଉତ, ନାରାୟଣ ଜେନା, ତୁମ୍ବନାଥ ପଣ୍ଡା, ମିହିର ରାୟ, ଏସ୍.କେ ଅମିର ମହମ୍ମଦ, ବିଜୟ କେତନ ସାହୁ, ଦୀପକ ମହାପାତ୍ର, ନୀଳମାଧବ ମହାନ୍ତି, ଶୁଭ୍ରାଂଶୁ ପାଢ଼ୀ, ସଂଜିତ୍ ମହାନ୍ତି, ମନୋଜ ସେନାପତି, ସୌମ୍ୟରଞ୍ଜନ ତ୍ରିପାଠୀ, ମନୋଜ ମହାନ୍ତି, ଜଗମୋହନ ବଳିଆରସିଂହ, ବିଶ୍ୱ ରଞ୍ଜନ ଭୂୟାଁ, ଜ୍ଞାନରଞ୍ଜନ ମାନସିଂହ, ତାରିଣୀ ପ୍ରସାଦ ନାୟକ, ସ୍ମୃତି ରଂଜନ ପଟ୍ଟନାୟକ, ରଶ୍ମି ରଞ୍ଜନ ଦାସ, ଚିନ୍ମୟ ପ୍ରଧାନ, ପୃଥ୍ୱୀରାଜ ପଣ୍ଡା, ଦୀପକ ବେହେରା, ସୁଦୀପ୍ତ କେଶରୀ ସାମଲ, ସ୍ୱଦେଶ ରଂଜନ ସିଂ, ଅରୂପ ଶ୍ରୀଚନ୍ଦନ, ମନୋରଞ୍ଜନ ସ୍ୱାଇଁ, ସୋନାଲୀ ପ୍ରିୟଦର୍ଶିନୀ, ଲଗ୍ନାଦୀପ ମିଶ୍ର, ମଧୁସ୍ମିତା ପରିଡ଼ା, ବିକାଶ ସାହୁ, ପ୍ରଦୀପ୍ତ ବିଶ୍ୱାଳ, ସୁକାନ୍ତ କୁମାର ରାୟ, ଫାତିମା ଖାତୁନ୍, ରକି ଦାସ, ସୁଜିତ୍ ପାଲଟା ସିଂହ, ଦେବସ୍ମିତା ଦାସ, ସ୍ନେହାଶିଷ ଜେନା, ଅଶୋକ ନାୟକ, ଅମିତ୍ ଜେନା, ତବ୍ରେଜ୍ ଖାଁ, ସୌମ୍ୟ ରଂଜନ ମହାପାତ୍ର, ଅସ୍ମିତ୍ ଦାସ, ସମିମ୍ ଅଖତର୍, ବିଜୟଲକ୍ଷ୍ମୀ ଦାଶ, ଏସ.କେ ନୱାଜ୍, ସଚ୍ଚିକାନ୍ତ ସାହୁ, ସିପୂଲ୍ ସ୍ୱାଇଁ, ପ୍ରଦ୍ୟୁମ୍ନ ମହାନ୍ତି, ଶଙ୍କର ମଲ୍ଲିକ, ଦୀପକ ମହାପାତ୍ର ଓ ଆଶିଷ ସାହୁ ପ୍ରମୁଖ ସାମିଲ ଥିଲେ।

## ଅବଶିଷ୍ଟାଂଶ

### ଜି-ରାମ-ଜି ବିଲ୍‌କୁ...

ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରୁଛି। ମୋଦୀ ସରକାର ମନଇଚ୍ଛା ବିଭିନ୍ନ ଯୋଜନାର ନାମ ପରିବର୍ତ୍ତନରେ ଲାଗିଛନ୍ତି ବୋଲି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଶିବରାଜ ସିଂହ କହିଥିଲେ ଯେ ମହାତ୍ମା ଗାନ୍ଧୀ ଓ ଜବାହରଲାଲ ନେହରୁଙ୍କ ନାମରେ ଏବେ ବି ଅନେକ ଯୋଜନା ରହିଛି।

ତେବେ ବିରୋଧୀ ଦଳ ଏଥିରେ ସନ୍ତୁଷ୍ଟ ହୋଇନଥିଲେ। ସେମାନେ ଏହାର ପ୍ରତିବାଦ ଜଣାଇ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବା ସହିତ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନେ ଏହି ବିଲର କପି ଚିରିବା ସହିତ ଏହାକୁ ଖଣ୍ଡ ଖଣ୍ଡ କରି ବାଚସ୍ପତିଙ୍କ ଚୌକି ଆଡ଼କୁ ଫିଙ୍ଗିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଓମ ବିର୍ଲା ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ।

ଏହାପୂର୍ବରୁ ଆଜି ସକାଳେ ବିରୋଧୀ ଦଳ ଏକତ୍ରିତ ହୋଇ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଏହି ବିଲକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ଏହି ବିଲ ହେଉଛି ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ।

ସୂଚନାଯୋଗ୍ୟ ଯେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଉଚ୍ଛେଦ କରି ଏହା ବଦଳରେ ସରକାର ସଂସଦରେ ଯେଉଁ ବିଲ୍ ଆଣିଛନ୍ତି ସେଥିରେ ନୂଆ ଯୋଜନାର ନାମ ରଖାଯାଇଛି ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିସନ-ଗ୍ରାମୀଣ (ଭିକେ ଜି-ରାମ-ଜି)। ଏହି ସ୍କିମ୍‌ରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ପ୍ରତିବର୍ଷ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ଦିଆଯାଇଛି। କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ମଜୁରି ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ମଜୁରି ନ ମିଳିଲେ ବେକାରୀ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ନୂଆ ସ୍କିମରେ କାମକୁ ୪ ଭାଗରେ ବିଭକ୍ତ କରାଯିବ। ଏଗୁଡ଼ିକ ହେଲା ଜଳ ନିରାପତ୍ତା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। ଏହି ସ୍କିମରେ ପାରିଦର୍ଶିତା ଆଣିବା ଲାଗି ବାୟୋମେଟ୍ରିକ୍ ଓ ଜିଓଟାଗିଂର ବ୍ୟବସ୍ଥା କରାଯାଇଛି। ମନରେଗାରେ ୧୦୦ ଦିନ କାମ ଗ୍ୟାରେଣ୍ଟି ଥିବା ବେଳେ ଜି ରାମ ଜିରେ ଏହାକୁ ୧୨୫ ଦିନ କରି ଦିଆଯାଇଛି। ତେବେ ଏଥିପାଇଁ ପୂର୍ବଭଳି କେନ୍ଦ୍ର ସରକାର ଆଉ ଶତ ପ୍ରତିଶତ ପାଣ୍ଠି ଯୋଗାଇବେ ନାହିଁ। କେନ୍ଦ୍ର ୬୦ ଭାଗ ଏବଂ ରାଜ୍ୟ ସରକାର ୪୦ ଭାଗ ଅର୍ଥ ଦେବେ ବୋଲି ଏଥିରେ ବ୍ୟବସ୍ଥା କରାଯାଇଛି।

### ଜଷ୍ଟିସ ସଂଗମ ସାହୁ...

ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ। ପ୍ରକାଶଥାଉକି ସୁପ୍ରିମକୋର୍ଟ କଲେଜିୟମର ସୁପାରିସ ପରେ ରାଷ୍ଟ୍ରପତି ଅନୁମୋଦନ କରିବା ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନିଯୁକ୍ତି ସମ୍ପର୍କିତ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରିବ।

ଉଲ୍ଲେଖଯୋଗ୍ୟ, ଶେଷଥର ପାଇଁ ଗତ ୨୦୨୪ ଜୁଲାଇ ୫ରେ ଓଡ଼ିଶା ହାଇକୋର୍ଟରୁ ଜଷ୍ଟିସ୍ ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ।

### ବାଲିର ଦୋଷ ନା...

କୌତୂହଳର କଥା ହେଉଛି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଲଘୁ ଖଣିଜ ଅଧିକାରୀଙ୍କ ନାମରେ ମାମଲା ରୁଜୁ କରିବା ସମଗ୍ର ଘଟଣାକୁ ଗୋଳମାଳିଆ କରି ଦେଇଛି। ଏଠି କିଏ ଦୋଷୀ ତାହା ସ୍ପଷ୍ଟ ହେଉନାହିଁ ଓ କେବଳ ଲୋକମାନଙ୍କୁ ଭ୍ରମିତ କରିବା ପାଇଁ ଏକ ଯୋଜନାବଦ୍ଧ ଉଦ୍ୟମ ହୋଇଥିବା ମଧ୍ୟ କୁହାଯାଉଛି।

ବାଲିଘାଟ ନିଲାମ ନେଇଥିବା ବ୍ୟକ୍ତି ଚୋରା ଚାଲାଣ ସହ ଜଡ଼ିତ କି ନୁହନ୍ତି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ପୁନଶ୍ଚ ଯେଉଁ ଗାଡ଼ିଗୁଡ଼ିକ ବାଲି ବୋହିବା କାର୍ଯ୍ୟରେ ନିୟୋଜିତ ହୋଇଥିଲା, ତାହାର ମାଲିକ କିଏ ଓ ଏମାନେ ବାଲି ଚୋରା ଚାଲାଣରେ ଜଡ଼ିତ କି ନୁହନ୍ତି, ତାହା ବି ଅସ୍ପଷ୍ଟ। ଜଗତସିଂହପୁର ଜିଲ୍ଲାର ନିଲାମ ହୋଇଥିବା ଅଧିକାଂଶ ବାଲିଘାଟ ଓ ନିଲାମ ହୋଇ ନ ଥିବା ବାଲିଘାଟଗୁଡ଼ିକରେ ଅନିୟମିତା ଓ ଚୋରା ବାଲି ଚାଲାଣ ଚାଲିଥିବାବେଳେ କେବଳ ଏହି ଦୁଇଟି ବାଲିଘାଟରେ ଚଢ଼ଉ କରାଯିବା ବି ସନ୍ଦେହ ସୃଷ୍ଟି କରିଛି। ଅତୀତରେ ଜଗତସିଂହପୁର ଜିଲ୍ଲାରେ ବାଲିଘାଟକୁ ନେଇ ଗୁଳିମାଡ଼ ଓ ହଣାକଟା ହୋଇଥବା ନଜିର ରହିଛି। ଏବେ ନିର୍ଦ୍ଦିଷ୍ଟ ବାଲିଘାଟ ଉପରେ ଚଢ଼ଉ କରାଯାଇ ଅନ୍ୟଗୁଡ଼ିକୁ ଛାଡ଼ି ଦିଆଯିବାର ଅର୍ଥ ବି କେହି ବୁଝି ପାରୁନାହାନ୍ତି।

ଅପରପକ୍ଷରେ ଶାସକ ଦଳର କିଛି ନେତାଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଛି। ରାଜ୍ୟସ୍ତରରେ କଂଗ୍ରେସ ଓ ବିଜେଡି ଏହାକୁ ପ୍ରସଙ୍ଗ କରିଛି ଏବଂ ବାଲି ମାଫିଆମାନେ ଶାସକ ଦଳର ବାହୁଛାୟା ତଳେ ରହିଥିବା ବି ଅଭିଯୋଗ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଓ ପୁଲିସ ବଡ଼ବଡ଼ିଆଙ୍କୁ ଧରି ପାରିବାରେ ଅସଫଳ ହେବା ପରେ ଅନ୍ୟମାନଙ୍କ ଉପରେ ଦାଉ ସାଧୁଥିବା ମଧ୍ୟ ଆଲୋଚନା ହେଉଛି। ପୁନଶ୍ଚ ଜିଲ୍ଲା ଖଣି ଅଧିକାରୀଙ୍କ ନାମରେ ପ୍ରଶାସନର ମାମଲା ପଛରେ ରାଜନୈତିକ ବିବାଦ ଥିବା ବି ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲାର କିଛି ଥାନାରେ ନିଯୁକ୍ତ ଅଧିକାରୀମାନେ ବାଲି ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଛି ଓ ଜିଲ୍ଲାରେ ଶାସକ ଦଳର ଦୁଇ ଗୋଷ୍ଠୀର ଶୀର୍ଷ ନେତାଙ୍କ ମଧ୍ୟରେ ବିବାଦରେ ବ୍ୟତିବ୍ୟସ୍ତ ପ୍ରଶାସନ ନିଜ ମୁଣ୍ଡରୁ ଦାୟିତ୍ୱ ହଟାଇବା ନିମନ୍ତେ ଖଣି ଅଧିକାରୀଙ୍କୁ ବଳି ଦେଇଛନ୍ତି ଚର୍ଚ୍ଚା ହେଉଛି।

### ବନ୍ଧା ହେଲା...

ଅନେକ ଆପରାଧିକ ମାମଲା ରହିଛି। କିଛିଦିନ ତଳେ ସେ ଜାମିନ୍ ବଳରେ ଜେଲ୍‌ରୁ ବାହାରିବା ପରେ ସହଯୋଗୀମାନଙ୍କ ସହିତ ମିଶି ଏହି ଗଣଦୁଷ୍କର୍ମ କରିଥିଲା। ଘଟଣାରେ ସଂପୃକ୍ତ ୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ମାଷ୍ଟରମାଇଣ୍ଡ ଜୋକର ହାପି ସମେତ ଅନ୍ୟ ଦୁଇ ଅଭିଯୁକ୍ତ ବିଭୂପ୍ରସାଦ ମିଶ୍ର, କାଳନ୍ଦୀ ପାତ୍ରଙ୍କୁ ଗିରଫ କରିଛି।

### ଦୁର୍ଘଟଣାରେ ଦିନକୁ...

ଏକ ଲକ୍ଷ ୭୨ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସଡ଼କ ଦୁର୍ଘଟଣାରେ ପ୍ରତିଦିନ ୪୭୪ ଜଣଙ୍କ ଜୀବନ ଯାଉଥିବା ବେଳେ ପ୍ରତି ତିନି ମିନିଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟୁଛି। ଏହି ମୃତ୍ୟୁସଂଖ୍ୟା ମଧ୍ୟରେ ୧୦ ହଜାର ହେଉଛନ୍ତି ଶିଶୁ। ପୁଣି ସ୍କୁଲ କଲେଜ ନିକଟରେ ଦୁର୍ଘଟଣା ଯୋଗୁଁ ଆହୁରି ୧୦ ହଜାର ଲୋକ ପ୍ରାଣ ହରାଇଥିଲେ।

ଆସନ୍ତାବର୍ଷ ୨୦୨୬ ସୁଦ୍ଧା ଦେଶବ୍ୟାପୀ ଉପଗ୍ରହ ଆଧାରିତ ଟୋଲ ପ୍ରଣାଳୀ ଲାଗୁ ହେବ। ଏହା ଉପଗ୍ରହ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଉପରେ ଆଧାରିତ ହେବ।। ଗାଡ଼ି ତଥା ବାହନଗୁଡିକରୁ ଫାଷ୍ଟଟ୍ୟାଗ୍ ଓ ନମ୍ବର ପ୍ଲେଟ ଚିହ୍ନଟ କରିବା ଟେକ୍‌ନିକ ଜରିଆରେ ନ ଅଟକାଇ ଟୋଲ୍ ଆପେଆପେ କଟିବ। ଏହାଦ୍ୱାରା ୧, ୫୦୦ କୋଟି ଟଙ୍କାର ଇନ୍ଧନ ବଞ୍ଚିପାରିବ ଓ ୬, ୦୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ବୃଦ୍ଧି ପାଇବ। ପ୍ରଥମେ ଟୋଲ ପାର କରିବାକୁ ୩ରୁ ୧୦ ମିନିଟ ସମୟ ଲାଗୁ ଥିବା ବେଳେ ଏବେ ଏହି ସମୟକୁ ଶୂନ୍ୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଗଡ଼କାରୀ କହିଛନ୍ତି।

■ ହାଇକୋର୍ଟଙ୍କୁ ଅବଗତ କଲେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ

# ରାଜ୍ୟରେ ୨୬୬୯ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ



କଟକ, ୧୮।୧୨(ସମିସ): କଟକ ସହର ସମସ୍ୟା ସମ୍ପର୍କିତ ମାମଲା ଶୁଣାଣି ବେଳେ ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ରହିଥିବା ସମସ୍ୟା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କଟକର ଶୈଳବାଳା ମହାବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅର୍ଥ ମଞ୍ଜୁର କରିଥିବା ବେଳେ ରାଜ୍ୟର ଅନ୍ୟ ମହାବିଦ୍ୟାଳୟ ଗୁଡିକ ପାଇଁ କଣ ପଦକ୍ଷେପ ନିଆଯାଇଛି, ସେନେଇ ବିଭାଗୀୟ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି ହାଇକୋର୍ଟ।

ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ମାମଲା ଶୁଣାଣି ବେଳେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ରାଜ୍ୟର ବିଭିନ୍ନ କଲେଜରେ ୨୬୬୯ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ବୋଲି ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏମାନଙ୍କ ମଧ୍ୟରୁ ୩୫୩ ଜଣ ଦୃଷ୍ଟିବାଧିତ, ୨୧୬ଜଣ ଶ୍ରୁତିବାଧିତ ଓ ୧୨୩୪ଜଣ ଶାରୀରିକ ଭିନ୍ନକ୍ଷମ ବୋଲି ଜଣାପଡ଼ିଛି।

ମହାବିଦ୍ୟାଳୟରେ ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନଥିବା ନେଇ ପୂର୍ବରୁ ଆଡଭୋକେଟ କମିଟି ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିଭଳି ଉଚ୍ଚ ଶିକ୍ଷା ନୁଷ୍ଠାନ ସହ ସ୍କୁଲଗୁଡ଼ିକରେ ମଧ୍ୟ ଅନୁରୂପ ସୁବିଧା ପ୍ରଦାନ କରାଯିବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। ମାମଲାର ଶୁଣାଣି ବେଳେ ଏସ୍‌ଏସ୍‌ଇପିଡି ବିଭାଗର ସ୍ୱତନ୍ତ୍ର ସଚିବ ମଧ୍ୟ ଭର୍ଚୁଆଲରେ ଉପସ୍ଥିତ ରହି ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।


**ଭାରତୀୟ କପା ନିଗମ ଲିମିଟେଡ୍**
ଭା.କ.ନି. CCI
**ଶାଖା କାର୍ଯ୍ୟାଳୟ: ରାୟଗଡା**
ପ୍ଲଟ୍ ନଂ.-୧୩୮/୨୦୩୦/୨୫//୮ ପ୍ରଥମ ମହଲା, ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକ ରିଙ୍ଗ୍ ରୋଡ୍,ରାୟଗଡା-୭୬୫୦୦୧(ଓଡ଼ିଶା)
ମୋବାଇଲ ଆପ
ସଂଖ୍ୟା: ଭାକନି / ରାୟଗଡ଼ା /୨୦୨୫-୨୬ ତାରିଖ: ୧୮.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରିପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପ୍‌ରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର/ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜୀକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନ କରି ପଞ୍ଜୀକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୭୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/- ଶାଖା ପ୍ରମୁଖ



**VEHICLE FOR SALE**

ASHOK LEYLAND 4825,MODEL 2024, Regn. No - OD-07-AT-7630 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph:0680- 2290703, MOB - 94375 77759, within 7 days.

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 15.12.2025, I, Dharitri Nayak, Address Village-Pandabilla, PO-Khiching, PS-Raruan, Dist-Mayurbhanj, Pin-757039 declare that I have changed my name from Dharaitri Nayak to Dharitri Nayak. Henceforth, I shall be known as Dharitri Nayak for all purposes.

**Dharitri Nayak**

**AFFIDAVIT (FOR MINOR)**

By virtue of an affidavit sworn before Executive Magistrate, Banpur, vide no- 3385, dated-4/9/2025 I, Gitanjali Barik, aged about -30 years, Address - W/o-Bibhuti Bhusan Barik, At-Ranipada, Po- Kumarang Sasan, Ps- Banpur, Dist-Khordha, Odisha, Pin-752031, declare that I have changed the name of my minor daughter from Subyashriya Barik to **Subhasriya Barik.** Henceforth, he shall be known as **Subhasriya Barik** for all purposes.

**Subhasriya Barik**

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 09.12.2025 I, Kholana Bhoi, Address Village-Tangia, PO-Jhadghosada, PS-Raruan, Dist-Mayurbhanj, Pin-757039 declare that I have changed my name from Khulana Bhoi to Kholana Bhoi. Henceforth, I shall be known as Kholana Bhoi for all purposes.

**Kholana Bhoi**

**AFFIDAVIT**

I, **Mamata Padhy**, Wife of Trilochan Sahu, resident of Plot No. 43/1703, Near Indraprasta, Phase II, Union Bank, Pokhariput, Aerodrome Area, PS-Airfield, Bhubaneswar, Dist. Khordha, Pin-751020, Odisha, declare by this affidavit No. 752 **Dtd. 13/12/2025** that now onwards, I shall be known as **MAMATA KUMARI PADHY** for all future purposes.

**AFFIDAVIT**

I, Latha Sahu, aged about 61 years, W/o-Sivaram Sahu, resident of At-srichandanpur, Po-bangurigaon, Ps-kakatpur, Dist- Puri, Odisha, Pin- 752118 declare by this affidavit No. 2551, dtd-18/12/2025, that now onwards I shall be known as **LATA SAHU** for all future purposes.

**ନାମ ପରିବର୍ତ୍ତନ**

ମୁଁ ଉଷାରାଣୀ ପଢ଼ିହାରୀ, ବୟସ-୫୭ ବର୍ଷ, ସ୍ୱାମୀ-ସ୍ୱର୍ଗତଃ ନିରଞ୍ଜନ ପଢ଼ିହାରୀ, ଗ୍ରାମ/ପୋ-ଗୋଲାଢ଼ିଆ, ଥାନା-ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଏହିକି ମୋର ଆଧାର କାର୍ଡ଼ ରେ ମୋର ନାମ ଉଷାରାଣୀ ପଢ଼ିହାରୀ ଓ ଜନ୍ମ ତାରିଖ-୦୧/୦୫/୧୯୬୮ ଉଲ୍ଲେଖ ଥାଇ ଆର ପି ଏଲ୍ ଆଇ ପଲିସି ବଣ୍ଡ ନଂ- **R-OR-EA-201303** ରେ ମୋର ନାମ ଉଷାରାଣୀ ପଢ଼ିହାରୀ ପରିବର୍ତ୍ତେ ଉଷାମଣୀ ଦାସ ବୋଲି ଉଲ୍ଲେଖ ଅଛି। ଏଗଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଚାନ୍ଦବାଲିଙ୍କ ନିକଟରେ ଏଫିଡାଭିଡ୍ ନଂ - **7883,** ତା- **12/12/2025** ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ଉଷାରାଣୀ ପଢ଼ିହାରୀ, ସ୍ୱାମୀ- ନିରଞ୍ଜନ ପଢ଼ିହାରୀ, ନାମରେ ପରିଚିତ ହେବି।

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
- **B. Pharm** *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
- **D. Pharm** *Rs. 48,000/- P.A.* Eligibility: +2 Sc. (PCB/M)
- **B.M.L.T.** *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
- **D.M.L.T.** *Rs. 48,000/- P.A.* Eligibility: +2 Sc. Pass (PCB/M)
- **M.P.H.** *Rs. 42,000/- P.A.* Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit (CF No. 86) sworn before The Executive Magistrate, Bhubaneswar, date: 18/12/2025. I, Jayashree Dash, W/o- Madanmohan Shyamasundar Dash, resident of Plot No. 572, Gothapatna, Near Sai Prattik Apartment, Bhubaneswar, Dist- Khordha, PIN- 751003, Odisha declare that I have changed my name from **Jayashree Meher to Jayashree Dash.** Henceforth, I shall be known as **Jayashree Dash** (new name) for all purposes.

**JAYASHREE DASH**

C-1820
ବିଜ୍ଞାପିତ ଅଂଚଳ ପରିଷଦ, ରେଢାଖୋଲ
**OFFICE OF THE NOTIFIED AREA COUNCIL, REDHAKHOL**
(ODISHA), DIST – SAMBALPUR
E-mail: eonacrdi@gmail.com

**'e' PROCUREMENT NOTICE**
No. 3051 / NAC Dt. 16.12.2025
Bid Identification No.: RDL NAC - 4/2025-26
Tender ID: 2025_ORULB_123226

The Municipal Executive Officer on behalf of NAC Redhakhol invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen in the Govt. Website i.e. **https://tendersodisha.gov.in**

1. Number of Civil works / Others : 36 numbers
2. Estimated Cost : Rs. 0.64 lakh to Rs. 8.47 lakh
3. Period of completion : As per NIT
4. Date & time of availability of bid documents in the portal : From 10.00 A.M. of 17.12.2025 to 04.00 P.M. of 29.12.2025
5. Last Date & Time for receipt of bids in the portal : 04.00 P.M. of 29.12.2025
6. Bids will be opened on : 04.30 A.M. on 29.12.2025
7. Name and address of the officer inviting bid : Executive Officer, NAC Redhakhol

OIPR-13175/11/0013/2526
Sd/- Executive Officer
NAC Redhakhol

**ସର୍ବସାଧାରଣ ବିଜ୍ଞପ୍ତି**

ଏହି ଦ୍ୱାରା ସୂଚନା ଦିଆଯାଉଛି ଯେ, ମିସେସ ଲିଂଗାମ ଜସ୍ୱଲାକ୍ଷ୍ମୀ (ଏହିରାପରେ ମୋର୍ଟଗେଜର / ବୋର୍ରୋଅର କୁହାଯାଇଛନ୍ତି) ନିମ୍ନଲିଖିତ ସିଦ୍ଧ ସମ୍ପତ୍ତିର ମୋର୍ଟଗେଜ ଆମ କ୍ଲାଇଣ୍ଟ IDFC FIRST Bank Limited - ଶାଖା ଠିକଣା ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍, ଜସ୍ପୁର ଶାଖା, ପ୍ଲଟ ନଂ-୧୨୨୧, ଏମଜି ରୋଡ, ଜସ୍ପୁର, ପିନ-୭୬୪୦୦୧, ଜିଲ୍ଲା-କୋରାପୁଟ ସ୍ଥିତ ବ୍ୟାଙ୍କର ସପକ୍ଷରେ ସୃଷ୍ଟି କରିଛନ୍ତି। ଉକ୍ତ ମୋର୍ଟଗେଜରଙ୍କର ଅରିଜିନାଲ ଦଲିଲ ଯଥା ରେକର୍ଡ ଅଫ ରାଇଟ (ROR) ଖାତା ନଂ - ୬୫ ଏବଂ ପ୍ଲଟ ନଂ -୨୫, ମାଧୁରୀ କୁମାରୀ ପାତ୍ର ନାମରେ ୨୦୨୩ ସାଲରୁ ରେକର୍ଡ ହୋଇଛି, ହରାଇ ଯାଇଛି / ନିଖୋଜ ହୋଇଛି ଏବଂ ମିଳୁନାହିଁ। ଯଦି ଉପରୋକ୍ତ ଅରିଜିନାଲ ଦଲିଲ ଏବଂ ROR ଦଲିଲ କେହି ପାଇଥାନ୍ତି, ତେବେ ତାହା ନିମ୍ନ ଠିକଣାରେ ହସ୍ତାନ୍ତର କରିବା ହେବେ। ଏହା ସହିତ, ଯଦି କେହି ବ୍ୟକ୍ତି, ସଂସ୍ଥା, ସଂଗଠନ ଉକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ଦାବି, ଆପତ୍ତି କିମ୍ବା ସମ୍ପର୍କ ରଖିଥାନ୍ତି ତେବେ ସେମାନେ ଏହି ନୋଟିସ ପ୍ରକାଶନର ୧୪ ଦିନ ମଧ୍ୟରେ ଦସ୍ତାବିଜ ପ୍ରମାଣ ସହ ନିମ୍ନ ଠିକଣାରେ ସୂଚନା ଦିଅନ୍ତୁ, ନ ହେଲେ ସେମାନଙ୍କ ଦାବି ପରିତ୍ୟକ୍ତ ଏବଂ ତ୍ୟାଗ କରାଯାଇଛି ବୋଲି ଗଣାଯିବ। ୧୪ ଦିନ ପରେ ଉଠାଯାଇଥିବା କୌଣସି ଆପତ୍ତି ଉକ୍ତ ସମ୍ପତ୍ତି ବା ମୋର କ୍ଲାଇଣ୍ଟ ଉପରେ ବାଧ୍ୟତା ସୃଷ୍ଟି କରିବ ନାହିଁ।

ସମ୍ପତ୍ତିର ବିବରଣୀ: ଖାତା ନଂ -୬୫, ପ୍ଲଟ ନଂ -୨୫, ମୌଜା-ନୀଳକଣ୍ଠେଶ୍ୱରପୁର, ତହସିଲ-ଜସ୍ପୁର, ଜିଲ୍ଲା-କୋରାପୁଟ
ସ୍ଥାନ: ଜସ୍ପୁର, ତାରିଖ: ୦୭ ଡିସେମ୍ବର ୨୦୨୫
ପ୍ୟାନେଲ ଆବେଦକ ନାମ ଏବଂ ଠିକଣା:
ମେନ ରୋଡ, ଜସ୍ପୁର, କୋରାପୁଟ-୭୬୪୦୦୧
ଶ୍ରୀ ସୁବାଶ ଚନ୍ଦ୍ର ପଣ୍ଡା, ମୋବାଇଲ: ୯୪୩୭୨୩୪୨୬୪

## ଭଦ୍ରକ ଜିଲ୍ଲା ନୂତନ ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ

# ମଞ୍ଜୁରୀ ପ୍ରାପ୍ତ ପଦ ସଂଖ୍ୟା ୧୭୧; ଅଛନ୍ତି ୪୨

ଭଦ୍ରକ,୧୮ ।୧୨(ସମିସ)

ଭଦ୍ରକ ଜିଲ୍ଲାର ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଜିଲ୍ଲାର ଲୋକ ସଂଖ୍ୟା ୨୦ ଲକ୍ଷରୁ ଅଧିକ ହୋଇଥିବା ବେଳେ ଏମାନଙ୍କର ସ୍ୱାସ୍ଥ୍ୟ ସେବା ପାଇଁ ଏକମାତ୍ର ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ସମସ୍ୟା କିନ୍ତୁ ସରକାର ଦୂର କରୁନାହାନ୍ତି। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟି ଏବେ କେବଳ "ରେଫରାଲ' ଡାକ୍ତରଖାନା ଭାବେ ଖ୍ୟାତି ଲାଭ କରିବାକୁ ଯାଉଛି। ପୂର୍ବ ସରକାର ଅମଳରେ ପ୍ରାୟ ୧୪୬କୋଟି ଟଙ୍କା ବ୍ୟୟରେ ୩ଶହ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗେଲପୁର ଠାରେ ନିର୍ମିତ ହେଲା। ଗତ ୪ ମାସ ହେବ ଡାକ୍ତରଖାନା କାର୍ଯ୍ୟକ୍ଷମ ହେଲାଣି। ତେବେ ଅତ୍ୟାଧୁନିକ ଭିତ୍ତିଭୂମି ସତ୍ତ୍ୱେ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ଡାକ୍ତର ଅଭାବ ଯୋଗୁଁ ଲୋକେ ସେବା ପାଇପାରୁନାହାନ୍ତି।

ସୂଚନାନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ୧୭୧ଟି ମଞ୍ଜୁରପ୍ରାପ୍ତ ଡାକ୍ତର ପଦବୀ ରହିଛି। ହେଲେ ଅଛନ୍ତି ମାତ୍ର ୪୨ ଜଣ। ସେହିଭଳି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟଧିକାରୀ(ସିଡିଏମ ଏଣ୍ଡ ପିଏଚ୍‌ଓ)ପଦବୀଟି ୩ ମାସ ହେବ ଖାଲି ରହିଛି। କେବଳ ସେତିକି ନୁହେଁ ଜିଲ୍ଲାରେ ଆରମ୍ଭରୁ ମଞ୍ଜୁର ହୋଇଥିବା ଜଣେ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ମାନସିକ ରୋଗୀଙ୍କ ଚିକିତ୍ସା ଓ ସେମାନଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଆଦି କାର୍ଯ୍ୟ ଲାଗି ଅକଥନୀୟ ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଛନ୍ତି ରୋଗୀଙ୍କ ସମ୍ପର୍କୀୟ। ତେବେ ଦୀର୍ଘ ୩ବର୍ଷ ହେବ ଅନଅଥରାଇଜଡ୍ ଲିଭ୍‌ରେ ରହିଥିବା ଚର୍ମରୋଗ ବିଶେଷଜ୍ଞ ପଦବୀ ଖାଲି ରହିଥିଲା। ତେବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ୧୬.୧୨.୨୫ତାରିଖ, ଚିଠି ନମ୍ବର-୩୭୦୨୦୧ରେ ରାଜ୍ୟରେ ଖାଲିଥିବା ଡାକ୍ତର ଅଭାବକୁ ଲକ୍ଷ୍ୟ କରି ୧୮୫ଜଣ ନୂତନ ଡାକ୍ତର ଓ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି କରିଛନ୍ତି ସରକାର। ତେବେ ଦୁର୍ଭାଗ୍ୟର କଥା, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୭୦ଭାଗ ଡାକ୍ତର ପଦବୀ ଖାଲି ଥିବା ବେଳେ ମାତ୍ର ୪ଜଣ ଡାକ୍ତରଙ୍କୁ ନିଯୁକ୍ତି କରିଛନ୍ତି। ଅବଶ୍ୟ ଏହି ନିଯୁକ୍ତିରେ ଜଣେ ଚର୍ମ ବିଶେଷଜ୍ଞ ଡାକ୍ତର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନିଯୁକ୍ତି ପାଇଥିବା ୪ଜଣ ହେଲେ-ଡାକ୍ତର ପ୍ରିୟବ୍ରତ ସାରମନ୍ତରାୟ(ଚର୍ମ), ଡାକ୍ତର ରାକେଶରୋଶନ ବେହେରା(ଶଲ୍ୟ), ଡାକ୍ତର ସୌମ୍ୟରଞ୍ଜନ ପଣ୍ଡା(ଚକ୍ଷୁ) ଓ ଡାକ୍ତର ଆଶୀଷ କୁମାର ଦାସ(ମାଇକ୍ରୋବାୟୋଲୋଜିଷ୍ଟ)। ତେବେ ୧୭୧ଡାକ୍ତର ଅଭାବ ସମସ୍ୟାକୁ ମାତ୍ର ୪ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିବା ସମୁଦ୍ରକୁ ଶଙ୍ଖେ ବୋଲି ବୁଦ୍ଧିଜୀବୀ ମହଲ ପ୍ରତିକ୍ରିୟା ରଖି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ସମସ୍ୟାର ସୁଯୋଗ ନେଇ ଏଠାକାର ଘରୋଇ କ୍ଲିନିକ୍ ଓ କେତେକ ନର୍ସିଂହୋମ ରୋଗୀଙ୍କୁ ଶୋଷଣ କରିବା ବଢାଇଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ସିଂହଭାଗ ସରକାରୀ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ସରକାର ମାତ୍ର ୪ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେବା ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ସରକାରଙ୍କ ଉପହାସ ବୋଲି ଅଭିଯୋଗ ହୋଇଛି।

### ନିଯୁକ୍ତ ହେଲେ ୧୮୫ ନୂଆ ଡାକ୍ତର; ଜିଲ୍ଲାକୁ ମିଳିଲା ୪




## ବି-ଟେକ୍ ଛାତ୍ରୀ ଅଙ୍କିତାଙ୍କ ସଫଳତା



ଭଦ୍ରକ,୧୮ ।୧୨(ସମିସ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବିଶ୍ୱ ବିଦ୍ୟାଳୟ ଅଧୀନରେ ଓଡ଼ିଶାର ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଜୋନ୍ ଅନୁସାରେ ବିଭିନ୍ନ ସ୍ଥାନରେ ପ୍ରତିଯୋଗିତା କରାଯାଇଥିଲା। ବରପଦା ଇଞ୍ଜିନିୟରିଂ କଲେଜ ଭଦ୍ରକ, ବାଲେଶ୍ୱର ଜୋନରେ ବ୍ୟାଡମିଣ୍ଟନ ସିଙ୍ଗଲରେ (ବିଟେକ) ତୃତୀୟ ବର୍ଷ ଛାତ୍ରୀ ଅଙ୍କିତା ଦାସଙ୍କୁ ଆଇଟି ଜୋନ୍ ବିଜେତା ଭାବେ ଘୋଷିତ ହୋଇଛନ୍ତି। ବରପଦା ଇଞ୍ଜିନିୟରିଂ କଲେଜର ଖେଳ ଶିକ୍ଷକ ଏସ୍.କେ. ନାସିର ଅଲ୍ଲୀଙ୍କ ତତ୍ତ୍ୱାବଧାନରେ କଲେଜର କ୍ରୀଡ଼ାବିତ୍‌ମାନେ ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରୁଛନ୍ତି। ଅଙ୍କିତା ଦାସଙ୍କ ସଫଳତା ପାଇଁ କଲେଜର ସଭାପତି ପ୍ରୟାସକାନ୍ତ ସାମଲ, ସମ୍ପାଦକ ମିହିର ମହାନ୍ତି, ଆଇଟି ଅଧ୍ୟକ୍ଷ ଡ଼. ଦିଲ୍ଲୀପ କୁମାର ସାହୁ ଏବଂ ବିଏମଇଟିର ଅଧ୍ୟକ୍ଷ ଗଙ୍ଗାଧର ଧଳ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ତା'ର ଭବିଷ୍ୟତ ଉଜ୍ଜଳ ପାଇଁ କାମନା କରିଛନ୍ତି।

## କଂଗ୍ରେସର ବନ୍ଧୁମିଳନରେ ସରକାରକୁ ଟାର୍ଗେଟ

ବନ୍ତ/ଆଗରପଡ଼ା,୧୮ ।୧୨(ସମିସ): ଆଗରପଡ଼ା ୧୪ନମ୍ବର ଜିଲ୍ଲାପରିଷଦ ଜୋନ ସ୍ତରୀୟ ଯୁବ କଂଗ୍ରେସ ପକ୍ଷରୁ ସ୍ଥାନୀୟ ହେମପଦ୍ମ ଗାଲାକ୍ସି ଠାରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନେତା ନବଜ୍ୟୋତି ପଟ୍ଟନାୟକ ପୂର୍ବ ବିଜେଡି ଓ ବର୍ତ୍ତମାନର ବିଜେପି ସରକାରକୁ ଜନବିରୋଧୀ ସରକାର କହିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏବେଠୁ ସଜାଗ ହେବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପିସିସି ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ଅଭିଜିତ ଜେନା,ଭଣ୍ଡାରିପୋଖରୀ ବ୍ଲକ ଯୁବ ସଭାପତି ସେକ୍ ସିଦ୍ଦିକ୍,ବନ୍ତ ବ୍ଲକ ଯୁବ ସଭାପତି ସନ୍ଦୀପ ଜେନା,ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ସରପଞ୍ଚ ସବିତା ନାୟକ, କାର୍ତ୍ତିକ ଜେନା, ରବିନାରାୟଣ ମହାନ୍ତି, ଦିଲୀପ ପୁହାଣ, ଅକ୍ଷୟ ରାଉତ,ଯୁବନେତା ମହେଶ୍ୱର ଦାଶ, ସତ୍ୟବାନ ଦାସ, ପ୍ରଦୀପ୍ତ ନାୟକ, ଚିନ୍ମୟ ସିଂହ, ନୃସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟ ଦଳ ଛାଡ଼ି କଂଗ୍ରେସରେ କିଛି ବ୍ୟକ୍ତି ଯୋଗ ଦେଇଥିଲେ।

## ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ



ଧାମନଗର,୧୮ ।୧୨(ସମିସ): ଧାମନଗର ବ୍ଲକ୍ ଦଇପୁର ପଞ୍ଚାୟତର ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପୋଷାକ ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆର୍‌ସିସି ଭୀମସେନ ହୋ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟତମ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷଧିକାରୀ ସତ୍ୟସୁନ୍ଦର ପରିଡ଼ା ଯୋଗଦେଇ ବିଦ୍ୟାଳୟର ଉନ୍ନତି, ପାଠ ପଢ଼ିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ପୂର୍ବତନ ସିଆରସିସି ପ୍ରଶାନ୍ତ କୁମାର ବେହେରା ସ୍ୱାଗତ ଅଭିଭାଷଣ ତଥା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଓ ସରକାରଙ୍କର ଲକ୍ଷ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କୁ ବହୁ ଉପାଦେୟ ତଥ୍ୟ ନିଜ ନିଜର ବକ୍ତବ୍ୟ ମାଧମରେ ପିଲାମାନଙ୍କୁ ଏହି ପରିପେକ୍ଷୀରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ, ଜୋତା, ଟି -ଶାର୍ଟ, ଟୋପି ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଚିତରଞ୍ଜନ ସେଠୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ମୁର୍ମୁ,ଶିକ୍ଷୟତ୍ରୀ ରଶ୍ମିତା କର, ସ୍ନିଗ୍ଧା ବେହେରା, ଭାଗ୍ୟଲକ୍ଷ୍ମୀ ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନଟବର ଦାଶ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ● ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

## 'ସମଗ୍ର ମାନବୀୟ ବିକାଶରେ କ୍ରୀଡା ସଂଯୋଗ ସେତୁ'




ଅସୁରାଳି,୧୮ ।୧୨(ସମିସ): ସମଗ୍ର ମାନବୀୟ ତଥା ବ୍ୟକ୍ତିତ୍ୱର ବିକାଶ, ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଏବଂ କ୍ରୀଡ଼ା ଉକ୍ତ ଉଦ୍ଦେଶ୍ୟର ସଂଯୋଗ ସେତୁ ଭଳି କାମ କରିଥାଏ। ଶାରୀରିକ ବିକାଶରେ କ୍ରୀଡ଼ା ମୁଖ୍ୟ ଭୂମିକା ଗ୍ରହଣ କରେ ଏବଂ ଉତ୍ତମ କ୍ରୀଡ଼ା ନୈପୁଣ୍ୟତା ଗୋଟିଏ ଜାତିର ପରିଚୟ ସୃଷ୍ଟି କରିଥାଏ ବୋଲି ପାଳସାହି ସ୍ଥିତ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ - ୨୦୨୫ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ଅଧ୍ୟକ୍ଷତା ତଥା ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବକୁ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଉଦଘାଟନ କରିଥିଲେ। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଗୟାଧର ପଣ୍ଡା ମୁଖ୍ୟ ବକ୍ତା, ବାବାମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା, କବି ତଥା ସଂଗଠକ ନାରାୟଣ ଚନ୍ଦ୍ର ପାଢ଼ୀ, ପୂର୍ବତନ ସରପଂଚ ସୁଶାନ୍ତ କୁମାର ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଇପ୍ସିତା ବେହେରା ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲା ବେଳେ ଅଧ୍ୟାପକ ଲକ୍ଷ୍ମୀଧର ଦାଶ ଅତିଥି ପରିଚୟ, କ୍ରୀଡା ଶିକ୍ଷକ ଅନିଲ କୁମାର ରାଉତ ସ୍ୱାଗତ ଭାଷଣ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଓ ମନମୋହନ ତ୍ରିପାଠୀ ବେଦ ପାଠ କରିଥିଲେ। ଅଧ୍ୟାପିକା ଗାୟତ୍ରୀ ମହାନ୍ତି, ଅଧ୍ୟାପକ ସୋମନାଥ ମଲିକ, ଅଧ୍ୟାପକ ପ୍ରିୟଦୀପ ପରିଡ଼ା, ଅଧ୍ୟାପକ ଲୋକନାଥ ସିଂ, ଅଧ୍ୟାପିକା ପୟସ୍ୱତୀ ରାଉତ, ଅଧ୍ୟାପିକା କଳ୍ପନା ମଞ୍ଜରୀ ଜେନା, ଅଧ୍ୟାପିକା ଆଶାଲତା ବିଶ୍ୱାଳ, ଅଧ୍ୟାପିକା ଅଲିଭା ପ୍ରିୟଦର୍ଶିନୀ ଖିଲାର ପ୍ରମୁଖ କ୍ରୀଡା ଉତ୍ସବ ପରିଚାଳନା କରିଥିଲେ।

## ଚାଷୀଙ୍କୁ ବିପଦ ଚକବନ୍ଦୀ ଛକ



ବାରିକପୁର, ୧୮ ।୧୨(ସମିସ):ଜାତୀୟ ରାଜପଥରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଶୈଳୀ ଯୋଗୁଁ ଅନେକ ସ୍ଥାନ ବିପଦସଙ୍କୁଳ ଭାବେ ପରିଗଣିତ ହୋଇଛି। ତନ୍ମଧ୍ୟରୁ ଭଣ୍ଡାରିପୋଖରୀ ପାଳଦାବାଙ୍କ ନିକଟସ୍ଥ ଚକବନ୍ଦୀ ଛକ ଅନ୍ୟତମ। ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟି ଜୀବନ ହାନି ହେଉଥିବା ବେଳେ ଅନେକ ଆହତ ମଧ ହେଉଛନ୍ତି। ବିଶେଷ କରି ସ୍ଥାନୀୟ ବାସିନ୍ଦା ଓ କୃଷକମାନେ ଦୈନିକ ଏହି ଛକରେ ଅତିକ୍ରମ କରିବା ପାଇଁ ସୁରକ୍ଷିତ ମଣୁନାହାନ୍ତି। ଜାତୀୟ ରାଜପଥର ନବିକରଣ କାର୍ଯ୍ୟ ପରେ ଅଦ୍ୟାବଧି ଚକବନ୍ଦୀ ଛକ ଠାରୁ ପାଳଦା ବାଙ୍କ ଯାଏଁ ବାମ ପାର୍ଶ୍ୱ ବାଇପାସ୍ ରାସ୍ତା ନିର୍ମାଣ ହୋଇନାହିଁ। ତେଣୁ ବାଇକ ଓ ସାଇକେଲ ଆରୋହୀ ଛକ ଠାରେ ସୃଷ୍ଟି କରାଯାଇଥିବା ଅସ୍ଥାୟୀ ଡାଇଭର୍ସନରେ ରାସ୍ତା ଅତିକ୍ରମ କରୁଥିବା ଦେଖିବାକୁ ମିଳିଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ମାନ ଘଟୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିକଟସ୍ଥ ଗ୍ରାମର ଚାଷୀ ମାନେ ବିଲବାଡ଼ିକୁ ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ସମୟରେ ଗାଁର ଗାଈଗୋରୁ ଏଠାରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସଂପ୍ରତି ଧାନ ଅମଳ ସମୟରେ ଯେଉଁ ଚାଷୀ ଭାଇମାନେ ଶସ୍ୟ ଭାର ନେଇ ଖଳାବାଡିକୁ ଆସୁଛନ୍ତି ସେମାନେ ରାଜପଥ ଅତିକ୍ରମ କରିବାକୁ ଅନେକ ସମୟ ଧରି ଅପେକ୍ଷା କରୁଛନ୍ତି। ଗୋଟିଏ ରାସ୍ତା ପାରି ହୋଇ ଯିବା ପରେ ମଧ ଅନ୍ୟ ଏକ ରାସ୍ତାକୁ ଅତିକ୍ରମ କରିବାକୁ କାନ୍ଧରେ ଶସ୍ୟ ଭାର ଧରି ବୋହୁ ସମୟ ଯାଏଁ ଠିଆ ହୋଇ ରହୁଛନ୍ତି ଚାଷୀ। ମୋଟରସାଇକେଲ ଓ ସାଇକେଲ ଚାଳକଙ୍କ କ୍ଷେତ୍ରରେ ମଧ ସମାନ ଅବସ୍ଥା ଦେଖା ଯାଇଛି। ଦୁର୍ଘଟଣା ରୁ ବର୍ତ୍ତିବାକୁ ଲୋକେ କଷ୍ଟ ପାଉଥିବା ବେଳେ ଟିକିଏ ଅସାବଧାନ ହେଲେ ଜୀବନ ଚାଲି ଯିବାର ଭୟ ରହୁଛି। ଦୀର୍ଘ ବର୍ଷ ଧରି ଏହି ଭଳି ଭାବେ ଚକବନ୍ଦୀ ଛକରେ ଯାତାୟାତ ବ୍ୟବସ୍ଥା ରହିଥିବା ବେଳେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ଏହା ଉପରେ ଦୃଷ୍ଟି ନଦେବା ପରିତାପର ବିଷୟ ପାଲଟିଛି।

## ୨ ନାବାଳିକା ଛାତ୍ରୀ ଉଦ୍ଧାର

ଦୋବଲ,୧୮ ।୧୨(ସମିସ): ଧାମନଗର ଥାନା ଅଧୀନ ୭ ନମ୍ବର ତାଳପଦା ଅଞ୍ଚଳର କାଉନସିଲର୍ ସ୍ୱାଧୀନ ସମ୍ବିଦ ଦାଶ ୨ଜଣ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ଉଦ୍ଧାର ଛାତ୍ରୀ ଦୁଇଜଣ ହେଲେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଇଜାପୁର ଅଞ୍ଚଳର। ଉଭୟ ଛାତ୍ରୀ ଦଶମ ଶ୍ରେଣୀରେ ପଢୁଥିବାବେଳେ ଟ୍ୟୁସନ ପଢ଼ିବା ପାଇଁ କ୍ଷେତ୍ରପୁର ଅଞ୍ଚଳର ଜଣେ ପରିଚିତଙ୍କ ଘରକୁ ଆସିଥିଲେ। ଛୁଟି ପରେ ବହି ଦୋକାନରୁ ଖାତା କିଣିବାକୁ ଯାଇଥିବା ସମୟରେ କିଛି ଯୁବକ ଏକ ୪ ଚକିଆ ଯାନରେ ଆସି ଭୟଭୀତ କରି ଗାଡ଼ିରେ ବସାଇବାକୁ ଚେଷ୍ଟା କରିଥିଲେ। ଏଥିରେ ଡରିଯାଇ ଉଭୟ ଛାତ୍ରୀ ଲକ୍ଷ୍ମୀ ବସରେ ବସି ଧାମନଗରକୁ ପଳାଇଥିଲେ। ସେଠାରୁ ରାତି ହୋଇଯିବାରୁ ବାଟ ନପାଇ ଚାଲି ଚାଲି ଧାମନଗର କୋଠାର ରାସ୍ତାରେ ଯାଉଥିବା ସମୟରେ ତାଳପଦା ଠାରେ ଜଣେ ଛାତ୍ରୀ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ଏହି ସମୟରେ କାଉନସିଲର ସ୍ୱାଧୀନ ସମ୍ବିଦ ଦାଶ ପହଞ୍ଚି ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସୁସ୍ଥ ହେବା ପରେ ଛାତ୍ରୀଙ୍କ ପରିବାରର ଫୋନ ନମ୍ବର ନେଇ ଯୋଗାଯୋଗ କରିଥିଲେ। ପରିବାର ଲୋକେ ଆସି ପହଞ୍ଚିବା ପରେ ଉଭୟ ଛାତ୍ରୀଙ୍କୁ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣା ପ୍ରଘଟ ହେବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା।

## ଯାତ୍ରୀ ସୂଚନା ଫଳକ ପ୍ରତିଷ୍ଠା ଦାବି

ବାରିକପୁର,୧୮ ।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପାଳଦା ବାଙ୍କଠାରେ ଏକ ଯାତ୍ରୀ ସୂଚନା ଫଳକ ପ୍ରତିଷ୍ଠା କରିବାକୁ ଦାବି ହୋଇଛି। ଜାତୀୟ ରାଜପଥ ସଂଲଗ୍ନ ପାଳଦା ବାଙ୍କଠାରୁ ପଡ଼ୋଶୀ ଯାଜପୁର ସହର ବିରଜା କ୍ଷେତ୍ରକୁ ପୂର୍ତ୍ତ ରାସ୍ତା ସଂଯୋଗ ହୋଇଛି। ବିଭିନ୍ନ ସ୍ଥାନକୁ ଯିବାକୁ ପଥର ଦୂରତା ହ୍ରାସ ଓ ସମୟ ବଂଚେଇବା ସକାଶେ ପ୍ରାୟ ୧୩ କିମି ବିଶିଷ୍ଟ ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଜନସାଧାରଣ ବିଭିନ୍ନ ଯାନବାହାନ ରେ ଯାତାୟାତ କରିଥାନ୍ତି। ଯାଜପୁର ସମେତ କଟକ ଓ ଭୁବନେଶ୍ୱର ପଟୁ ଆସୁଥିବା ଲୋକମାନେ ଏହି ରାସ୍ତା ଅତିକ୍ରମ କରି ଜାତୀୟ ରାଜପଥ ଦେଇ ଭଦ୍ରକ, ବାଲେଶ୍ୱର ଓ କଲିକତା ଅଭିମୁଖେ ଯାତ୍ରା କରିଥାନ୍ତି। ସେହିପରି ଅପରପାର୍ଶ୍ୱର ଅଧିକାଂଶ ଯାନବାହାନ ମଧ୍ୟ ଏହି ରାସ୍ତାରେ ଯାଜପୁର ଓ ଭୁବନେଶ୍ୱର ଅଭିମୁଖେ ଯାଇଥାଏ। ବିଶେଷ କରି ଯେଉଁ ଲୋକମାନେ ବାଲେଶ୍ୱର ଓ କଲିକତା ପଟୁ ଆସୁଛନ୍ତି ସେମାନେ ପୂର୍ତ୍ତ ରାସ୍ତାରେ ବିରଜା କ୍ଷେତ୍ରକୁ ଯିବା ପାଇଁ ହଠାତ ମାର୍ଗ ଚୟନ କରିପାରୁ ନାହାନ୍ତି। ପାଳଦା ବାଙ୍କ ଠାରୁ ଯାଜପୁରକୁ ରାସ୍ତା ରହିଥିଲେ ମଧ୍ୟ ସୂଚନା ଫଳକ ବିନା ଦୂରଦୁରାନ୍ତ ଲୋକ ମାନେ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ବାଟ ଜାଣି ପାରୁ ନାହାଁନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ଠାରୁ ପଚାରି ବୁଝି ଯାଉଛନ୍ତି। ଦିନବେଳେ ଯେକୌଣସି ପ୍ରକାରେ ଅଜଣା ଯାତ୍ରୀମାନେ ଯାତାୟାତ କରୁଥିବା ବେଳେ ରାତିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଲୋକମାନଙ୍କ ସୁବିଧା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ପାଳଦା ବାଙ୍କ ଠାରେ ବିରଜା କ୍ଷେତ୍ରକୁ ରାସ୍ତା ସୂଚିତ କରି ଏକ ନାମଫଳକ ପ୍ରତିଷ୍ଠା କରିବାକୁ ବୃଦ୍ଧିଜୀଜୀ ମହଲରେ ଦାବି ହୋଇଛି।

## ତୁଳସୀ ପୂଜନ ଉତ୍ସବ



ବାରିକପୁର,୧୮ ।୧୨(ସମିସ): ଭାରତୀୟ ଧର୍ମ ସଂସ୍କୃତିକୁ ଉଜ୍ଜୀବିତ ରଖିବା ସମସ୍ତଙ୍କ ପାଇଁ ପ୍ରଧାନ କର୍ତ୍ତବ୍ୟ। ତେଣୁ ଡିସେମ୍ବର ୨୫ ତାରିଖ ସମସ୍ତେ ତୁଳସୀ ପୂଜନ ଉତ୍ସବ ପାଳନ କରିବା ଉଚିତ ବୋଲି ମତପ୍ରକାଶ ପାଇଛି। ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ପ୍ରତୀକାତ୍ମକ ଭାବେ ତୁଳସୀ ପୂଜନ ଉତ୍ସବ ଆରମ୍ଭ ହୋଇଛି। ବ୍ଲକର ମଞ୍ଜୁରୀ ରୋଡ ହେଲ୍ପ ଲାଇନ କମ୍ପ୍ୟୁଟର ସେଂଟର ଠାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆଜି ତୁଳସୀ ମାତାଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଏଥିରେ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ସଦସ୍ୟ ମନୋଜ କୁମାର ସାହୁ ଉପସ୍ଥିତ ରହି ତୁଳସୀ ମହିମା ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଡିସେମ୍ବର ୨୫ ଦିନ ସମସ୍ତେ ତୁଳସୀ ପୂଜନ କରିବାକୁ ଆହ୍ୱାନ ଦେଇଛନ୍ତି। ପ୍ରଭାତି ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀ ମାନେ ବୃନ୍ଦାବତୀଙ୍କୁ ବୈଦିକ ରୀତି ନୀତି ଅନୁଯାୟୀ ପୂଜନ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମମାନଙ୍କରେ ଏହି ଉତ୍ସବ ଆୟୋଜିତ ହେବ ବୋଲି ଜଣା ଯାଇଛି।

## ବର୍ଦ୍ଧିତ ଭତ୍ତାକୁ ଚାହିଁ ବସିଛନ୍ତି ବୃଦ୍ଧା ରଙ୍ଗଲତା



ଦୋଳସାହି,୧୮ ।୧୨(ସମିସ): ସରକାର ଅସହାୟ, ବିଧବା ଓ ଭିନ୍ନକ୍ଷମଙ୍କ ସେବା କରୁଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ବହୁ ଭତ୍ତା ଆବେଦନ କରଥିବା ହିତାଧିକାରୀ ଅଧିକ ରାଜନୈତିକ ଆକ୍ରୋଶର ଶିକାର ହେଉଥିବା ଜଣାପଡ଼ିଛି। ଏଥିସହ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବାବେଳେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ ତିହିଡ଼ି ବ୍ଲକର ୩୧ ପଞ୍ଚାୟତରେ ୭୨୦୦ ରୁ ଅଧିକ ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ଭତ୍ତା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଛନ୍ତି। ୩ ଶହରୁ ଅଧିକ ବିଧବା ଏକ ବର୍ଷ ପୂର୍ବରୁ ଅନଲାଇନ୍ ଆବେଦନ କରି ଭତ୍ତା ପାଇଁ ଚାହିଁ ବସିଥିବା ଜଣାଯାଇଛି। ଅନ୍ୟପକ୍ଷରେ ୪ ଶହ ଜଣ ବିଧବା ଭତ୍ତା ଗତ ଅକ୍ଟୋବର ମାସରେ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ଜଣାଯାଇଛି। ସେହିପରି ଏହି ବ୍ଲକ୍‌ର ୩୧ ପଞ୍ଚାୟତରେ ହଜାରରୁ ଅଧିକ ବର୍ଦ୍ଧିତ ଭତ୍ତା ପାଇବାକୁ ଅନାଇ ବସିଥିବା ବେଳେ ଗୁଆମାଳ ପଞ୍ଚାୟତର ମୋଡସାହି ଗାଁ ର ସ୍ୱର୍ଗତ ବାଞ୍ଛାନିଧି ପୁଷ୍ଟିଙ୍କ ବିଧବା ପତ୍ନୀ ବୃଦ୍ଧା ରଙ୍ଗଲତା ପୁଷ୍ଟି (୮୨) ବଢ଼ା ଭତ୍ତା ମିଳୁନଥିବା କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# କଂଗ୍ରେସ ପକ୍ଷରୁ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭଦ୍ରକ,୧୮ ।୧୨(ସମିସ)

ନ୍ୟାସନାଲ ହେରାଲ୍ଡ ମିଛ କେଶ ମାମଲାକୁ ବିରୋଧ କରି ଆଜି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଘେରାଉ କରାଯାଇଥିଲା। ଏହି ଅବସରରେ ଏକ ରାଲି ଜାତୀୟ ରାଜପଥରେ ଯାଉଥିବାବେଳେ ୨ଶହରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀଙ୍କୁ ପୁଲିସ ଅଟକାଇବା ସହ ବହୁ କର୍ମୀଙ୍କୁ ଉଠାଇ ନେଇଛି। ଜିଲ୍ଲା ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଆରଡ଼ି ଛକ ସ୍ଥିତ ସର୍କିଟ ହାଉସଠାରେ ବିରାଟ ରାଲି ଯୋଗେ ୧୬ନମ୍ବର ଜାତୀୟ ରାଜପଥର ପାର୍ଶ୍ୱ ରାସ୍ତାରେ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଉଥିବା ବେଳେ ପୂର୍ବପ୍ରସ୍ତୁତିରେ ଥିବା ଜିଲ୍ଲା ପୁଲିସ ରାଲିକୁ ଅଟକାଇଥିଲା। ଏହି ବିକ୍ଷୋଭ ପ୍ରଦର୍ଶନରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଅବଦୁଲ ମୋକିତ ଖାଁ, ଦେବରୂପ ମହାନ୍ତି, ଦଳିତ ନେତା ରାଜେନ୍ଦ୍ରପ୍ରସାଦ ଜେନା,ପୀତବାସ ଧଳ, ରାଜକିଶୋର ସ୍ୱାଇଁ, ରମେଶ ବେହେରା, ରଜନୀକାନ୍ତ ଚନ୍ଦ, ମହିଳା ନେତ୍ରୀ ଶର୍ମିଷ୍ଠା ପଣ୍ଡା, ଅମିତାବାଳା ଆଚାର୍ଯ୍ୟ, ସବିତା ଚନ୍ଦ,ହସିନା ଖାତୁନ, ଲାଲୁ ଖାଁ, ଇଲିଆସ ଅଲି ଖାଁ, ଗୋଲକ ଚନ୍ଦ୍ର ବେହେରା, କାଉନସିଲର ଜାହିଦ ସାହା କାଉସିଲର ସେକ ସାହିଲ କାଦ୍ରୀ, ଜ୍ୟୋତ୍ସ୍ନାରାଣୀ ଜେନା, ସମିତି ସଭ୍ୟ ଗୟାଧର ସେଠୀ, ହାଡିବନ୍ଧୁ ବିଶ୍ୱାଳ, ଅଜୟ ସାହୁ,ବିଦ୍ୟାଧର ଜେନା, ପ୍ରଦ୍ୟୁମ୍ନ ଦାସ, ବିଜୟ ଦାସ, ରଞ୍ଜନ ଜେନା, ଶଶିକାନ୍ତ ଜେନା, ଖଗେଶ୍ୱର ଜେନା ପ୍ରମୁଖ ନେତା ସାମିଲ ହୋଇଥିଲେ। ନ୍ୟାସନାଲ ହେରାଲ୍ଡ ମିଛ ମାମଲା କରି ବିଜେପି ସରକାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବଦନାମ କରିବା ସହ ଦଳକୁ ବଦନାମ କରିବା ପାଇଁ ଯେଉଁ ହୀନ ଚେଷ୍ଟା କରିଥିଲେ ତାହା ବିଫଳ ହୋଉଛି ଏବଂ ଶେଷରେ ସତ୍ୟର ବିଜୟ ହୋଇଥିବାରୁ ଦେଶବାସୀଙ୍କ ପାଖରେ ବିଜେପି ସରକାର କ୍ଷମା ମାଗନ୍ତୁ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି। ପରେ ଘଟଣାସ୍ଥଳରୁ ଜିଲ୍ଲା ସଭାପତିଙ୍କ ସମେତ ବହୁ ବରିଷ୍ଠ ନେତାଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀଙ୍କୁ ଗିରଫ କରି ନଳାଙ୍ଗ ସ୍ଥିତ ଗ୍ରାମାଞ୍ଚଳ ଥାନାକୁ ନେଇ ଅଟକ ରଖି ପରେ ଛାଡ଼ି ଦେଇଥିବା ଜଣାଯାଇଛି।

### ୩୦ରୁ ଉର୍ଦ୍ଧ୍ୱ ନେତା, କର୍ମୀ ଗିରଫ



## ରାଜେନ୍ଦ୍ରପୁର ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ବାରିକପୁର, ୧୮।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ନିକଟ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ଗୁଡ଼ି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀ ଉକ୍ତ ଖେଳରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଦୌଡ଼, ମ୍ୟୁଜିକ ଚେୟାର, ଗଣିତ ଦୌଡ଼, କୋନ ରେସ, ଛୁଞ୍ଚିସୂତା, ସର୍ଟପୁଟ, ଡିସକସ୍ ଥ୍ରୋ, ସାଇକଲ ରେସ, ବ୍ୟାଡମିଣ୍ଟନ, କବାଡ଼ି, ପୁଚି, ସ୍କିପିଙ୍ଗ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୁଇଦିନ ଧରି ଅନୁଷ୍ଠିତ କ୍ରୀଡ଼ା ଉତ୍ସବକୁ ସହକାରୀ ଶିକ୍ଷକ ବିଶ୍ୱମ୍ବର ମାଝୀ, ଶ୍ରୀକାନ୍ତ ପ୍ରସାଦ ବେହେରା, ମନସ୍ମିତା ବିଶ୍ୱାଳ, ବୈଶାଖୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ଫରେଷ୍ଟଗାର୍ଡ ନିଯୁକ୍ତି ଦେବାକୁ କହି ଠକେଇ

# ୩ ଲକ୍ଷ ଟଙ୍କା, ମାଟ୍ରିକ୍ ସାର୍ଟିଫିକେଟ୍ ନେଇ ସିପାହୀ ଛୁ’

**ଭଦ୍ରକ, ୧୮ ।୧୨(ସମିସ)**

ନିଯୁକ୍ତି ଦେବାକୁ ପ୍ରଲୋଭିତ କରି ଟଙ୍କା ଠକେଇ କରିବା ଘଟଣା କିଛି ନୂଆ ନୁହେଁ। ତେବେ ପୁଲିସ ଏସ୍‌ଓଜିରେ କାର୍ଯ୍ୟ କରୁଥିବା ଜଣେ ସିପାହୀ ଏଭଳି ଠକେଇ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଭଟ୍ଟସାହି ଅଞ୍ଚଳର ସତ୍ୟଜିତ ମିଶ୍ର (୨୧)ଙ୍କୁ ଓଡ଼ିଶା ଫରେଷ୍ଟ ଗାର୍ଡ ପଦବୀରେ ନିଯୁକ୍ତି କରାଇ ଦେବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହି ଥାନା ଅଧୀନ ନଦୀଗାଁ ଅଞ୍ଚଳର ମୁନନ୍ ଦାସ ଓଡ଼ିଶା ପୁଲିସର ଏସଓଜିରେ ସିପାହୀ ଭାବେ କାର୍ଯ୍ୟ କରନ୍ତି। ଏହି ନିଯୁକ୍ତି ଲାଗି ସେ ୬ଲକ୍ଷ ଟଙ୍କା ଦାବି କରିବା ସହ ଅରଜିନାଲ ମାଟ୍ରିକ୍ ସାର୍ଟିଫିକେଟ ଦେବାକୁ କହିଥିଲେ। ଜଣେ ପୁଲିସ ସିପାହୀଙ୍କ ଠାରୁ ଏହି ନିଯୁକ୍ତି ପ୍ରତିଶ୍ରୁତିରେ ରାଜି ହୋଇ ସତ୍ୟଜିତ୍ ୩ଲକ୍ଷ ୨୦ହଜାର ଟଙ୍କା ଫୋନ୍ ପେ’ ମାଧ୍ୟମରେ ମୁନନ୍‌ଙ୍କୁ ଦେବା ସହ ତାଙ୍କ ମାଟ୍ରିକ୍ ସାର୍ଟିଫିକେଟ ମଧ୍ୟ ଦେଇଥିଲେ। ଏହି ଘଟଣା ଅଢ଼େଇ ବର୍ଷ ତଳର। ଇତିମଧ୍ୟରେ ଫରେଷ୍ଟ ଗାର୍ଡରେ ନିଯୁକ୍ତି ସରିଲାଣି ଓ ଅନେକ ନିଯୁକ୍ତି ପାଇଲେଣି। ଏକଥା ଜାଣିବା ପରେ ତାଙ୍କ ଟଙ୍କା ଓ ସାର୍ଟିଫିକେଟ୍ ଫେରସ୍ତ ଲାଗି ସତ୍ୟଜିତଙ୍କୁ ବହୁବାର ଅନୁରୋଧ କରିଥିଲେ ବି ସେ ଆଜି, କାଲି କହି ସମୟ ଗଡ଼ାଉଥିଲେ। ଶେଷରେ ନିରାଶ ହୋଇ ସତ୍ୟଜିତ ଧୂଷୁରୀ ଥାନାରେ ଏତଲା ଦେବା ପରେ ମାସକ ତଳେ ପୁଲିସ ଏହି ଘଟଣାରେ ଏକ ମାମଲା



ରୁଜୁ କରିଛି। ତେବେ ଟଙ୍କା ନେଇଥିବା ମୁନନ୍ ପୁଲିସ ବିଭାଗରେ କାର୍ଯ୍ୟରତ ଥିବାରୁ ତାଙ୍କୁ ଗିରଫ୍ କରାଯାଉନି ବୋଲି ଠକାମୀରେ ଶିକାର ସତ୍ୟଜିତ୍ ଅଭିଯୋଗ କରିବା ସହ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ଠାରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ଠକେଇ ଘଟଣା ନେଇ ଧୂଷୁରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେଙ୍କୁ ପଚାରିବାରୁ ଘଟଣାରେ ଆମେ ମାସକ ତଳେ ମୁନନ୍ ଦାସଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛୁ ବୋଲି କହିଛନ୍ତି। ତେବେ ସେ ଗତ ୨ମାସ ହେବ ଡ୍ୟୁଟିକୁ ନଯାଇ ଫେରାର୍ ଥିବା ସେ ସୂଚନା ଦେଇଛନ୍ତି।

## ଅନିଶ୍ଚିତତାରେ କାକୁଡ଼ି ଗଡ଼ିଆ ଉଚ୍ଚପଦା ରାସ୍ତା କାମ



**ଅସୁରାଳି, ୧୮।୧୨(ସମିସ):** କାକୁଡ଼ି ଗଡ଼ିଆଠାରୁ ଉଚ୍ଚ ପଦା ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ ପାଇଁ ଗତ ମାସ ୧୧ ତାରିଖରେ ଭିତ୍ତି ପ୍ରସ୍ତର ସ୍ଥାପନା କରାଯାଇଥିଲା। ଯାହାକୁ ନେଇ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଥିଲେ। କିନ୍ତୁ ଭିତ୍ତି ପ୍ରସ୍ତର ସ୍ଥାପନା ପରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନି। ଭିତ୍ତି ପ୍ରସ୍ତର ସ୍ଥାପନା ଦିନରେ ଯନ୍ତ୍ରୀଙ୍କୁ ଦେଖିବାକୁ ମିଳିଥିଲା। କିନ୍ତୁ ସେଥିଠାରୁ ଆଜି ପର୍ଯ୍ୟନ୍ତ ଠିକାଦାରଙ୍କ ଦେଖା ମିଳୁନାହିଁ। ଦିନକୁ ଦିନ ଏହି ରାସ୍ତାରେ ଯାତ୍ରୀମାନେ ଅସୁବିଧାରେ ପଡୁଛନ୍ତି। ଲୋକମାନେ ଭିତ୍ତି ପ୍ରସ୍ତର ସ୍ଥାପନାକୁ ଦେଖି ଆଶା କରିଥିଲେ ଯେ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। କିନ୍ତୁ ମାସେ ବିତିଗଲାଣି, ରାସ୍ତା କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଆଶାରେ ରହିଗଲା। ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କୁ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରୁଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଚାନ୍ଦବାଲି ୧୮।୧୨(ସମିସ):** ଚାନ୍ଦବାଲି ବ୍ଲକ ଅନ୍ତର୍ଗତ କାଣ୍ଡଗରଡ଼ି ପଞ୍ଚାୟତର ତେନ୍ତୁଳିଦା ଗାଁର ଧର୍ମପରାୟଣ ମହିଳା ସୁମିତ୍ରା ବିଶ୍ୱାଳ (୭୦)ଙ୍କ ନିଜ ଗ୍ରାମରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ହେବ ସେ ଯକୃତ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଗ୍ରାମର ବହୁ ବ୍ୟକ୍ତି ଆସି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ଅବସରପ୍ରାପ୍ତ ବିବିସିସି ବ୍ୟାଙ୍କ ଅଧିକାରୀ ରବୀନ୍ଦ୍ର ବିଶ୍ୱାଳ, ପୁତ୍ର ବିଜୟ ବିଶ୍ୱାଳ, ବୋହୂ, ଦିଅର ରମେଶ ବିଶ୍ୱାଳଙ୍କ ସମେତ ପରିବାରର ବହୁ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ। ଏକମାତ୍ର ପୁତ୍ର ବିଜୟ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

## ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ

**ବାରିକପୁର, ୧୮।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଗ୍ରାମପଞ୍ଚାୟତ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରାଯାଇଛି। ସରପଞ୍ଚ ମିନତୀ ପରିଡ଼ାଙ୍କ ନିର୍ଦ୍ଦେଶ ମତେ ପଞ୍ଚାୟତର ବଡ଼ମାଳଦା, ଚତୁର୍ଭୁଜପୁର, ସାରଣା, ଜଳହରି, ସର୍ତ୍ତାନାଳ ନିକଟସ୍ଥ ଖେଳପଡ଼ିଆ ଆଦି ସ୍ଥାନରେ ଗଛ ଲଗାଯାଇଛି। ବିଶେଷ କରି ପଣସ, ଆମ୍ବ, ଆକାଶିଆ, କୃଷ୍ଣଚୂଡ଼ା, ବେଲ, ନିମ୍ବ ଗଛ ରୋପଣ ହୋଇଛି। ଗତ ଦୁଇ ମାସ ପୂର୍ବେ ଏହି ବୃକ୍ଷ ରୋପଣ ହୋଇଥିବା ବେଳେ ଏବେ ସେଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ ହେଉଛି। ଏହା ଛଡ଼ା କିଛି ନୂଆ ଗଛ ମଧ୍ୟ ରୋପଣ ହେଉଛି। ଯୁବ ନେତା ପ୍ରତ୍ୟୁଷ ସାମଲ ଓ ଭାଗିରଥି ପରିଡ଼ା ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକୁ ତଦାରଖ କରିଛନ୍ତି।

## ବରିଷ୍ଠ ନାଗରିକ ମହାସଂଘ କର୍ମକର୍ତ୍ତା ସମ୍ବର୍ଦ୍ଧିତ




**ତିହିଡି, ୧୮ ।୧୨(ସମିସ):** ରାଜ୍ୟସ୍ତରୀୟ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୧୫ତମ ବାର୍ଷିକ ସାଧାରଣ ଅଧିବେଶନରେ ତିହିଡି ବରିଷ୍ଠ ନାଗରିକ ମହାସଂଘର କର୍ମକର୍ତ୍ତାମାନେ ଭୁବନେଶ୍ୱର ମେୟର ସୁଲୋଚନ ଦାସ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତିହିଡି ବରିଷ୍ଠ ନାଗରିକ ସଂଘ ୨୦୨୫ ମସିହାରେ ବହୁ ବୃକ୍ଷ ରୋପଣ କରିଛନ୍ତି। ଏହା ଛଡା କାଁପଡ଼ା ପରି ଉପାନ୍ତ ଅଞ୍ଚଳରେ ସଂଘ ଗଠନ କରି ସେମାନଙ୍କର ଦୁଃଖ ସୁଖର ସାଥି ହୋଇଛନ୍ତି। ପଲିଥିନ ନିଷେଧ ରାଲି କରି ପରିବେଶ ପ୍ରଦୂଷଣରେ ସହାୟତା କରିପାରିଛନ୍ତି। ଶବ୍ଦ ପ୍ରଦୂଷଣ ରୋକିବାରେ ସହାୟକ ହୋଇଛନ୍ତି। ବରିଷ୍ଠ ନାଗରିକ ସଂଘ ତିହିଡି ଶାଖା ସଭାପତି ସୋମନାଥ ପାଢ଼ୀ, ସମ୍ପାଦକ ବିଭୂତି ଭୂଷଣ ସେନାପତି, କୋର୍ଡିନେଟର ସୁରେନ୍ଦ୍ର କୁମାର ନାୟକ, ତିହିଡି ଜୋନ ସଭାପତି ନିତ୍ୟାନନ୍ଦ ମଲ୍ଲିକ, ଓଡ଼ିଶା ବରିଷ୍ଠ ନାଗରିକ ସମ୍ପାଦକ ରାଜକିଶୋର ସାମନ୍ତରାୟ ସଭାପତି ପ୍ରସନ୍ନ କୁମାର ଦାସ, ପ୍ରଫେସର କୃପାସିନ୍ଧୁ ସାହୁ, ଅଧ୍ୟକ୍ଷ ଗିରିଜା ନନ୍ଦନ ମହାନ୍ତି, ବିଧାନସଭା ସଦସ୍ୟ ଅନନ୍ତ ନାରାୟଣ ଜେନା ପ୍ରମୁଖ ବହୁନେତୃବର୍ଗ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର



**ବାଲିଚନ୍ଦ୍ରପୁର, ୧୮।୧୨(ସମିସ):** ହରିଦାସପୁର-ପାରାଦୀପ ରେଳପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣଦାସପୁର ନିକଟସ୍ଥ ଉଦୟଗିରି-ରତ୍ନଗିରି ରେଳ ଷ୍ଟେସନ ନିକଟରୁ ଆଜି ଜଣେ ଯୁବକଙ୍କ ମୃତଦେହ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ମୃତ ଯୁବକ ଜଣକ କେନ୍ଦ୍ରାପଡ଼ା ଜିଲ୍ଲା ତଥା ଡେରାବିଶ ଥାନା ଅନ୍ତର୍ଗତ ଗୋଲରହାଟ ଗ୍ରାମର ରବିନାରାୟଣ କରଙ୍କ ପୁଅ ନିତାଇ କର (୩୪) ବୋଲି ଜଣାପଡ଼ିଛି। ନିତାଇ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ଗତ ୧୫ ତାରିଖରେ ସେ ଆସିଥିବାବେଳେ ଘରେ ପହଞ୍ଚି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଆଜି ତାଙ୍କ ମୃତଦେହ ଉଦୟଗିରି-ରତ୍ନଗିରି ରେଳ ଷ୍ଟେସନ ନିକଟରୁ ମିଳିଥିବାବେଳେ ତାଙ୍କ ଶରୀରର କୌଣସି ସ୍ଥାନରେ କ୍ଷତଚିହ୍ନ ନ ଥିଲା। ରେଳ ଧକ୍କାରେ ନିତାଇଙ୍କ ମୃତ୍ୟୁ ହୋଇ ନ ଥିବା ସ୍ଥାନୀୟ ଲୋକମାନେ କହୁଥିବାବେଳେ କେମିତି ମୃତ୍ୟୁ ହେଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ରେଳବାଇ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଥିବା ଜଣାଯାଇଛି।

## ମାଙ୍କଡ଼ ମାଂସ, ଛାଲ ଜବତ; ୪ ଶିକାରୀ ଗିରଫ



**ସୁକିନ୍ଦା, ୧୮।୧୨(ସମିସ):** ନଗଡ଼ା ପାହାଡ଼ରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମାଙ୍କଡ଼ ମାଂସ, ଛାଲ, ଗୋଡ଼ ଜବତ କରିବା ସହ ୪ ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ କାଳିଆପାଣି ଥାନା ମାଙ୍କିଡ଼ିଆ ବସ୍ତିର ମୁଣ୍ଡୁ ମାଙ୍କିଡ଼ିଆ (୩୪), ହେମନ୍ତ ଓରଫ୍ ଅଜୟ ମାଙ୍କିଡ଼ିଆ (୨୬), ରାମଦାସ ମାଙ୍କିଡ଼ିଆ (୫୧) ଓ ଡୁମାଲ ମାଙ୍କିଡ଼ିଆ(୪୫)। ସେମାନଙ୍କଠାରୁ ମାଙ୍କଡ଼ ମାଂସ, ଛାଲ, ଗୋଡ଼, ୪ଟି ଫାଶ, ଜାଲ ଓ ଛୁରି ସହ ୩ଟି ବାଇକ୍ ଜବତ କରାଯାଇଛି। ଡିଏଫ୍‌ଓ ଅନୀଲ ରାୟଙ୍କ ନିର୍ଦ୍ଦେଶରେ ରେଞ୍ଜର ସତ୍ୟବ୍ରତ ପ୍ରଧାନଙ୍କ ପରାମର୍ଶରେ ବନପାଳ ରାମ ତିରିଆଙ୍କ ନେତୃତ୍ୱରେ ୧୦ ଜଣିଆ ସ୍କ୍ୱାଡ୍ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏ ସଂକ୍ରାନ୍ତରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଆଧାରରେ ଏକ ମାମଲା ରୁଜୁ ହୋଇଛି। ବନରକ୍ଷୀ ଗୌରାଙ୍ଗ ଜାରିକା ଓ ସୋନାଲି ମାଝୀ ଚଢ଼ଉରେ ସାମିଲ ଥିଲେ।

### ଯାଜପୁରରୋଡ୍‌ର ଚାଲିଥିଲା ସେକ୍ସ ର୍‍ୟାକେଟ୍

## ୪ ଦେହଜୀବୀ ଉଦ୍ଧାର, ୨ ଗିରଫ



**ବ୍ୟାସନଗର, ୧୮।୧୨(ସମିସ):** ଯାଜପୁରରୋଡ୍ ପୁଲିସ ଗୁରୁବାର ଉମାପଦା ଗ୍ରାମରେ ଏକ ଭଡା ଘରେ ଚଢ଼ଉ କରି ଏକ ସେକ୍ସ ର୍‌ୟାକେଟ୍ ଠାବ କରିବା ସହିତ ୪ ଦେହଜୀବୀଙ୍କୁ ଉଦ୍ଧାର କରିବା ସହିତ ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଭଡ଼ା ଘରେ କିଛିଦିନ ହେବ ସେକ୍ସ ର୍‌ୟାକେଟ୍ ଚାଲୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯାଜପୁର ରୋଡ ପୁଲିସ ଥାନାଧିକାରୀ ଆଶିଷ ସାହୁଙ୍କ ନିର୍ଦ୍ଦେଶରେ ଗୁରୁବାର ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ପୁଲିସ ୪ ଜଣ ଦେହଜୀବୀଙ୍କୁ ଉଦ୍ଧାର କରିବା ସହିତ ଏହି ସେକ୍ସ ର୍‌ୟାକେଟ୍ ଚଳାଉଥିବା ୨ ଜଣଙ୍କୁ ଗିରଫ କରି ୭୪୦/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଫକୀରପୁର ଅଞ୍ଚଳର ସୁକାନ୍ତ ମହାନ୍ତିଙ୍କ ପତ୍ନୀ ସୁମିତ୍ରା ଓରଫ ସୁନୀତା (୪୫) ଓ ଯାଜପୁରରୋଡ କଙ୍କଡାହେର ଅଞ୍ଚଳର ଶତ୍ରୁଘ୍ନ ଜେନାଙ୍କ ପୁଅ ମାନସ ଜେନା ଓରଫ ମୁନା(୨୫) ବୋଲି ଜଣାପଡ଼ିଛି। ଉଦ୍ଧାର ହୋଇଥିବା ୪ ଦେହଜୀବୀଙ୍କ ମଧ୍ୟରୁ ୩ ଜଣ କୋଲକାତା ଅଞ୍ଚର ହୋଇଥିବାବେଳେ ଜଣେ ନୟାଗଡ଼ ଅଞ୍ଚଳର ବୋଲି ଯାଜପୁର ରୋଡ ପୁଲିସ ସୂଚନା ଦେଇଛି।

## ସଂଗ୍ରାମୀ ଦିବାକର ସାହୁଙ୍କ ସ୍ମୃତିସଭା



**ଅସୁରାଳି, ୧୮ ।୧୨(ସମିସ):** ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟିର ପୂର୍ବତନ ସଭ୍ୟ, ପାଲସାହି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ, ଧୂଷୁରୀ ଓ ଧାମନଗର ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା, ଆଜୀବନ ସଂଗ୍ରାମୀ ଦିବାକର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପରିପ୍ରେକ୍ଷୀରେ ଏକ ସ୍ମୃତି ଚାରଣ ସଭା ତାଙ୍କ ପାଲସାହି ସ୍ଥିତ ବାସଭବନ ପରିସରରେ ଅନୁଷ୍ଠିତ ହାଇଛି। ‘ଆଜୀବନ ସଂଗ୍ରାମୀ ଦିବାକର ସ୍ମୃତି ସଂସଦ’ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ‘ସାମ୍ୟବାଦ’ ଆଦର୍ଶରେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ରହି ସାଧାରଣ ମଣିଷଙ୍କ ସେବା କରିବା ସହ ମେହନତି ମଣିଷଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ସେ ସର୍ବଦା କରୁଥିବା ଅତିଥିମାନେ କହିଥିଲେ। ଆଗାମୀ ବର୍ଷକ ଭିତରେ ସଂଗ୍ରାମୀ ଦିବାକରଙ୍କ ଏକ ତାମ୍ର ପ୍ରତିମୂର୍ତ୍ତି ବେତାଳିଗାଁ ବଜାରରେ ପ୍ରତିଷ୍ଠା କରିବା ପାଇଁ ଜିଲ୍ଲା ପ୍ରଶାସନ ପାଖରେ ଦାବି କରାଯିବ ବୋଲି ସ୍ମୃତି ସଂସଦ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ସ୍ମୃତିଚାରଣ ସଭାରେ ସ୍ମୃତି ସଂସଦ ସଭାପତି ଚନ୍ଦ୍ରଶେଖର ନାୟକ ସଭାପତିତ୍ୱ କରିଥିବା ବେଳେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅବସରପ୍ରାପ୍ତ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ଚାଷୀ ନେତା ମାର୍କଣ୍ଡ ଜେନା, ସିପିଆଇ(ଏମ) ଧୂଷୁରୀ ଆଞ୍ଚଳିକ କମିଟି ସମ୍ପାଦକ ରମେଶ ସାହୁ, କୃଷକ ନେତା ସତ୍ୟମୂର୍ତ୍ତି ବେହେରା, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ଖଟୁଆ, ବରିଷ୍ଠ ନେତା ଯୁଧିଷ୍ଠିର ମହାପାତ୍ର, ଯୁବନେତା କୈଳାସ ବାରିକ୍, ଯୁବନେତା ପ୍ରଶାନ୍ତ ସାହୁ, ଚାଷୀ ନେତା ଚିତ୍ରସେନ ଜେନା, ଶିକ୍ଷକ ନେତା ଚିତ୍ରଭାନୁ ଦାଶ, ଯୁବନେତା ଆଶିଷ ସାହୁ, ଛାତ୍ରନେତ୍ରୀ ସୁଶ୍ରୀ ସଙ୍ଗୀତା ମହାଳିକ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

### ଜାତୀୟ କନିଷ୍ଠ ଟେନିସ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତା

## ଭଦ୍ରକରୁ ୬ ଖେଳାଳି ମନୋନୀତ



**ଭଦ୍ରକ, ୧୮ ।୧୨(ସମିସ):** ଉତ୍ତର ପ୍ରଦେଶର ଆଗ୍ରା ଠାରେ ଆରମ୍ଭ ହେବାକୁଥିବା ଜାତୀୟସ୍ତରୀୟ କନିଷ୍ଠ (୧୯ ବର୍ଷରୁ କମ) ଟେନିସ୍‌ବଲ୍ କ୍ରିକେଟ୍ ପ୍ରତିଯୋଗିତା ଆସନ୍ତା ୧୯ରୁ ଆରମ୍ଭ ହୋଇ ୨୧ ଡିସେମ୍ବର ୨୦୨୫ ରେ ଶେଷହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତା’ର ୧୪ ଜଣ ବାଳକ ଓ ବାଳିକା ଖେଳାଳିଙ୍କ ନାମ ଘୋଷଣା କରିଛି। ବାଳିକା ଦଳରେ ଭଦ୍ରକ ଜିଲ୍ଲାରୁ ପ୍ରତିଭାମୟୀ ଦାସ, ପ୍ରତିକ୍ଷା ଦାସ, ମନୀଷା ସାହୁ, ଅଭିଷିକ୍ତା ଦାସ, ବାଳକ ବିଭାଗରେ ଚନ୍ଦନ ପାତ୍ର ଓ ପ୍ରୀତମ୍ ଦାସ ପ୍ରମୁଖ ସ୍ଥାନ ପାଇଛନ୍ତି। ଏହି ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିସ ବଲ କ୍ରିକେଟ ସଂଘର ସମ୍ପାଦକ ମନୋଜ କୁମାର ସାହୁ, ସଭାପତି ଦେବବ୍ରତ ଜେନା, କାର୍ଯ୍ୟକାରୀ ସଭାପତି ତନ୍ମୟ ମହାନ୍ତି, ଉପ ସଭାପତି ଗୌରହରି ମଣ୍ଡଳ ମନୋଜ ଦାସ, ପବିତ୍ର ମୋହନ ଖିଲାର, ସହିଦ୍ ଖାନ୍, ସହ ସମ୍ପାଦକ ବି ପୀତାମ୍ବର ରେଡି ଓ କ୍ରିକେଟ କୋଚ୍ ଅସିତ୍ ଦାସ୍ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରିବା ନେଇ ଶୁଭକାମନା କରିଛନ୍ତି।

## ମହତାବ ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ଦାବି

**ମଙ୍ଗଳପୁର, ୧୮ ।୧୨ (ସମିସ):** ସରକାର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଥିବାବେଳେ କେତେକ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତ ନ ହେବାରୁ ବିଦ୍ୟାଳୟ ପରିଚାଳନାରେ ବିଭିନ୍ନ ଅସୁବିଧା ଉପୁଜୁଥିବା ନେଇ ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ଏପରିକି ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନ ରହିବା ଫଳରେ ମଧ୍ୟାହ୍ନଭୋଜନ, ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ, ଶିକ୍ଷାଦାନ ଭଳି କାର୍ଯ୍ୟରେ ବାଧା ଉପୁଜୁଥିବା ଅଭିଯୋଗ ହୋଇଛି। ଏମିତି ଏକ ଅଭିଯୋଗ ଆସିଛି ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥ ମହତାବ ସରକାରୀ ଉଚ୍ଚବିଦ୍ୟାଳୟ କ୍ଷେତ୍ରରେ। ଏହି ବିଦ୍ୟାଳୟଟି କିଛିଦିନ ହେବ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାବେଳେ କେତେବେଳେ ମଧ୍ୟାହ୍ନଭୋଜନରେ ପୋକରା ଚାଉଳ ତ ଆଉ କେତେବେଳେ ବିଦ୍ୟାଳୟ ହତାରୁ ଗଛ କାଟିବା ଘଟଣା। ମଧ୍ୟାହ୍ନଭୋଜନରେ ପୋକରା ଚାଉଳ ଘଟଣା ଖବର ପ୍ରଥମେ ଦୈନିକ ‘ସକାଳ’ ଖବରକାଗଜରେ ପ୍ରକାଶ ପାଇଥିବାବେଳେ ଏହି ଖବର ଉପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟକୁ ଏକ ତଦନ୍ତକାରୀ ଟିମ ଆସି ତଦନ୍ତ କରିଥିବାବେଳେ ବିଦ୍ୟାଳୟ ପରିଚାଳନାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବିଦ୍ୟାଳୟରୁ ପ୍ରଧାନଶିକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବାବେଳେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଗୋ-ରକ୍ଷା ଓ ପରିବେଶ ସୁରକ୍ଷା ଅଭିଯାନ



**ବନ୍ତ/ଆଗରପଡ଼ା, ୧୮।୧୨(ସମିସ):** ଗୁରବାର ପୁରୀ ବାଲିଘାଇ କ୍ରିୟାଯୋଗ ଆଶ୍ରମର ସନ୍ନ୍ୟାସୀ ସ୍ୱାମୀ ନିର୍ମଳା ନନ୍ଦ ଗିରି, ସ୍ୱାମୀ ଶ୍ରୀକୃଷ୍ଣ ଆନନ୍ଦ ଗିରି ଏବଂ ଡ. କୁଳମଣି ଯୋଗାଚାରୀଙ୍କ ଉପସ୍ଥିତିରେ ନିମାପଡ଼ା କପାଳୀ କ୍ଷେତ୍ର ପାବନ ପରିସରରେ ଗୋ ରକ୍ଷା, ଜୀବନ ରକ୍ଷା ଓ ଦେଶ ରକ୍ଷା ପରିପ୍ରେକ୍ଷୀରେ ଏକ ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା। ସନ୍ନ୍ୟାସୀମାନେ ଜୀବନ ରକ୍ଷା ପାଇଁ ଗୋମାତା ପୂଜନ, ଗୋଶାଳା ସ୍ଥାପନ ଏବଂ ଗୋମାତାର ବହୁମୂଲ୍ୟ ଅବଦାନ ଉପରେ ପ୍ରବଚନ ରଖିଥିଲେ। ଭାରତ ଭଳି ଏକ ହିନ୍ଦୁ ରାଷ୍ଟ୍ରରେ ଗୋମାତା ପ୍ରତି ଅବହେଳା ଆଦୌ ସ୍ପୃହଣୀୟ ନୁହେଁ। ଗ୍ରାମାଞ୍ଚଳରେ ଗୋ ସଂଖ୍ୟା ବୃଦ୍ଧି ହେବା ପରିବର୍ତ୍ତେ ଅବକ୍ଷୟ ଯେଉଁ ସ୍ୱାସ୍ଥ୍ୟଗତ ଓ ପରିବେଶ ଗତ ସମସ୍ୟା ସୃଷ୍ଟି କରୁଛି, ସେଥିପାଇଁ ଜନ ସଚେତନତା ଆବଶ୍ୟକ ଅଛି। କେନ୍ଦ୍ର ସରକାର ଗୋମାତା ପ୍ରତି ଯଥେଷ୍ଟ ସମ୍ବେଦନଶୀଳ। ଲୋକମାନେ ସେଥିପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର। ଗୋମାତାର କ୍ଷୀର, ଗୋମୟ, ମୂତ୍ର ସବୁ କିଛି ଖାଲି ପବିତ୍ର ନୁହେଁ ମାନବ ସମାଜ ପ୍ରତି ଅତୀବ ଉପାଦେୟ ବୋଲି ମତ ପ୍ରକାଶ ପାଇଥିଲା। ଏ ଅଞ୍ଚଳର ବହୁ ଗୋମାତା ପ୍ରେମୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଗଣେଶ ପ୍ରସାଦ କର ଶର୍ମା, ତ୍ରିଲୋଚନ ପଣ୍ଡା, ବିବେକାନନ୍ଦ ଜେନା, ରବୀନ୍ଦ୍ର ନାଥ ରାଉତ, ରାହାସ ବିହାରୀ ନାୟକ, ସୁବାସ ଚନ୍ଦ୍ର ନାୟକ, ଅନାଥ ଚରଣ ଦାସ, ପ୍ରତାପ ଚନ୍ଦ୍ର ବିଶ୍ୱାଳ, ମୃତ୍ୟୁଞ୍ଜୟ ଜେନା, ଅନ୍ନଦା ପ୍ରସାଦ କର ଶର୍ମା, ଯୋଗାଚାରୀ କୁଳମଣି ପ୍ରମୁଖ ଭାଗ ନେଇଥିଲେ। ଆଡ଼ିଆ ଗ୍ରାମରେ ବିବେକାନନ୍ଦ ଜେନା ଓ ନରସିଂହପୁରଠାରେ ସୁବାସ ଚନ୍ଦ୍ର ନାୟକ ଦୁଇଟି ଗୋଶାଳା ସ୍ଥାପନ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ। ଅସହାୟ ବୃଷଭ ଓ ବୁଲା ଗୋରୁମାନଙ୍କ ଥଇଥାନ ହେଲେ ସମାଜର ବହୁ ଉପକାର ସାଧିତ ହେବ ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ମହାପ୍ରସାଦ ସେବନ ଏବଂ ଶାନ୍ତି ପାଠ ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

## ୨୪ରୁ ଜାତୀୟସ୍ତରୀୟ ବାଣିଜ୍ୟ ମେଳା

**ଭଦ୍ରକ, ୧୮ ।୧୨(ସମିସ)**




ଭଦ୍ରକ ଗେଲପୁର ପଞ୍ଚାୟତର ଭଦ୍ରକ-ଆଖଣ୍ଡଳମଣି ରାସ୍ତାର ସାମରାଇପୁର (ନୟରା ପେଟ୍ରୋଲ ପମ୍ପ) ନିକଟରେ ଚଳିତମାସ ଜାତୀୟସ୍ତରୀୟ ୨ୟ ବାଣିଜ୍ୟ ମେଳା ଅନୁଷ୍ଠିତ ହେଉଛି। ଏହା ଆସନ୍ତା ୨୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂଘ, ଭଦ୍ରକ ଶାଖା ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଛି। ଏଥି ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳଙ୍କ ପକ୍ଷରୁ ଭୂମିପୂଜନ ସମ୍ପନ୍ନ ହୋଇଛି। ତେବେ ଏଥି ଉପଲକ୍ଷେ ଭଦ୍ରକର ମାକ୍ରୋୱେବ ଟେକ୍‌ନୋଲୋଜି ପରିସରରେ ବାଣିଜ୍ୟ ମେଳାର ସମ୍ପାଦକ ମନୋଜ ରାୟଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଶ୍ରୀ ରାୟ, ମେଳାର ସଭାପତି ସୁଶାନ୍ତ ନାୟକ, ଆବାହକ ସୁରଜ କୁମାର ସାହୁ, ପୃଷ୍ଠପୋଷକ ବସନ୍ତ କୁମାର ରାଉତ ଓ ଶଶିଶେଖର ବେହେରା, କୋଷାଧ୍ୟକ୍ଷ କମଳାକାନ୍ତ ସାହୁ ପ୍ରମୁଖ ଦେଇଥିବା ସୂଚନା ଅନୁସାରେ ଗତବର୍ଷ ଏହି ବାଣିଜ୍ୟ ମେଳାର ପ୍ରଥମ ବର୍ଷରେ ଭଦ୍ରକ କଲେଜ ପଡ଼ିଆରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୮୦ ଟି ଷ୍ଟଲ୍ ପଡ଼ିଥିବାବେଳେ ଚଳିତବର୍ଷ ତାହା ବୃଦ୍ଧି ପାଇ ୨୪୦ ଟି ହେବ। ଏହି ମେଳାରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀମାନେ ଭାଗ ନେବେ। ଏଥିରୁ ୬୦ଟି ଷ୍ଟଲ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଡିଏଫଓ ଦ୍ୱାରା ପ୍ରାୟୋଜିତ ହେବ। ଏଥିସହିତ ୫୦ଟି ବିଶେଷ ପିଏମ୍ ବିଶ୍ୱକର୍ମା ଷ୍ଟଲ୍ ମେଳାର ମୁଖ୍ୟ ଆକର୍ଷଣ ହେବ, ଯେଉଁଠାରେ ଗ୍ରାମୀଣ କାରିଗରମାନେ ନିଜ ନିଜ କଳା ନୈପୁଣ୍ୟ ପ୍ରଦର୍ଶନ କରିବେ। ଏହି ମେଳାରେ ଘରକରଣା ସାମଗ୍ରୀ ଠାରୁ ଆରମ୍ଭ କରି ଯାନବାହନ ଓ ଛୋଟ ପିଲାଙ୍କ ପାଇଁ ମିନାବଜାର, ବିଭିନ୍ନ ଖାଦ୍ୟ ସାମଗ୍ରୀ ସ୍ଥାନ ପାଇବ। ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିଶେଷ କରି ଜିଲ୍ଲାର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକୁ ଏଥିରେ ପ୍ରାଧାନ୍ୟ ଦିଆଯିବ। ତେବେ ଏହି ମେଳାର ସଫଳତା ନିମନ୍ତେ ସମ୍ପାଦକ ଶ୍ରୀ ରାୟ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ବିଶେଷ ସହଯୋଗ କାମନା କରିଥିଲେ।



# ହିମାଳୟ କ୍ଷେତ୍ରରେ ଚୀନ ନିର୍ମାଣ କରୁଛି ରହସ୍ୟମୟ ବନ୍ଧ



## ଭାଙ୍ଗିଲେ ଭାରତରେ ରଚିବ ଧ୍ୱଂସର ତାଣ୍ଡବ


ବେଜିଂ, ୧୮ ।୧୨(ଏଜେନ୍ସି): ହିମାଳୟ କ୍ଷେତ୍ରର ଦୁର୍ଗମ ଅଞ୍ଚଳରେ ଚୀନ୍ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଜଳବିଦ୍ୟୁତ ବନ୍ଧ ନିର୍ମାଣ କରୁଛି । ଏହି ବନ୍ଧ ଚୀନର ଘନ ଜନବହୁଳ ଅଞ୍ଚଳଠାରୁ ଶହଶହ କିମି ଦୂରରେ ଅବସ୍ଥିତ । ଦେଶ ପାଇଁ ଆବଶ୍ୟକ ବିଦ୍ୟୁତ ଉତ୍ପାଦନ ପାଇଁ ଏହି ବନ୍ଧ ନିର୍ମାଣ କରୁଛି ବୋଲି ଚୀନ କହୁଛି । କିନ୍ତୁ ପ୍ରକୃତରେ ଚୀନ ଏହି ବନ୍ଧ ନିର୍ମାଣ କରି ବ୍ରହ୍ମପୁତ୍ରର ନଦୀକୁ ରୋକିବାକୁ ଚାହୁଁଛି । ତିବ୍ବତର ୟାରଲୁଙ୍ଗ ସାଙ୍ଗପୋ ନଦୀ ଉପରେ ଚୀନ୍ ଏହି ବିଶାଳ ପ୍ରକଳ୍ପ ନିର୍ମାଣ କରୁଛି । ଏହି ନଦୀ ଭାରତରେ ବ୍ରହ୍ମପୁତ୍ର ଓ ବାଂଲାଦେଶରେ ଯମୁନା ନଦୀ ଭାବେ ପରିଚିତ । ଜଣାଶୁଣା ନ୍ୟୁଜ୍ ଏଜେନ୍ସି ସିଏନ୍ଏନ୍ ନିକଟରେ ଦେଇଥିବା ଏକ ରିପୋର୍ଟ ଅନୁଯାୟୀ, ୧୬୮ ବିଲିଅନ ଡଲାର ବିନିମୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପ ଦ୍ୱାରା ୩ ଗର୍ଜେଟ ଡ୍ୟାମଠାରୁ ୩ ଗୁଣା ଅଧିକ ବିଦ୍ୟୁତ ନିର୍ମାଣ କରାଯାଇପାରି ବୋଲି ଚୀନ୍ ଦାବି କରିଛି । ଚୀନ୍ ଦାବି ଯାହା ହେଉନା କାହିଁକି, ବାସ୍ତବରେ ଏହା ଭାରତ ପାଇଁ ମହା ବିପଦ ସୃଷ୍ଟି କରୁଛି । ଏହି ବନ୍ଧ ସହିତ ଚୀନ୍ ଏହି ଆଞ୍ଚଳିକ ପରିବେଶ ଓ ଏହାକୁ ଲାଗି ଥିବା ପ୍ରାକୃତିକ କ୍ଷେତ୍ରକୁ ନଷ୍ଟ ତଥା ଧ୍ୱଂସ କରିବ । ପରିବେଶ ଉପରେ ଏହି ବନ୍ଧର ବିନାଶକାରୀ ପ୍ରଭାବ ପଡ଼ିବ ବୋଲି କୁହାଯାଇଛି । ଏହା ଦ୍ୱାରା ବିରଳ, ପ୍ରାଚୀନ ପରିସଂସ୍ଥା ଏବଂ ସେଠାରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ପୈତୃକ ଘର ତଥା ଭିଟାମାଟି ପ୍ରତି ବଡ଼ କ୍ଷତି ପହଞ୍ଚାଇବ ।

ପୁଣି ଭାରତ ଓ ବାଂଲାଦେଶର ତଳମୁଣ୍ଡରେ ବସବାସ କରୁଥିବା ଲକ୍ଷ ଲକ୍ଷ ଲୋକ ଏହି ନଦୀ ଉପରେ ନିର୍ଭର କରନ୍ତି । ଚୀନ୍‌ର ଏହି ଉଚ୍ଚାଭିଳାଷି ପ୍ରକଳ୍ପକୁ 'ଜଳ ବୋମା' ବୋଲି କୁହାଯାଉଛି । ପ୍ରକଳ୍ପଟି ଯେତିକି ରହସ୍ୟମୟ ଓ ସେତିକି ବିଶାଳ ମଧ୍ୟ । ଭବିଷ୍ୟତରେ ଏହା ଭାରତ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଇଛି । ଏହି ପ୍ରକଳ୍ପର ଡିଜାଇନ ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇନାହିଁ । ଏହା ଦ୍ୱାରା ଭୂକମ୍ପର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯିବ ନାହିଁ ବୋଲି ସିଏନ୍ଏନ୍ ତା'ର ରିପୋର୍ଟରେ ଉଲ୍ଲେଖ କରିଛି । କାରଣ ହିମାଳୟ କ୍ଷେତ୍ର ତଥା ଏହି ଅଞ୍ଚଳ ସବୁଠାରୁ ଭୂକମ୍ପ ଦୃଷ୍ଟିରୁ ସକ୍ରିୟ ରହିଛି । ଏଠାରେ ଭୂକମ୍ପ ସହିତ ଭୂସ୍ଖଳନ ଓ ହିମସ୍ରୋତ ବିସ୍ଫୋରଣର ଆଶଙ୍କା ସର୍ବଦା ରହିଥାଏ । ଯଦି ବନ୍ଧ ଗଠନ ପ୍ରକ୍ରିୟାରେ ସାମାନ୍ୟ ବିଫଳତା ହୁଏ ଓ ଏହି ବନ୍ଧ ଭାଙ୍ଗିଯାଏ, ତେବେ ଏହାର ପ୍ରଭାବ କେବଳ ଚୀନ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଭାରତ ଓ ବାଂଲାଦେଶର କୋଟି କୋଟି ଲୋକ ଏହ ନଦୀ ଉପରେ ନିର୍ଭରଶୀଳ ରହିଥିବା ବେଳେ ହଠାତ ବନ୍ଧ ଭାଙ୍ଗିଲେ କିମ୍ବା ପାଣି ଛଡ଼ା ଗଲେ ଏହା ଏକ 'ଜଳ ବୋମା' ଭଳି ପରିସ୍ଥିତି ସୃଷ୍ଟି କରିବା ସହ ଧ୍ୱଂସର ତାଣ୍ଡବଲୀଳା ରଚିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ପଶ୍ଚିମବଙ୍ଗରେ ଗାନ୍ଧୀଙ୍କ ନାମରେ ହେବ ରୋଜଗାର ଗ୍ୟାରେଣ୍ଟି ଯୋଜନା: ମମତା

କୋଲକାତା, ୧୮ ।୧୨(ଏଜେନ୍ସି): ରୋଜଗାର ଗ୍ୟାରେଣ୍ଟି ସ୍କିମ୍ 'ମନରେଗା'ରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଏକ ନୂଆ ଘୋଷଣା କରିଛନ୍ତି । ରାଜ୍ୟର ଚାଲିଥିବାର ରୋଜଗାର ଗ୍ୟାରେଣ୍ଟି ଯୋଜନା 'କର୍ମଶ୍ରୀ'ର ନାମ ପରିବର୍ତ୍ତନ କରାଯାଇ ମହାତ୍ମା ଗାନ୍ଧୀଙ୍କ ନାମରେ ରଖାଯିବ ବୋଲି ସେ କହିଛନ୍ତି । ୨୦୨୪ରେ ରାଜ୍ୟରେ 'କର୍ମଶ୍ରୀ' ଯୋଜନା ଆରମ୍ଭ ହୋଇଥିଲା । ଗାଁ ଓ ସହରରେ ଥିବା ଗରିବ ଲୋକଙ୍କୁ ରୋଜଗାର ଦେବା ଏହି ଯୋଜାନର ମୁଖ୍ୟ ଲକ୍ଷ୍ୟ ଥିଲା । ଏବେ ଏହାର ନାମ ହେବ 'ମହାତ୍ମା ଗାନ୍ଧୀ କର୍ମଶ୍ରୀ' ଯୋଜନା ହେବ । ଗୁରୁବାର ଅନୁଷ୍ଠିତ କମର୍ସ ଓ ଇଣ୍ଡଷ୍ଟ୍ରୀ କନକ୍ଲେଭରେ ଯୋଗ ଦେଇ ମମତା ଏ ନେଇ ଘୋଷଣା କରିଛନ୍ତି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମ୍ମାନରେ ଏପରି କରାଯିବ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ଗାନ୍ଧୀଙ୍କ ନାମ ହଟାଇ ମନରେଗାର ନାମକୁ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ)ରେ ପରିବର୍ତ୍ତନ କରାଯାଇଛି ଓ ଗୁରୁବାର ଲୋକସଭାରେ ଏ ନେଇ ବିଲ୍ ପାରିତ ହୋଇଛି ।

## ପ୍ରସିଦ୍ଧ ମୂର୍ତ୍ତିକାର ରାମ ସୂତାରଙ୍କ ପରଲୋକ



ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦେଶର ପ୍ରସିଦ୍ଧ ମୂର୍ତ୍ତିକାର ରାମ ସୂତାର ବୁଧବାର ବିଳମ୍ବିତ ରାତିରେ ନୋଏଡାସ୍ଥିତ ତାଙ୍କ ବାସଭବନରେ ପରଲୋକଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୧୦୦ ବର୍ଷ ଥିଲା ଓ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ଗୁରୁବାର ତାଙ୍କ ପୁଅ ଅନିଲ ସୂତାର ପିତାଙ୍କ ପରଲୋକ ନେଇ ସୂଚନା ଦେଇଥିଲେ । ୧୯୨୫ ଫେବୃଆରୀ ୧୯ରେ ସେ ମହାରାଷ୍ଟ୍ରର ଧୂଳେ ଜିଲ୍ଲାର ଗୋଣଡୁର ଗାଁର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ମୁମ୍ବଇର ଜେଜେ ସ୍କୁଲ ଅଫ୍ ଆର୍ଟ ଆଣ୍ଡ ଆର୍କିଟେକଚରରେ ଅଧ୍ୟୟନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ । ରାମ ସୂତାର ବିଶ୍ୱର ସବୁଠାରୁ ଉଚ୍ଚ ପ୍ରତିମୂର୍ତ୍ତି, ଗୁଜରାଟରେ ସ୍ଥାପିତ ଷ୍ଟାଚ୍ୟୁ ଅଫ୍ ୟୁନିଟି (ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି) ଭଳି ସ୍ମାରକୀ ମୂର୍ତ୍ତିର ଡିଜାଇନ୍ କରିଥିଲେ । ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟମଧ୍ୟରେ ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ଧ୍ୟାନ ପ୍ରତିମୂର୍ତ୍ତି ଓ ଘୋଡ଼ା ଚଢ଼ିଥିବା ଛତ୍ରପତି ଶିବାଜୀ ମହରାଜଙ୍କ ପ୍ରତିମୂର୍ତ୍ତି ଅନ୍ତର୍ଭୁକ୍ତ । ତାଙ୍କୁ ୧୯୯୯ରେ ପଦ୍ମଶ୍ରୀ ଓ ୨୦୧୬ରେ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ତାଙ୍କୁ ମହାରାଷ୍ଟ୍ରର ସର୍ବୋଚ୍ଚ ନାଗରିକ ସମ୍ମାନ 'ମହରାଷ୍ଟ୍ର ଭୂଷଣ' ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ତାଙ୍କ ପରଲୋକରେ ମହରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଏକନାଥ ସିନ୍ଦେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ଦଳାଚକଟା ପରେ ବିଜୟଙ୍କ ପ୍ରଥମ ରାଲି



ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): କରୁର ଦଳାଚକଟା ପରେ ଗୁରୁବାର ଅଭିନେତା ତଥା ତାମିଲଗା ବେତ୍ରୀ କାଝଗମ୍ (ଟିଭିକେ) ଦଳ ପ୍ରମୁଖ ବିଜୟ ତାମିଲନାଡୁରେ ତାଙ୍କର ପ୍ରଥମ ରାଜନୈତିକ ରାଲିର ଆୟୋଜନ କରିଛନ୍ତି । ଏଥିରେ ୩୫, ୦୦୦ ଲୋକ ଯୋଗ ଦେଇଥିଲେ । ରାଲି ଅବସରରେ ଜଣେ ସମର୍ଥକ ବେହୋଶ ହୋଇ ତଳେ ପଡ଼ିଯାଇଥିଲେ । ଫଳରେ କିଛି ସମୟ ପାଇଁ ଲୋକଙ୍କ ମଧ୍ୟରେ ଦୌଡ଼ାଦୌଡ଼ି ଦେଖିବାକୁ ମିଳିଥିଲା । ବେହୋଶ ହୋଇଥିବା ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ତାଙ୍କର ଚିକିତ୍ସା ଚାଲିଛି । ରାଲିରେ ନିଜର ବକ୍ତବ୍ୟ ଦେବା ଅବସରରେ ସେ ଡିଏମ୍‌କେକୁ ସମାଲୋଚନା କରିଥିଲେ । ଏବେ ଭଲ ଓ ମନ୍ଦ ଅର୍ଥାତ ଧର୍ମ ଓ ଅଧର୍ମ ମଧ୍ୟରେ ଯୁଦ୍ଧ ହେବ । ମୋ ବିରୋଧରେ ଷଡଯନ୍ତ୍ର ରଚା ଯାଉଛି । କିନ୍ତୁ ସେମାନେ ଏଥିରେ ସଫଳ ହେବେ ନାହିଁ ବୋଲି ବିଜୟ କହିଥିଲେ । କେତୋଟି ସର୍ତ୍ତ ସହ ଏହି ରାଲି ଆୟୋଜନ କରିବାକୁ ଅନୁମତି ଦିଆଯାଇଥିଲା ।

## ଘର ଭଡ଼ା ମାଗିବାରୁ ମାଲିକାଣୀଙ୍କୁ ହତ୍ୟା

ଗାଜିଆବାଦ୍, ୧୮ ।୧୨(ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଜଣେ ପତି-ପତ୍ନୀ ସାଥିହୋଇ ଘର ମାଲିକାଣୀଙ୍କୁ ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି । ବାକିଥିବା ୬ ମାସର ଘର ଭଡ଼ା ମାଗିବାକୁ ଘର ମାଲିକାଣୀ ଦୀପଶିଖା ପହଞ୍ଚିଥିଲେ । ତାଙ୍କୁ ଦେଖି ଉଭୟ ପତି ଓ ପତ୍ନୀ ରାଗିଯାଇଥିଲେ । ଦୀପଶିଖାଙ୍କୁ ଘରକୁ ଡାକି ଦୁହେଁ କୁକର୍‌ରେ ବାଡେଇ ଥିଲେ ଓ ମାଡପିଟ୍ କରିବା ସହ ଦୁପଟ୍ଟାରେ ଗଳା ଭିଡ଼ି ହତ୍ୟା କରିଥିଲେ । ଲୁଚାଇବା ପାଇଁ ଦୁହେଁ ଦୀପଶିଖାଙ୍କ ମୃତଦେହକୁ ଛୋଟ ଛୋଟ ଖଣ୍ଡରେ କାଟି ସୁଟ୍‌କେସ୍‌ରେ ଭର୍ତ୍ତି କରିଥିଲେ ଓ ଏହାକୁ ପଲଙ୍କର ବାକ୍ସରେ ଲୁଚାଇଦେଇଥିଲେ । ଡିସେମ୍ବର ୧୭ରେ ଏହି ଘଟଣା ଘଟିଥିଲା । ବହୁ ସମୟ ଧରି ଦୀପଶିଖା ଘରକୁ ନ ଫେରିବାରୁ ପରିବାର ଲୋକେ ସିସିଟିଭିର ଯାଞ୍ଚ କରି ଅଘଟଣ ଆଶଙ୍କା କରିଥିଲେ ଓ ଏ ନେଇ ପୁଲିସକୁ ସୂଚନା ଦେଇଥିଲେ । ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ଭଡାଟିଆ ପତି-ପତ୍ନୀଙ୍କୁ ପଚରା ଉଚରା କରିଥିଲେ । ଦୁହେଁ ତୁରନ୍ତ ନିଜର ଦୋଷ ତଥା ଅପରାଧ ସ୍ୱୀକାର କରିଥିଲେ । ଏହାପରେ ବେଡ୍ ବକ୍ସ ତଳୁ ତାଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା । ପୁଲିସର ସୂଚନା ଅନୁସାରେ ଫରିଦାବାଦର ଏକ ଘରୋଇ କମ୍ପାନୀରେ ଉମେଶ ଶର୍ମା ଇଞ୍ଜିନିୟର ଭାବେ କର୍ଯ୍ୟରତ ଅଛନ୍ତି । ତାଙ୍କ ପତ୍ନୀ ୪୦ ବର୍ଷୀୟା ଦୀପଶିଖା ଘରେ ରୁହନ୍ତି । ଅଭିଯୁକ୍ତ ୫ ଦିନ ତଳେ ହତ୍ୟା ପାଇଁ ଯୋଜନା କରିଥିଲେ । ମୃତଦେହ ଥିବା ସୁଟ୍‌କେସକୁ ନଦୀରେ ଭସାଇବାକୁ ଯୋଜନା କରିଥିଲେ କିନ୍ତୁ ଏହା ପୂର୍ବରୁ ଦୁହେଁ ଧରାପଡ଼ିଥିଲେ । ପୁଲିସ ଏହି ମାମଲାରେ ଅଭିଯୁକ୍ତ ପତି-ପତ୍ନୀଙ୍କୁ ଗିରଫ କରି ଯାଞ୍ଚ କରୁଛି ।



## ମୋଦୀଙ୍କୁ ଓମାନର ସର୍ବୋଚ୍ଚ ସମ୍ମାନ

ମସ୍କାଟ: ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓମାନର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର ଅଫ୍ ଓମାନ'ରେ ସମ୍ମାନିତ କରାଯାଇଛି । ଓମାନର ସୁଲତାନ ହାଇଥମ ବିନ୍ ତାରିକ ଗୁରୁବାର ଦିନ ମସ୍କାଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଭାରତ ଓ ଓମାନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।

## ତଥାପି ସୁଧୁରୁନି ଦିଲ୍ଲୀ ପ୍ରଦୂଷଣ

### ଏକ୍ୟୁଆଇ ତଥ୍ୟ ଓ କେନ୍ଦ୍ରମନ୍ତ୍ରୀଙ୍କ ଦାବି ମଧ୍ୟରେ ତାଳମେଳ ନାହିଁ

ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର୍‌ରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସତ୍ତ୍ୱେ ପ୍ରଦୂଷଣ କମିବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି । ଚଳିତବର୍ଷ ପ୍ରଦୂଷଣ ବହୁତ ଗମ୍ଭୀରସ୍ଥିତିକୁ ଯାଇଥିବା କଥା ସମସ୍ତେ ଜାଣିଥିଲେ । ଚଳିତ ଡିସେମ୍ବର ମାସରେ ଦୁଇଦିନ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଗମ୍ଭୀର ସ୍ଥିତିରେ ପହଞ୍ଚିଥିଲା । ଏ ନେଇ ଏନ୍‌ସିଆର ମନିଟରିଂ ଷ୍ଟେସନରୁ ମିଳିଥିବା ସରକାରୀ ତଥ୍ୟ ଓ ସଂସଦରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଦେଇଥିବା ତଥ୍ୟ ତଥା ଦାବିରେ ତାଳମେଳ ରହୁନଥିବା ଜଣାଯାଇଛି ।

ଏକ୍ୟୁଆଇ ନେଇ ମନ୍ତ୍ରୀ ଦେଇଥିବା ତଥ୍ୟ ସହ ମେଳ ଖାଉନି ମନିଟରିଂ ଷ୍ଟେସନରେ ରେକର୍ଡ ହୋଇଥିବା ତଥ୍ୟ । ମନ୍ତ୍ରୀ ରାଜ୍ୟସଭାରେ କହିଛନ୍ତି ଯେ, ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ଅନୁଯାୟୀ ଦିଲ୍ଲୀ-ଏନ୍‌ସିଆରରେ ଚଳିତବର୍ଷ ଗୋଟିଏ ବି ଦିନ ଏକ୍ୟୁଆଇ ୪୫୦ ଉପରେ ରେକର୍ଡ ହୋଇନାହିଁ । ନୀତିଗତ ପଦକ୍ଷେପ ଓ ବିଭିନ୍ନ ଗଠନମୂଳକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ ଏକ୍ୟୁଆଇରେ ଯଥେଷ୍ଟ ଉନ୍ନତି ହୋଇଛି ବୋଲି ସେ କହିଛନ୍ତି । ୨୦୧୬ରେ ଏକ୍ୟୁଆଇ ୨୦୦ ତଳେ ଥିବା ଦିନ ସଂଖ୍ୟା ୧୧୦ ଥିଲା । କିନ୍ତୁ ୨୦୨୫ରେ ଏହି ଦିନ ସଂଖ୍ୟା ୨୦୦କୁ ବୃଦ୍ଧି ପାଇଛି । ସେହିପରି ଦିଲ୍ଲୀରେ ୨୦୨୫ ଜାନୁଆରୀରୁ ନଭେମ୍ବର ମଧ୍ୟରେ ହାରାହାରି ଏକ୍ୟୁଆଇ ୧୮୭ ଥିଲା । କିନ୍ତୁ ୨୦୨୮ ରେ ଏହା ୨୧୩ ଥିଲା । ପୁଣି ଚଳିତବର୍ଷ ଦିଲ୍ଲୀରେ ଏକ୍ୟୁଆଇ ଗମ୍ଭୀର ସ୍ଥିତିରେ ପହଞ୍ଚିନାହିଁ ବୋଲି ସେ କହିଛନ୍ତି । କିନ୍ତୁ ସରକରୀ ମନିଟରିଂ ତଥ୍ୟ ଅନୁସାରେ ଚଳିତ ଡିସେମ୍ବରରେ ୩ ଦିନ ଏକ୍ୟୁଆଇ ଗମ୍ଭୀର ସ୍ଥିତିରେ ପହଞ୍ଚିଥିଲା ବୋଲି କୁହାଯାଇଛି । ନୋଏଡ଼ାରେ ଡିସେମ୍ବର ୧୩ରେ ନୋଏଡାରେ ଅକ୍ୟୁଆଇ ୪୫୫ ଥିଲା ଓ ୧୪ରେ ଏହା ୪୬୬ରେ ପହଞ୍ଚିଥିଲା । ସେହିପରି ୧୫ ତାରିଖରେ ଏହା ୪୩୭ ଥିଲା । ସେହିପରି ଦିଲ୍ଲୀରେ ଡିସେମ୍ବର ୧୩ରେ ଏକ୍ୟୁଆଇ ୪୬୧, ୧୪ରେ ୪୨୭ ଥିଲା । ଜିଆରଏପି ନିୟମ ଲାଗୁ ହେବା ପରେ ଏହା ୪୫୦ ଉପରେ ଥିଲା ଓ ଏହା ଗମ୍ଭୀର ସ୍ଥିତିକୁ ସୂଚାଇଥିଲା । ସେହିପରି ନଭେମ୍ବର ୧୧, ୧୨, ୧୯ ଓ ୨୩ ତାରିଖରେ ଏକ୍ୟୁଆଇ ୪୦୮ ରୁ ୪୨୫ ମଧ୍ୟରେ ଥିଲା । ଏଥିରେ ମନ୍ତ୍ରୀଙ୍କ ତଥ୍ୟ ଓ ସରକାରୀ ମନିଟରିଂ ତଥ୍ୟ ମଧ୍ୟରେ ବିରୋଧା ଭାଷ ସୃଷ୍ଟି ହେଉଥିବା ସ୍ପଷ୍ଟ ହେଉଛି ।

## ନୈନୀତାଲରେ ଖାଇକୁ ଖସିଲା ସ୍କର୍ପିଓ; ୩ ମୃତ

ନୈନିତାଲ, ୧୮ ।୧୨(ଏଜେନ୍ସି): ଉତ୍ତରାଖଣ୍ଡର ନୈନୀତାଲରେ ଗୁରୁବାର ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ସ୍କର୍ପିଓ ୨୦୦ ଫୁଟ ତଳେ ଥିବା ଖାଇକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ଫଳରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଗାଡ଼ିରେ ଥିବା ଜଣେ ଯୁବକଙ୍କ ମା, ପତ୍ନୀ ଓ ଶାଳି ମୃତ୍ୟୁବରଣ କରିଛନ୍ତି । ପାଖାପାଖି ସକାଳ ୯ ଟାରେ ଭବାଲି-ଅଲମୋଡ଼ା ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିଲା ଓ ଏଥିରେ ୩ ଜଣ ମହିଳା ମୃତ୍ୟୁବରଣ କରିଛନ୍ତି ବୋଲି ଭବାଲୀ ପୁଲିସ ତରଫରୁ କୁହାଯାଇଛି । ଡ୍ରାଇଭରକୁ ନିଦ ଆସିବା କାରଣରୁ ଆଖି ଲାଗି ଯାଇଥିଲା ଓ ଏଥିପାଇଁ ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି । ସୂଚନା ମିଳିବା ମାତ୍ରେ ପୁଲିସ ଓ ଏସ୍‌ଡିଆରଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ିରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ । ଆମ୍ବୁଲାନ୍ସ ଜରିଆରେ ଆହତଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିଛି ଆହତଙ୍କୁ ସୁଶୀଳା ତିୱାରୀ ହସ୍ପିଟାଲକୁ ରେଫର କରାଯାଇଥିଲା । ସବୁ ଆହତ ଉତ୍ତରପ୍ରଦେଶ ଓ ଗୁଜରାଟ ବୋଲି କୁହାଯାଇଛି । ଏମାନେ ସବୁ କାଇଞ୍ଚି ଧାମ ଦର୍ଶନ କରିବାକୁ ଯାଉଥିଲେ । କିନ୍ତୁ ୫ କିମି ପୂର୍ବରୁ ହିଁ ଏହି ଦୁର୍ଘଟଣା ଘଟିଥିଲା ।

## ଚା ଦୋକାନ ଉପରେ ଚଢ଼ିଗଲା ଟ୍ରକ, ୨ ମୃତ

ସୁଲତାନପୁର, ୧୮ ।୧୨(ଏଜେନ୍ସି): ସ୍ଥାନୀୟ ଲମ୍ଭୁଆ ଅଞ୍ଚଳରେ ଘନ କୁହୁଡି ଯୋଗୁଁ ଏକ ବଡ଼ ଦୁର୍ଘଟଣା ଘଟିଛି । କୁହୁଡି କାରଣରୁ ଦୃଶ୍ୟମାନତା କମ୍ ହେବା କାରଣରୁ ଏକ ଟ୍ରକ୍ ଚା ଦୋକାନ ଉପରେ ଚଢ଼ିଯାଇଥିଲା । ଫଳରେ ୨ ଜଣ ଲୋକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଦ୍ରୁତଗତିରେ ଏକ ଟ୍ରକ ଦିୟାରାଠାରୁ ଲମ୍ଭୁଆ ଆଡକୁ ଆସୁଥିବା ବେଳେ ଗୁରୁବାର କୁରମିଆନେ ରାମପୁର ଗାଁରେ ଏହି ଦୁର୍ଘଟଣା ଘଟିଛି । ଏଥିରେ ଚା ଦୋକାନ ମାଲିକର ପୁଅ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ପତ୍ନୀ ଆହତ ହୋଇଛନ୍ତି । ଟ୍ରକ ଡ୍ରାଇଭର ମଧ୍ୟ ଏଥିରେ ମୃତ୍ୟୁବରଣ କରିଛନ୍ତି ବୋଲି ପୁଲିସ କହିଛି ।

## ଇଣ୍ଡିଗୋ ସେବା ସ୍ୱାଭାବିକ; ୨୨୨୦ ବିମାନ ପୁଣି ଉଡ଼ିଲା




ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ବିମାନ ସେବା ନେଇ ସବୁଠାରୁ ଖରାପ ସମୟ ଚାଲିଯାଇଛି ଓ ଅପରେସନ ଏବେ ସ୍ଥିର ହୋଇଛି ବୋଲି ଇଣ୍ଡିଗୋ ଏୟାର ଲାଇନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ପିଟର ଏଲବର୍ସ କହିଛନ୍ତି । କମ୍ପାନୀ ଏହାର ନେଟୱର୍କକୁ ୧, ୨୦୦ ବିମାନ ଉଡାଣ ଦ୍ୱାରା ପୁନଃସ୍ଥାପିତ କରିଛି । ପିଟର ଗୁରୁବାର ନିଜର କର୍ମଚାରୀମାନଙ୍କୁ ବାର୍ତ୍ତା ଦେଇ କହିଛନ୍ତି ଯେ, କଷ୍ଟକର ସମୟ ବିତିଯାଇଛି ଓ ବିମାନ ସେବା ଏବେ ଆହୁରି ଶକ୍ତିଶାଳୀ ହୋଇଛି । କଷ୍ଟକର ସମୟରେ ଏକଜୁଟ ହୋଇ ରହିବା ସହ କାର୍ଯ୍ୟ କରିଥିବାରୁ ସେ ସବୁ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି । ଗତ ଦୁଇ ସପ୍ତାହ ଆମ ପାଇଁ ନିହାତି କଷ୍ଟକର ଓ ଚ୍ୟାଲେଞ୍ଜିଂ ଥିଲା । ଏହି ଅସୁବିଧା ମଧ୍ୟରେ ଆମେ ପୁଣି ଆମର କାର୍ଯ୍ୟକୁ ବାଟକୁ ଆଣିବାରେ ସକ୍ଷମ ହୋଇଛୁ । ଆମେ ଆଜି ଆମର ନେଟୱାର୍କକୁ ୧, ୨୦୦ ଉଡାଣରେ ପୁନଃସ୍ଥାପିତ କରିଛୁ । ଆମେ ଇଣ୍ଡିଗୋକୁ ଯେଉଁ ଏକାଗ୍ରତାର ସହ ଗଢ଼ି ତୋଳିଥିଲୁ, ସେହିଭଳି ଦେଶର ବିମାନ ସେବାକୁ ଆହୁରି ତ୍ୱରାନ୍ୱିତ କରିବୁ । ନିର୍ଭରଯୋଗ୍ୟତା, ସୁଗମତା, ଶୃଙ୍ଖଳା ଓ ଗ୍ରାହକଙ୍କ ପ୍ରତି ବିଶେଷ ଧ୍ୟାନ ସହ ଆମକୁ ଆହୁରି ଆଗକୁ ଯିବାକୁ ହେବ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଦ୍ୱାରା ବିମାନ ସେବା ନିୟମରେ ପରିବର୍ତ୍ତନ କାରଣରୁ ଡିସେମ୍ବର ପ୍ରଥମ ସପ୍ତାହରେ ଇଣ୍ଡିଗୋ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ କର୍ମଚାରୀ ଅଭାବର ସମ୍ମୁଖୀନ ହୋଇଥିଲା । ଏହି କାରଣରୁ ଡିସେମ୍ବର ୧ରୁ ୧୦ ମଧ୍ୟରେ ଦେଶରେ ୫, ୦୦୦ରୁ ଅଧିକ ବିମାନ ଉଡାଣକୁ ବାତିଲ କରାଯାଇଥିଲା । ଏହି କାରଣରୁ ସେତେବେଳେ ଦେଶରେ ନାହିଁ ନଥିବା ସ୍ଥିତି ଉପୁଜିଥିଲା । ବିମାନ ଯାତ୍ରୀମାନେ ଅପ୍ରତ୍ୟାଶିତ ଭାବେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

## ୫୬ ହଜାର ପାକ୍ ଭିକାରୀଙ୍କୁ ବିଦାକଲା ସାଉଦିଆରବ

ଇସଲାମାବାଦ୍, ୧୮ ।୧୨(ଏଜେନ୍ସି): ପୂର୍ବରୁ ପାକିସ୍ତାନ ନିଜ ଘରେ ଏବଂ ପାଶ୍ଚାତ୍ୟ ଦେଶଗୁଡିକ ଦ୍ୱାରା ଅପମାନିତ ହେଉଥିଲା । ଏବେ ମଧ୍ୟପ୍ରାଚ୍ୟର ଇସ୍‌ଲାମିକ ଦେଶଗୁଡିକ ମଧ୍ୟ ପାକିସ୍ତାନକୁ ଅପମାନିତ କରିବାକୁ ପଛାଉ ନାହାନ୍ତି । ନିକଟରେ ମିଳିଥିବା ସୂଚନା ଅନୁଯାୟୀ ସାଉଦି ଆରବ ୫୬ ହଜାର ପାକିସ୍ତାନୀ ଭିକାରୀଙ୍କୁ ଦେଶରୁ ପାକିସ୍ତାନକୁ ବିତାଡିତ କରିଛି । ଘରୋଇ ବିମାନରେ ଉଡାଣ ନିଷେଧ ତାଲିକା ଓ ବିଦେଶୀ ସରକାରଙ୍କ କଡ଼ା ଚେତାବନୀ ସତ୍ତ୍ୱେ ହଜାର ହଜାର ପାକିସ୍ତାନୀ କେବଳ ଭିକ୍ଷା ମାଗିବାକୁ ବିଦେଶ ଯାତ୍ରା ଜାରି ରଖିଛନ୍ତି । ପାକିସ୍ତାନ ଫେଡେରାଲ ତଦନ୍ତ ଏଜେନ୍ସି (ଏଫ୍‌ଆଇଏ) ୨୦୨୫ରେ ଭିକ୍ଷାକାରୀ ଦଳକୁ ବିଦେଶ ଯିବାକୁ ରୋକିବା ପାଇଁ ୬୬, ୧୫୪ ଜଣ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦେଇଥିବା ବେଳେ ଏବେ ଏହି ତଥ୍ୟ ସାମ୍ନାକୁ ଆସିଛି । ଗୋଟିଏ ମାସ ତଳେ ସାଉଦି ଆରବ ଭିକ୍ଷାବୃତ୍ତି ଓ ଆପରାଧିକ ଆଚରଣ ପାଇଁ ଅଧିକାଂଶ ପାକିସ୍ତାନ ନାଗରିକଙ୍କୁ ଭିସା ପ୍ରଦାନ କରିବା ପ୍ରକ୍ରିୟାକୁ ବନ୍ଦ କରିଥିଲା । ଭିକ୍ଷାବୃତ୍ତିକୁ ପେସାରେ ପରିଣତ କରିଥିବା ନାଗରିକମାନେ ପାକିସ୍ତାନର ସମ୍ମାନ ହାନୀ କରୁଛନ୍ତି ବୋଲି ଏଫ୍‌ଆଇଏ ସ୍ୱୀକାର କରିଛି ।

ଉଲ୍ଲେଖଥାଉ କି, ସାଉଦି ଆରବରେ ଇସଲାମ ଧର୍ମର ଦୁଇଟି ସବୁଠାରୁ ପବିତ୍ର ସ୍ଥଳ ମକ୍କା ଓ ମଦିନା ରହିଛି । ଏହି ଦୁଇଟି ସ୍ଥାନରେ ବହୁ ସଂଖ୍ୟାରେ ପାକିସ୍ତାନ ଭିକାରୀମାନେ ନିଜର ଡେରା ପକାଇଛନ୍ତି । ଗତବର୍ଷ ମଧ୍ୟ ସାଉଦି ଆରବ ପାକିସ୍ତାନକୁ କହିଥିଲା ଯେ, ଭିକାରୀମାନଙ୍କୁ ଉମରା ଭିସା ପ୍ରଦାନ କରାଯାଉଛି । ସେମାନେ ଏହାର ଦୁରୁପଯୋଗ କରି ମକ୍କା ଓ ମଦିନା ଭଳି ପବିତ୍ର ସହରରେ ଭିକ୍ଷା ମାଗୁଛନ୍ତି । ତେଣୁ ଏହି ପ୍ରକ୍ରିୟାକୁ ରୋକିବାପାଇଁ ପାକିସ୍ତାନ ପଦକ୍ଷେପ ଗ୍ରହଣ କରୁ ବୋଲି ସାଉଦି ଆରବ ଚେତାବନୀ ଦେଇ କହିଥିଲା । କେବଳ ସେତିକି ନୁହେଁ, ପାକିସ୍ତାନ ଭିକାରୀମାନେ ବିଦେଶୀ ତୀର୍ଥଯାତ୍ରୀଙ୍କୁ ସମସ୍ୟାରେ ମଧ୍ୟ ପକାଉଥିବା ଅଭିଯୋଗ ହେଉଛି । ୨୦୨୪ରେ ଗିରଫ ହୋଇଥିବା ମୋଟ ଭିକାରୀଙ୍କ ମଧ୍ୟରେ ୯୦ ପ୍ରତିଶତ ପାକିସ୍ତାନ ନାଗରିକ ଥିଲେ ବୋଲି ଜଣାପଡ଼ିଥିଲା ।

## ଭେନେଜୁଏଲା ବିପକ୍ଷରେ ଯୁଦ୍ଧ ଘୋଷଣା କରିପାରେ ଆମେରିକା

ୱାସିଂଟନ, ୧୮ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା ବିପକ୍ଷରେ ଯୁଦ୍ଧ ଘୋଷଣା କରିପାରନ୍ତି ବୋଲି ଆମେରିକା ବ୍ରଡକାଷ୍ଟର ଟକର କାର୍ଲସନ କହିଛନ୍ତି । ନିଜ ଅନଲାଇନ୍ ଶୋ 'ଜଜିଂ ଫ୍ରିଡମ୍'ରେ ଟକର ଏହି କଥା କହିଛନ୍ତି । ଆମେରିକା ଓ ଭେନେଜୁଏଲା ମଧ୍ୟରେ ଏକ ସାମରିକ ସଂଘର୍ଷ ଘଟିପାରେ ବୋଲି ଜଣେ ଆମେରିକୀୟ ସାଂସଦ ତାଙ୍କୁ କହିଥିଲେ ବୋଲି ଟକର କହିଛନ୍ତି । ବର୍ତ୍ତମାନ ଦୁଇଦେଶ ମଧ୍ୟରେ ଉତ୍ତେଜନା ଓ ତିକ୍ତତା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । ଟ୍ରମ୍ପ କହିଛନ୍ତି ଯେ, ଭେନେଜୁଏଲା ଆମର ତୈଳ ଓ ଶକ୍ତି ଅଧିକାର ଫେରାଇ ଦେବା ଉଚିତ । ପୂର୍ବରୁ ଏହାକୁ ଭେନେଜୁଏଲା ବେଆଇନ ଭାବେ ଛଡ଼ାଇ ନେଇଥିଲା । ଭେନେଜୁଏଲା ୧୯୭୬ରେ ଆମେରିକାର ତୈଳ କମ୍ପାନୀଗୁଡିକୁ ବଳପୂର୍ବକ ବିତାଡିତ କରିଥିଲା ଓ ସେମାନଙ୍କ ସମ୍ପତ୍ତି ଜବତ କରିଥିଲା ବୋଲି ଟ୍ରମ୍ପ କହିଛନ୍ତି । ଇତିମଧ୍ୟରେ ଭେନେଜୁଏଲାକୁ ଓ ସେଠାରୁ ଯାତ୍ରା କରୁଥିବା ନିଷିଦ୍ଧ ତୈଳ ଟ୍ୟାଙ୍କରଗୁଡିକର ସମ୍ପୂର୍ଣ୍ଣ ଅବରୋଧ ପାଇଁ ନିର୍ଦ୍ଦେଶ ଦେଇ ଟ୍ରମ୍ପ ଭେନେଜୁଏଲା ଉପରେ ଚାପ ବୃଦ୍ଧି କରିଛନ୍ତି । ତେଣୁ ଏବେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହେବା ଅସମ୍ଭବ ନୁହେଁ ବୋଲି କୁହାଯାଇଛି ।

## ଛାଡ଼ପତ୍ର ପାଇଁ ପତି-ପତ୍ନୀ ଏକବର୍ଷ ଅଲଗା ରହିବା ଜରୁରୀ ନୁହେଁ: ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ଛାଡ଼ପତ୍ର ଦେବା ନେଇ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ଆପୋଶ ସହମତିରେ ଛାଡ଼ପ୍ରତ ଦେବାକୁ ଚାହୁଁଥିବା ପତି-ପତ୍ନୀଙ୍କ ପାଇଁ ଗୋଟିଏ ବର୍ଷ ଅଲଗା ରହିବାର ସର୍ତ୍ତ ବାଧ୍ୟତାମୂଳକ ନୁହେଁ ବୋଲି କୋର୍ଟ କହିଛନ୍ତି । କୋର୍ଟ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ୍ (ଏଚ୍ଏମ୍ଏ), ୧୯୫୫ ଅନୁଯାୟୀ ଲାଗୁ ହୋଇଥିବା ଏହି ସର୍ତ୍ତକୁ କେତୋଟି ଉଚିତ ମାମଲାରେ ଛାଡ଼ କରାଯାଇପାରିବ । ଏପରିସ୍ଥିତିରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ବିବାହ ବନ୍ଧନରୁ ମୁକ୍ତ କରିବା ପରିବର୍ତ୍ତେ, ସେମାନଙ୍କୁ ଏକ ଅବିଶ୍ୱସ୍ତ ସମ୍ପର୍କରେ ଫସାଇ ରଖିବା ଭୁଲ ହେବ ଓ ଏହା ଉଭୟଙ୍କ ପାଇଁ ଅନାବଶ୍ୟକ ମାନସିକ ଓ ଭାବନାତ୍ମକ ଚାପ ସୃଷ୍ଟି କରିବ ବୋଲି କୋର୍ଟ କହିଛନ୍ତି । ଆଇନ୍ ଅନୁଯାୟୀ ପରସ୍ପର ସମ୍ମତିରେ ଛାଡ଼ପତ୍ର ଦେବା ପାଇଁ ଆବେଦନ ଦାଖଲ କରିବାର ସମୟସୀମା ସମ୍ପର୍କରେ ମାର୍ଗଦର୍ଶନ ପାଇଁ ଏକ ଡିଭିଜନ ବେଞ୍ଚ ଦେଇଥିବା ଏକ ରାୟର ଜବାବରେ କୋର୍ଟ ଏହି ସ୍ପଷ୍ଟୀକରଣ ଦେଇଛନ୍ତି । ଜଷ୍ଟିସ ନବୀନ ଚାୱାଲା, ଅନୁପ ଜୟରାମ ଭାମ୍ଭାନୀ ଓ ରେଣୁ ଭଟନାଗରଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ଏଚ୍ଏଏ ଧାରା ୧୩ବି(୧) ଅନୁଯାୟୀ ଗୋଟିଏ ବର୍ଷ ପାଇଁ ସ୍ୱାମୀ ସ୍ତ୍ରୀ ପୃଥକ ରହିବାର ଆଇନଗତ ସର୍ତ୍ତ ବାଧ୍ୟତାମୂଳକ ନୁହେଁ ବୋଲି କହିଛନ୍ତି ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୯୩୨- ବିବିସି( ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ୍) ବିଦେଶରେ ପ୍ରସାରଣ ଆରମ୍ଭ କଲା।
- ୧୯୫୦- ଆଧ୍ୟାତ୍ମିକ ଗୁରୁ ଦଲାଇଲାମା ତିବ୍ବତ ଛାଡ଼ିଲେ।
- ୧୯୬୬- ଏସୀୟ ବିକାଶ ବ୍ୟାଙ୍କର ଆରମ୍ଭ ହେଲା।
- ୨୦୦୭- ଟାଇମ୍ ପତ୍ରିକା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କୁ 'ପର୍ସନ୍ ଅଫ୍ ଦ ଇଅର୍' ଘୋଷଣା କଲା।
- ୨୦୧୮ - ଜାମ୍ମୁ କାଶ୍ମୀରରେ ରାଷ୍ଟ୍ରପତି ଶାସନ ଲାଗୁ ହେଲା।



# ବରଫରେ ଶୋଇ ରହି ବିଶ୍ୱ ରେକର୍ଡ


ଶୀତଦିନେ ଲୋକେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ସ୍ୱେଟର୍, ମଫଲର୍, ଜ୍ୟାକେଟ୍ ଆଦି ପିନ୍ଧନ୍ତି। ଏହାବାଦ୍ ଅନେକ ଲୋକ ଏହିଦିନେ ଥଣ୍ଡା ପାଣି ବଦଳରେ ଗରମ ପାଣିରେ ଗାଧୋଇବାକୁ ପସନ୍ଦ କରନ୍ତି। ଏହି କ୍ରମରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହୋଇଛି ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ମୁହଁ ବ୍ୟତୀତ ପୂରା ଶରୀର ବରଫରେ ଢାଙ୍କି ହୋଇଥିବାର ଦେଖାଯାଇଛି। ଏହି ବ୍ୟକ୍ତିଙ୍କ ନାମ ଲୁକାଜ ସ୍ଜୁନାର। ଲୁକାଜ କେବଳ ହ୍ୟାଫ୍ ପ୍ୟାଣ୍ଟିଏ ପିନ୍ଧିଛନ୍ତି। ଏଭଳି ଅବସ୍ଥାରେ ସେ ବରଫ ଉପରେ ଶୋଇ ଯାଉଛନ୍ତି। ଏହାପରେ କିଛି ଲୋକ ଆସି ତାଙ୍କ ଉପରେ ବରଫ ଲଦୁଛନ୍ତି। ତେବେ ଏଥିରେ କେବଳ ତାଙ୍କ ମୁହଁ ଓ ବେକ ଦେଖାଯାଉଛି। ପୂରା ଶରୀର ବରଫ ମଧ୍ୟରେ ଢାଙ୍କି ହୋଇ ରହୁଛି। ଭିଡିଓରେ ଲୁକାଜ ଅତ୍ୟଧିକ ଥଣ୍ଡା କାରଣରୁ ଥରୁଥିବାର ମଧ୍ୟ ଦେଖାଯାଉଛି। ତଥାପି ସେ ହାର୍ ମାନୁନାହାନ୍ତି। ଏଭଳି ଅବସ୍ଥାରେ ସେ ଅଢ଼େଇ ଘଣ୍ଟା ବିତାଇ ଦେଉଛନ୍ତି। ଏହାପରେ ଲୁକାଜଙ୍କ ନାମ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଗିନିଜ୍ ବିଶ୍ୱ ରେକର୍ଡର ଅଫିସିଆଲ ସାଇଟ୍‌ରେ ଲୁକାଜଙ୍କ ରେକର୍ଡ କରିବାର ଭିଡିଓ ସେୟାର କରାଯାଇଥିଲା। ଏହି ଭିଡିଓକୁ ଏବେ ସୁଦ୍ଧା ୪୫ ଲକ୍ଷ ଥର ଦେଖାଯାଇଛି। ଲୋକେ ଲୁକାଜଙ୍କର ଧୈର୍ଯ୍ୟ ଓ ସାହସକୁ ପ୍ରଶଂସା କରିଛନ୍ତି।

# 'ଅବତାର ୩'ରେ 'ରାମାୟଣ'ର ପ୍ରୋମୋ



ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ 'ରାମାୟଣ' ଫିଲ୍ମକୁ ନେଇ ଚର୍ଚ୍ଚାରେ। ଏହା ତାଙ୍କ କ୍ୟାରିୟରର ସବୁଠୁ ଭଲ ଫିଲ୍ମ ହେବ ବୋଲି କୁହାଯାଉଛି। କିଛି ଦିନ ପୂର୍ବରୁ ଏହାର ପ୍ରଥମ ଝଲକ ଜାରି ହୋଇଥିଲା। ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ। ନିର୍ଦ୍ଦେଶକ ନିତେଶ ତିୱାରୀ ଏବେ ଏହାର ପ୍ରୋମୋକୁ ଥ୍ରୀଡିରେ ଆଣିବା ପାଇଁ ଯୋଜନା କରିଛନ୍ତି। ସବୁଠୁ ବଡ଼ କଥା ହେଉଛି, ଜେମସ୍ କ୍ୟାମରୁନ୍‌ଙ୍କ 'ଅବତାର: ଫାୟାର ଆଣ୍ଡ ଆଶ୍' ସହ 'ରାମାୟଣ'ର ଥ୍ରୀଡି ପ୍ରୋମୋକୁ ଥିଏଟର୍‌ରେ ରିଲିଜ୍ କରାଯିବ। ତେବେ ଫିଲ୍ମ ରିଲିଜ୍ ପୂର୍ବରୁ ଏହାର ପ୍ରୋମୋକୁ ସିନେମାହଲ୍‌ରେ ରିଲିଜ୍ କରିବା ଏକ ଐତିହାସିକ ପଦକ୍ଷେପ ହେବ। ଡିସେମ୍ବର ୧୯ରେ ଦର୍ଶକେ 'ଅବତାର ୩' ଦେଖିବା ପୂର୍ବରୁ ସେମାନଙ୍କୁ ପ୍ରଥମେ 'ରାମାୟଣ'ର ପ୍ରୋମୋ ଦେଖାଯିବ। ଆଠ ଥର ଓସ୍କାର ଜିତିଥିବା ଭିଜୁଆଲ ଇଫେକ୍ଟ ଷ୍ଟୁଡିଓ 'ଡିଏନ୍‌ଇଜି' ଏହାର ପ୍ରୋମୋ ଭିଜୁଆଲ ପ୍ରସ୍ତୁତ କରିଛି। 'ରାମାୟଣ' ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ। ଏଥିରେ ରଣବୀର କପୁର ଭଗବାନ ଶ୍ରୀରାମ, ସାଇପଲ୍ଲବୀ ମାତା ସୀତା ଓ ଯଶ୍ ରାବଣ ଭୂମିକାରେ ନଜର ଆସିବେ। 'ରାମାୟଣ'ର ବଜେଟ୍ ୪୦୦୦ କୋଟି ରହିଛି।

ପ୍ରୋଟିନ୍‌ର ଉତ୍ତମ ଉତ୍ସ ହେଉଛି ଅଣ୍ଡା। ଅନେକ ଲୋକ ଏକାଥରକେ ୧୦-୧୫ ଅଣ୍ଡା କିଣି ସାଇତି ରଖନ୍ତି। ଏହାଦ୍ୱାରା ବାରମ୍ବାର ଅଣ୍ଡା ଆଣିବା ଚିନ୍ତା ଦୂର ହୁଏ। ସେହିପରି ଲୋକେ ଅଣ୍ଡାକୁ ଫ୍ରିଜ୍‌ରେ ସାଇତି ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟବହାର କରନ୍ତି। ହେଲେ ଅନ୍ୟ ଜିନିଷ ଭଳି ଅଣ୍ଡାର ମଧ୍ୟ ଏକ୍ସପାୟାରି ଡେଟ୍ ଅଛି। ଏକ୍ସପାୟାରି ଅଣ୍ଡା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ବିପଜ୍ଜନକ ହୋଇଥାଏ। ଏପରିକି ଏହାକୁ ଖାଇବା ଦ୍ୱାରା ଫୁଡ୍ ପଏଜନିଂ ହେବାର ଆଶଙ୍କା ରହିଛି। ତେବେ ଅଣ୍ଡା ସାଲମୋନେଲା ଜୀବାଣୁ ଯୋଗୁଁ ଖରାପ ହୋଇଥାଏ। ଏହି ଜୀବାଣୁ ଯୋଗୁ ଫୁଡ୍ ପଏଜନିଂ ହୋଇଥାଏ। ଯେତେଯେତେ ଏହି ଜୀବାଣୁ ବୃଦ୍ଧି ପାଏ, ଅଣ୍ଡା ଖରାପ ବା ନଷ୍ଟ ହେବା ଆରମ୍ଭ କରେ। ସମୟ ସହିତ ଅଣ୍ଡାର ଗୁଣବତ୍ତା ମଧ୍ୟ ହ୍ରାସ ପାଏ। ଏଭଳି ସ୍ଥିତିରେ ଅଣ୍ଡା ଭିତରେ ପବନର ମାତ୍ରା ଅଧିକ ହୋଇ ଅଣ୍ଡା ଶୁଷ୍କ ହୋଇଯାଏ। ତେବେ ଯଦି ଅଣ୍ଡାଟି ଭାଙ୍ଗି ନାହିଁ, ତେବେ ସମ୍ପୂର୍ଣ୍ଣ ଅଣ୍ଡାଟି ୩ ରୁ ୫ ସପ୍ତାହ ପର୍ଯ୍ୟନ୍ତ ଖାଇବା ସୁରକ୍ଷିତ। ଯଦିଓ



ଅଣ୍ଡାକୁ ଫ୍ରିଜରରେ କିଛି ସମୟ ପାଇଁ ରଖାଯାଇପାରିବ, ତଥାପି ଏକ ନିର୍ଦ୍ଦିଷ୍ଟ ସମୟ ପରେ ଏହାର ଗୁଣବତ୍ତା ହ୍ରାସ ପାଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ଅଣ୍ଡା ସାଇତି ରଖୁଥିଲେ ଏବଂ ଏହା ଖରାପ ହେବା ସନ୍ଦେହ କରୁଥିଲେ ଏହାକୁ ପାଣିରେ ପକାଇ ଜାଣି ହେବ ଅଣ୍ଡା ଭଲ ଅଛି କି ନାହିଁ। ପାଣିରେ ଭାସୁଥିବା ଅଣ୍ଡା ଖରାପ ହୋଇଥାଏ। ଏହାବାଦ୍ ଅଣ୍ଡାକୁ ହଲାଇବା ବେଳେ ସେଥିରୁ ଶବ୍ଦ ହେଲେ ଏହା ନଷ୍ଟ ହୋଇଯାଇଥିବା ଦିଗକୁ ଇଙ୍ଗିତ କରେ। ଅନ୍ୟପଟେ ଅଣ୍ଡା ଖୋଳପାର ରଙ୍ଗ ବଦଳିଥିଲେ ଅଣ୍ଡା ଖରାପ ହୋଇଯାଇଥିବା ସ୍ପଷ୍ଟ ହୋଇଥାଏ। ସେହିପରି ଅଣ୍ଡା ଖରାପ ହୋଇଯାଇଥିଲେ ଏଥିରୁ ଏକ ଅଜବ ଦୁର୍ଗନ୍ଧ ଆସେ। ତେଣୁ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭଲ ରଖିବା ପାଇଁ ଅଣ୍ଡାକୁ ତା'ର କାର୍ଟୁନ ସହିତ ଥଣ୍ଡା ଓ ଆଲୋକ ପଡୁ ନ ଥିବା ସ୍ଥାନରେ ରଖିବା ଉଚିତ। ସେହିଭଳି ଅଣ୍ଡାକୁ ଫ୍ରିଜ୍‌ରେ ୩-୫ ସପ୍ତାହ ପର୍ଯ୍ୟନ୍ତ ରଖି ବ୍ୟବହାର କରାଯାଇ ପାରିବ।

# ବନ୍ ପରୀକ୍ଷା

**ବୃକ୍କ ମନୁଷ୍ୟ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ରକ୍ତ ସଫା କରିବା ସହ ଶରୀରର ବର୍ଜ୍ୟକୁ ବାହାର କରେ। କୌଣସି କାରଣରୁ ବୃକକ୍ କାମ ନ କଲେ ସ୍ୱାସ୍ଥ୍ୟସମସ୍ୟା ଦେଖାଦିଏ। ବୃକ୍କଜନିତ ସମସ୍ୟାର ଜଟିଳତାକୁ ବୁଝିବାକୁ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ସେମିତି ଏକ ପରୀକ୍ଷା ହେଉଛି ବନ୍ (BUN)ଟେଷ୍ଟ।**



ବନ୍ ବା ବିୟୁଏନ୍ ଟେଷ୍ଟର ଅର୍ଥ 'ବ୍ଲଡ୍ ୟୁରିୟା ନାଇଟ୍ରୋଜେନ୍' ପରୀକ୍ଷା। ଏହି ରକ୍ତ ପରୀକ୍ଷାରେ ରକ୍ତରେ ୟୁରିୟା ନାଇଟ୍ରୋଜେନ୍ ସ୍ତର ମପାଯାଏ। ୟୁରିୟା ନାଇଟ୍ରୋଜେନ୍ ଏକ ବର୍ଜ୍ୟ ଉତ୍ପାଦ। ଏହା ଶରୀରରେ ପ୍ରୋଟିନ୍ ଭାଙ୍ଗିବା ପରେ ସୃଷ୍ଟି ହୋଇଥାଏ। ସାଧାରଣତଃ ବୃକ୍କ ରକ୍ତରୁ ୟୁରିୟା ନାଇଟ୍ରୋଜେନ୍‌କୁ ବାହାର କରି ଦେଇଥାଏ। ଯେତେବେଳେ ବୃକ୍କ୍ ଠିକ୍ ଭାବେ କାମ ନ କରେ ବିୟୁଏନ୍ ସ୍ତର ବଢ଼ିଯାଏ। ବିୟୁଏନ୍ ସ୍ତର ଜାଣିବାକୁ ରକ୍ତ ପରୀକ୍ଷା କରାଯାଏ। ଡିହାଇଡ୍ରେସନ୍, ବୃକ୍କ ଅଚଳ ଆଦି ବିଷୟରେ ଜାଣିବାକୁ ଏହି ପରୀକ୍ଷା ମଧ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ବୟସ, ଲିଙ୍ଗ ଅନୁସାରେ ବିୟୁଏନ୍‌ସ୍ତର ବଦଳୁଥାଏ। ବିୟୁଏନ୍ ପରୀକ୍ଷା ଫଳାଫଳକୁ ଏମ୍‌ଜି/ଡିଏଲ୍‌ରେ ମପାଯାଏ। ବୃକ୍କର ସୁସ୍ଥତା ପାଇଁ ରକ୍ତଚାପ ସନ୍ତୁଳିତ ରଖିବା ଜରୁରି। ବୃକ୍କ ଜନିତ ସମସ୍ୟା ଥିଲେ ମନ ଇଚ୍ଛା ଔଷଧ ସେବନ ନ କରି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ ସହ ଉଚିତ ପରିମାଣର ପାଣି ପିଇବା ଆବଶ୍ୟକ।

## ସଞ୍ଜୀବନୀ

# ରେଟିନା ଜଣାଇବ ରୋଗ

ଅଧୁନା ପ୍ରତ୍ୟେକ କ୍ଷେତ୍ରରେ ଏଆଇର ଉପଯୋଗ କରାଯାଉଛି। ଏହି କ୍ରମରେ ଅଷ୍ଟ୍ରେଲିଆର ବୈଜ୍ଞାନିକ ଏକ ଏଆଇ ଟୁଲ ବିକଶିତ କରୁଛନ୍ତି। ଯାହାକି ଆଖିରୁ ରୋଗ ବିଷୟରେ ଜଣାପଡ଼ିବ। ଏହି ଏଆଇ ଟୁଲ ଆଖି ରେଟିନାର ଫଟୋକୁ ବିଶ୍ଳେଷଣ କରି ହୃତ୍‌ପିଣ୍ଡ ଏବଂ ବୃକ୍କ ସହିତ ଜଡିତ ରୋଗକୁ ଚିହ୍ନଟ କରିବ। ଏହି ଟୁଲ୍‌ଟିକୁ ବନାଇବାର ନେତୃତ୍ୱ ମୋନାଶ ବିଶ୍ୱବିଦ୍ୟାଳୟ ନେଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି, 'ଉନ୍ନତ ଏଆଇ ମଡେଲ' ତିଆରି କରିବା। ଏହି ସ୍ୱତନ୍ତ୍ର ଏଆଇ ମଡେଲ ରେଟିନାର ଫଟୋକୁ ସ୍କାନ୍ କରିବ। ରେଟିନା ଛବି ମାଧ୍ୟମରେ ଯେଉଁ ରୋଗ ପୂରା ଶରୀରକୁ ପ୍ରଭାବିତ କରେ ତାହାକୁ ଚିହ୍ନଟ କରିବ। ହୃତ୍‌ପିଣ୍ଡ ଓ ବୃକ୍କର ରୋଗ ଚିହ୍ନଟରେ ସାହାଯ୍ୟ କରିବ। ଫଳରେ ସଠିକ୍ ସ୍କ୍ରିନିଂ ସହ ରୋଗର ଚିକିତ୍ସା ଓ ନିୟନ୍ତ୍ରଣ କରାଯାଇପାରିବ। ଏନେଇ ଗବେଷକମାନେ ଏଆଇ କୌଶଳ ଉପଯୋଗରେ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ତଥ୍ୟ ଓ ରେଟିନା ଫଟୋ ଉପରେ ଅଧ୍ୟୟନ କରିଥିଲେ। ଏହି କୌଶଳଟି ପାରମ୍ପରିକ ପରୀକ୍ଷାଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ମୋନାଶ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଝୋଙ୍ଗୟୁଆନ୍ କୁହନ୍ତି, ଏହି ମଡେଲଟି ଦଶନ୍ଧିଧରି ଚିହ୍ନଟ ନ ହୋଇଥିବା ତଥ୍ୟ ପାଇଁ ନୂତନତମ ଏଆଇ ପଦ୍ଧତିଗୁଡିକ ପ୍ରୟୋଗ କରିବ। ଏହା ଆଧାରରେ ମଲ୍ଟିମଡେଲ ଏଆଇ ମଡେଲ ତିଆରି କରାଯାଉଛି। ଯାହା ଗୋଟିଏ ସମୟରେ ଅନେକ ରୋଗ ଚିହ୍ନଟ କରିବାରେ ସକ୍ଷମ ହେବ। ଏହି ପରୀକ୍ଷଣ ଦ୍ୱାରା ରେଟିନା ଫଟୋରୁ ସହଜରେ କମ୍ ସମୟରେ ରୋଗର ପ୍ରାରମ୍ଭିକ ସ୍ଥିତି ବିଷୟରେ ଜଣାପଡ଼ିବ। ହୃତ୍‌ପିଣ୍ଡ ଏବଂ ବୃକ୍କର ସ୍ଥିତିକୁ ଆକଳନ କରାଯିବାକୁ ଏହି ପରୀକ୍ଷା ବ୍ୟବହାର କରାଯିବ। ଭବିଷ୍ୟତରେ ଏହି ଏଆଇ ଦ୍ୱାରା ଶୀଘ୍ର ରୋଗ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ରୋଗକୁ ନିୟନ୍ତ୍ରଣ କରାଯାଇପାରିବ।



## 'ସକାଳ'ର ସ୍ୱାସ୍ଥ୍ୟ

# ଜିଭ କର୍କଟ

**ଜିଭରେ ହେଉଥିବା କର୍କଟକୁ ଜିହ୍ୱା ବା ଜିଭ କର୍କଟ କୁହାଯାଏ। ଏହି କର୍କଟ ଜିଭ କୋଷରୁ ଆରମ୍ଭ ହୋଇଥାଏ। ଜିଭର ପୃଷ୍ଠଭାଗରେ ସଂକ୍ରମିତ ହୋଇ ପାଟିରେ ବ୍ୟାପି ଯାଇପାରେ। ଜିଭକୁ ଅନେକ ପ୍ରକାରର କର୍କଟ ରୋଗ ଆକ୍ରାନ୍ତ କରିପାରେ। ତେଣୁ ପ୍ରାଥମିକ ଅବସ୍ଥାରୁ ଜିଭ କର୍କଟ ଚିହ୍ନଟ କରି ଚିକିତ୍ସା ଯୋଗାଇବା ନିହାତି ଆବଶ୍ୟକ।**



**କେଉଁମାନଙ୍କୁ ଅଧିକ ବିପଦ:** ଧୂମପାନ, ମଦ୍ୟପାନ, ତମାଖୁ ସେବନ, ବଂଶାନୁଗତ, ଏଚ୍‌ପିଭି ସମ୍ପର୍କରେ ଆସିବା ଦ୍ୱାରା ଜିଭ କର୍କଟ ହେବା ଆଶଙ୍କା ଅଧିକ ଥାଏ। ମହିଳାଙ୍କ ତୁଳନାରେ ପୁରୁଷ ଏହି କର୍କଟରେ ଅଧିକ ଆକ୍ରାନ୍ତ ହୁଅନ୍ତି। ବୟସ୍କ, ମୁଖଗହ୍ୱରର ଅସ୍ୱଚ୍ଛତା, ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କୁ ଜିଭ କର୍କଟ ହେବାର ବିପଦ ଅଧିକ ଥାଏ।

**ଲକ୍ଷଣ:** ଜିଭ କର୍କଟର ଆରମ୍ଭରୁ ଲକ୍ଷଣଗୁଡ଼ିକ ସାଧାରଣ ସମସ୍ୟା ପରି ଦେଖାଯାଏ। ତେଣୁ ଏହାକୁ ଚିହ୍ନିବା ସହଜ ହୋଇ ନ ଥାଏ। ଏହି ରୋଗ ଆରମ୍ଭରୁ ଜିଭରେ ଧଳା ଦାଗ, ଗଳା ଦରଜ, କଥା ଅସ୍ପଷ୍ଟ ଶୁଭିବା, କହିବାରେ ସମସ୍ୟା, ଜିଭ ବାହାର କରିବାରେ ଅସୁବିଧା, ତଣ୍ଟିରେ ଅଟକି ଯିବା ପରି ଲାଗିବା, ଜିଭ ଝିମ୍ ଝିମ୍ ଲାଗିବା, ଢୋକିବା ସମୟରେ ଜିଭ କାମ ନ କରିବା, ସ୍ୱର ପରିବର୍ତ୍ତନ, ମାଢ଼ି ଫୁଲିବା, କାଶରେ ରକ୍ତ ପଡ଼ିବା କିମ୍ବା କାନ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଇପାରେ। ରୋଗର ସ୍ତର ଯଦି ତୃତୀୟ କିମ୍ବା ଚତୁର୍ଥସ୍ତରରେ ଥାଏ, ଜିଭ କର୍କଟ ସହ ବେକ ଫୁଲା ହୋଇପାରେ। ତେଣୁ ଜିଭ ପୃଷ୍ଠଭାଗରେ ପରିବର୍ତ୍ତନ ଦେଖାଗଲେ କିମ୍ବା ଜିଭରୁ ରକ୍ତକ୍ଷରଣ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

**ଚିକିତ୍ସା:** ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ ହେଲେ, ସର୍ଜରୀ, କେମୋଥେରାପି, ବିକିରଣ ଚିକିତ୍ସା, ବ୍ରାକି ଥେରାପି ଏବଂ କିଛି ନିର୍ଦ୍ଦିଷ୍ଟ ଔଷଧ ଦ୍ୱାରା କରାଯାଇଥାଏ। ଯଦି ଜିଭ କର୍କଟ ବିଳମ୍ବରେ ଚିହ୍ନଟ ହୁଏ, ଡାକ୍ତର ଜିଭରେ କର୍କଟ ଅଂଶକୁ ବାହାର କରିଦେଇଥାନ୍ତି। ଏହି ପ୍ରଣାଳୀକୁ ଗ୍ଲୋସେକ୍ଟମି କୁହାଯାଏ। ଯଦି ଜିଭର ଏକ ଛୋଟ ଅଂଶ କଢ଼ାଯାଏ, ସର୍ଜନ ଜିଭ ପୁନଃନିର୍ମାଣ ସର୍ଜରୀ କରିଥାନ୍ତି। ତେଣୁ ତମାଖୁ, ଗୁଟ୍‌ଖା, ମଦ୍ୟପାନ, ଧୂମପାନରୁ ଦୂରେଇ ରହିବା ଦରକାର। ମୁଖ ଗହ୍ୱରର ସ୍ୱଚ୍ଛତାକୁ ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ।



# ସ୍ୱାସ୍ଥ୍ୟପ୍ରଦ ପୁଦିନା

**ପୁଦିନାରେ ମେନ୍ଥଲ, ଆଣ୍ଟି ଅକ୍ସିଡାଣ୍ଟ, ଭିଟାମିନ୍-ସି', ଆଦି ରହିଛି। ଆୟୁର୍ବେଦ ଅନୁସାରେ, ପୁଦିନା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବାରେ ସାହାଯ୍ୟ କରେ। ତେଣୁ ଶୀତଦିନେ ପୁଦିନା ଜୁସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର।**

- ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ପୁଦିନା ପତ୍ର କିମ୍ବା ପୁଦିନା ଜୁସ୍ ପିଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଭୋକ ବଢ଼େ। ପୁଦିନାରେ ମେନ୍ଥଲ ଥିବାରୁ କାଶ ଦୂର ହୁଏ। ଥଣ୍ଡା, ନାକ ଖୋଲିବା, ଗଳା ଦରଜ ଆଦିରୁ ଉପଶମ ମିଳିଥାଏ।
- ଶୀତଦିନେ ସାଧାରଣତଃ ପାଚନ ଶକ୍ତି ଧୀମା ହୁଏ। ଗ୍ୟାସ୍, ହାକୁଡି, ବଦହଜମି ଆଦି ଦେଖାଯାଏ। ତେଣୁ ପୁଦିନା ପତ୍ର ଖାଇଲେ ହଜମ ଶକ୍ତି ବୃଦ୍ଧି ହୁଏ। ଏହାର ଜୁସ୍ ପିଇଲେ ପେଟ ଥଣ୍ଡା ରୁହେ। ଚର୍ମଜନିତ ସମସ୍ୟା ଦୂର ହୁଏ।

# ମାଇସୋଫୋବିଆ

ଫୋବିଆ ଏକ ପ୍ରକାର ମାନସିକ ଅବସ୍ଥା। ଯେଉଁଥିରେ ଜଣେ ବ୍ୟକ୍ତି କୌଣସି ବସ୍ତୁ କିମ୍ବା ଅବସ୍ଥା ପ୍ରତି ନିରନ୍ତର ଭୟ କରିଥାନ୍ତି। ଫୋବିଆ ରୋଗ ବିଭିନ୍ନ ପ୍ରକାରର ରହିଛି। ତନ୍ମଧ୍ୟରୁ ମାଇସୋଫୋବିଆରେ ଅନେକ ପୀଡ଼ିତ। ଏହି ରୋଗରେ ପୀଡ଼ିତ କୀଟାଣୁ, ମଇଳାରୁ ବଞ୍ଚିବାକୁ ଚେଷ୍ଟା କରନ୍ତି। ଯେକୌଣସି ସାମଗ୍ରୀରୁ କୀଟାଣୁ ଏବଂ ମଇଳା ଥିବା ଅନୁଭବ କରି ତାହାକୁ ବାରମ୍ବାର ସଫା କରନ୍ତି।

- ପୀଡ଼ିତ ବ୍ୟକ୍ତି କୌଣସି ବସ୍ତୁ ବା ସାମଗ୍ରୀକୁ ଅଧିକବାର ସଫା କରନ୍ତି। କାହା ସହିତ ହାତ ମିଶାଇବା ପରେ ବି ଧାତକୁ ବାରମ୍ବାର ଧୁଅନ୍ତି। କୀଟାଣୁରୁ ରୋଗ ବ୍ୟାପିବାକୁ ନେଇ ଚିନ୍ତା, ଏକାଧିକ ଥର ହାତ ଧୋଇବା ଏହି ରୋଗର ଲକ୍ଷଣ। ଭୟ, ଶ୍ୱାସକ୍ରିୟାରେ ସମସ୍ୟା, ମୁଣ୍ଡ ବୁଲାଇବା, ତୀବ୍ର ହୃଦ୍‌ସ୍ପନ୍ଦନ ଆଦି ଶାରୀରିକ ଲକ୍ଷଣ ଦେଖାଯାଏ। ରୋଗର ତୀବ୍ରତା ବଢ଼ି ସେମାନଙ୍କ ଦୈନନ୍ଦିନ ଏବଂ ସାମାଜିକ ଜୀବନରେ ବାଧା ସୃଷ୍ଟି ହୁଏ।
- ମନୋସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ଏହି ରୋଗ ନିୟନ୍ତ୍ରଣ ହୁଏ। ହାତ ମିଶାଇବାର ୫ରୁ ୧୦ ମିନିଟ୍ ଯାଏଁ ହାତ ନ ଧୋଇବାକୁ ବ୍ୟାୟାମ କରାଯାଇଥାଏ। ସିବିଟି ଏବଂ ଏକ୍ସପୋଜର ଥେରାପିର ସାହାଯ୍ୟ ନିଆଯାଏ। କେତେକ ମାମଲାରେ ଔଷଧ ଦିଆଯାଏ।



### ଭାରତ-ଦକ୍ଷିଣ ଆଫ୍ରିକା ଶେଷ ଟି-୨୦ ଆଜି

# ବୁମ୍ରା ଫେରିଲେ, ଗିଲ୍‌ଙ୍କୁ ନେଇ ସନ୍ଦେହ

ଅହମ୍ମଦାବାଦ୍,୧୮।୧୨(ଏଜେନ୍ସି): ଆୟୋଜକ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟୁର୍‌ର ଶେଷ ମୁକାବିଲା ବା ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଶେଷ ଲଢ଼େଇ ଆସନ୍ତାକାଲି ଏଠାରେ ଖେଳାଯିବ। ଏହା ପୂର୍ବରୁ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ଟି ପ୍ରବଳ କୁହୁଡ଼ି ଯୋଗୁ ବାତିଲ କରିବାକୁ ପଡ଼ିଥିଲା। ଫଳରେ ଗୋଟିଏ ମ୍ୟାଚ୍ ବାକିଥାଇ ଭାରତ ୨-୧ ଆଗୁଆ ରହିବା ଫଳରେ ଏହି ସିରିଜ୍‌ରେ ଦଳ ଆଉ ହାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଭାରତ ଖେଳିଥିବା ଗତ ୧୪ଟି ସିରିଜ୍‌ରେ ଦଳ ମାତ୍ର ଥରେ ସିରିଜ୍‌କୁ ସମାନସ୍ତରରେ ରଖିବାରେ ସମର୍ଥ ହୋଇଛି। ଏଠାରେ ବିଜୟୀ ହେଲେ ଭାରତର ଟି-୨୦ ବିଶ୍ୱକପ୍ ପ୍ରସ୍ତୁତି ଠିକଣା ବାଟରେ ରହିବ। କେବଳ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିବା



ଚିନ୍ତାର କାରଣ ହୋଇଛି। ଅନ୍ୟ ପକ୍ଷରେ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିବା, ଶେଷ ଦିନିକିଆରେ ଦଳର ଜବରଦସ୍ତ ବିଜୟ ପରେ ଏବେ ସଫଳତା ଓ ସମ୍ମାନର ସହ ଟି-୨୦ ସିରିଜ୍‌କୁ ବରାବର ସ୍ଥିତିରେ ରଖି ସ୍ୱଦେଶ ଫେରିବାକୁ ଦକ୍ଷିଣ ଆଫ୍ରିକା ନିଶ୍ଚିତ ଚେଷ୍ଟା କରିବ।

ଖେଳାଳିମାନଙ୍କ ସମ୍ପର୍କରେ ସୂଚନାଅନୁଯାୟୀ ଯଶପ୍ରୀତ୍ ବୁମ୍ରା ନିଜ ହୋମ୍‌ଟାଉନ୍‌ରେ ଖେଳିବା ଲାଗି ଦଳକୁ ଫେରିଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ଚତୁର୍ଥ ମ୍ୟାଚ୍ ଲାଗି ଅନୁପସ୍ଥିତ ଥିଲେ। ପାଦରେ ଆଘାତ ଲାଗିବା କାରଣରୁ ଉପଅଧିନାୟକ ଶୁବମନ ଗିଲ୍‌ଙ୍କୁ ଚତୁର୍ଥ ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ତାଙ୍କ ଫିଟ୍‌ନେସ ଉପରେ କୌଣସି ଅପ୍‌ଡେଟ କେହି ଦେଇ ନାହାନ୍ତି। ସେ ଯଦି ଅନ୍‌ଫିଟ ରୁହନ୍ତି, ତେବେ ସଞ୍ଜୁ ସାମସନଙ୍କୁ ଖେଳିବା ଲାଗି ଦ୍ୱିତୀୟ ସୁଯୋଗ ମିଳିବାରେ। ଘନ କୁହୁଡ଼ି ଯୋଗୁ ସେ ପ୍ରଥମ ମ୍ୟାଚ୍ ଖେଳିବା ସୁଯୋଗ ହରାଇଥିଲେ। ଭାରତର ସବୁଠାରୁ ବଡ଼ ଚିନ୍ତାହେଲା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଫର୍ମ ଚିନ୍ତା। ଗତ ଅକ୍ଟୋବର ପରେ ସେ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିନାହାନ୍ତି। ଗତ ୨୦ଟି ଇନିଂସରେ ସେ ୨୩୯ ରନ ସଂଗ୍ରହ କରିଛନ୍ତି। ଭାରତ ମ୍ୟାଚ୍ ଜିତୁଥିବାରୁ ତାଙ୍କ ଫର୍ମକୁ ନେଇ ବିଶେଷ ଆଲୋଚନା ହେଉନାହିଁ। ତଥାପି ଫର୍ମହୀନତା ଯୋଗୁ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ଚିନ୍ତାରେ ରହିଛି।

### କୁହୁଡ଼ି ଓ ଟସ୍‌ର ପ୍ରଭାବ ପଡ଼ିବ ନାହିଁ

ଦେଶର ଅନ୍ୟଭାଗ ଭଳି ଏଠାରେ ଘନ କୁହୁଡି ଦେଖିବାକୁ ମିଳିନାହିଁ। ଦିନରେ ସର୍ବାଧିକ ତାପମାତ୍ର ୩୦ ଡିଗ୍ରୀଯାଏ ରହୁଛି। ଏଠାରେ କାକରର ପ୍ରଭାବ ସେପରି ନାହିଁ। ଏଣୁ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ନୁହେଁ। ସୂଚନାଯୋଗ୍ୟ ଏଠାରେ ଖେଳାଯାଇଥିବା ଗତ ୭ଟି ଦିବାରାତ୍ର ମୁକାବିଲାରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୬ଥର ମ୍ୟାଚ୍ ଜିତିଛି। ଏଣୁ ଟସ୍ କିମ୍ବା କାକରର ପ୍ରଭାବ ଏତେ ଅନୁଭୂତ ହେବ ନାହିଁ ବୋଲି ଆଶା କରାଯାଉଛି। ପୂର୍ବରୁ ଖେଳାଯାଇଥିବା ୩ଟି ଯାକ ମୁକାବିଲା ଏକତରଫା ହୋଇଛି। ଶେଷରେ କଡ଼ାମୁକାବିଲା ହେଉ ବୋଲି ସମସ୍ତେ ଆଶା କରୁଛନ୍ତି।

### ବିସିସିଆଇ ନୁହେଁ; ଟିକଟ ଅର୍ଥ ଫେରାଇବ ୟୁପି କ୍ରିକେଟ ସଂଘ

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ଟି ଗୋଟିଏ ବଲ ବୋଲିଂ ହେବା ପୂର୍ବରୁ ବାତିଲ କରାଯାଇଥିଲା। ଘନ କୁହୁଡି ଯୋଗୁ ଏପରି କରିବାକୁ ପଡ଼ିଥିଲା। କିନ୍ତୁ ବିସିସିଆଇ ନିୟମ ଅନୁଯାୟୀ ଏହି ମ୍ୟାଚ୍ ଦେଖିବାକୁ ଟିକଟ କିଣିଥିବା ଦର୍ଶକମାନେ ସମସ୍ତ ଅର୍ଥ ଫେରିପାଇବା କଥା। କିନ୍ତୁ ଏ ସମ୍ପର୍କରେ କେହି କିଛି ଘୋଷଣା କରିନାହାନ୍ତି। କିନ୍ତୁ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କ ମତରେ ଏହି ଅର୍ଥ ଆୟୋଜକ ସଂଘ ଫେରସ୍ତ କରିବ। ଏହାର ଅର୍ଥ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ମ୍ୟାଚର ଆୟୋଜନ ୟୁପି କ୍ରିକେଟ ସଂଘ ଉପରେ ଥିଲା ଓ ଗୋଟିଏ ବଲ ବୋଲିଂ ନ ହୋଇ ମ୍ୟାଚ୍ ବାତିଲ ହୋଇଥିବାରୁ ଏହି ଅର୍ଥ ୟୁପି ସଂଘ ଫେରାଇବ ବୋଲି ସାଇକିଆ ସ୍ପଷ୍ଟ କରିଛି। ୟୁପି ସଂଘ କେବେ ଏହି ଟିକଟ ଅର୍ଥ ଫେରାଇବ ତାହାକୁ ସମର୍ଥକମାନେ ଅପେକ୍ଷା କରି ରହିଛନ୍ତି।

### ଫିଫା ବିଶ୍ୱକପ୍-୨୦୨୬

# ଚାମ୍ପିଅନ ଦଳକୁ ୪୫୧ କୋଟି

ଜୁରିକ, ୧୮ ।୧୨ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆରମ୍ଭ ହେବାକୁ ଆହୁରି ୧୭୪ ଦିନ ବାକି ରହିଛି। କିନ୍ତୁ ୬ ମାସ ପୂର୍ବରୁ ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା 'ଫିଫା' ପକ୍ଷରୁ ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ପୁରସ୍କାର ରାଶି ବଢ଼ିଛି। ଯାହା କ୍ରୀଡ଼ାପ୍ରେମୀଙ୍କୁ ଚକିତ କରିଛି। ଆଗାମୀ ବିଶ୍ୱକପ୍‌ରେ ପୁରସ୍କାର ଆକାରରେ ମୋଟ୍ ୬୫୫ ମିଲିୟନ ଡଲାର ପ୍ରଦାନ କରାଯିବ। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୫,୯୦୮ କୋଟି ଟଙ୍କା ହେବ। ଚାମ୍ପିଅନ ଦଳ ପୁରସ୍କାର ବାବଦକୁ ୫୦ ମିଲିୟନ ଡଲାର (ପାଖାପାଖି ୪୫୧ କୋଟି) ଘରକୁ ନେବ। ଯାହାକି ୨୦୨୨ ଓ ୨୦୧୮ ସଂସ୍କରଣ ତୁଳନାରେ ଢେର ଅଧିକ। ୨୦୨୨ ଓ ୨୦୧୮ ସଂସ୍କରଣରେ ଯଥାକ୍ରମେ ୪୨ ମିଲିୟନ ଓ ୩୮ ମିଲିୟନ ଡଲାର ଚାମ୍ପିଅନ ଦଳକୁ ମିଳିଥିଲା। ସେହିଭଳି ଯଦି ମୋଟ୍ ପୁରସ୍କାର ଉପରେ ନଜର ପକାଯାଏ ତେବେ ୨୦୨୨ରେ ୪୪୦ ମିଲିୟନ ଡଲାର ପୁରସ୍କାର ଆକାଦରରେ ଦିଆଯାଇଥିଲା। ଅପରପକ୍ଷରେ ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ ୪୮ ଟି ମହାସଂଘକୁ ପୂର୍ବ ପ୍ରସ୍ତୁତି ସକାଶେ ୧.୫ ମିଲିୟନ ଦିଆଯିବ।



| ପୁରସ୍କାର ରାଶି (କୋଟିରେ) |
|---|
| ମୋଟ୍ ପୁରସ୍କାର: ୫,୯୦୮ |
| ଚାମ୍ପିଅନ: ୪୫୧ |
| ରନର୍ସଅପ୍: ୨୯୭ |
| ତୃତୀୟ ସ୍ଥାନ: ୨୬୧ |
| ଚତୁର୍ଥ ସ୍ଥାନ: ୨୪୩ |
| କ୍ୱାର୍ଟର ଫାଇନାଲିଷ୍ଟ: ୧୭୧ |
| ପ୍ରି-କ୍ୱାର୍ଟର: ୧୩୫ |
| ରାଉଣ୍ଡ- ୩୨: ୯୯ |
| ଗ୍ରୁପ୍ ପର୍ଯ୍ୟାୟ: ୮୧ |
| ପ୍ରସ୍ତୁତି ଲାଗି: ୧୩ |

### ସୟଦ ମୁସ୍ତାକ ଅଲି ଟି-୨୦

# ଝାଡ଼ଖଣ୍ଡକୁ ପ୍ରଥମ ଟାଇଟଲ୍

ପୁଣେ,୧୮।୧୨(ଏଜେନ୍ସି): ଓପନର ତଥା ଅଧିନାୟକ ଇଶାନ କିସାନଙ୍କ ବିସ୍ଫୋରକ ଶତକ ବଳରେ ଝାଡଖଣ୍ଡ ଚଳିତବର୍ଷର ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ପ୍ରଥମଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କିସାମ ୪୯ ବଲ୍‌ରେ ୬ ଚୌକା ଓ ୧୦ ଛକା ସହ ୪୯ ବଲ୍‌ରେ ୧୦୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଝାଡ଼ଖଣ୍ଡ ୩ ୱିକେଟରେ ୨୬୨ ରନ୍ କରିଥିଲା। ଜବାବରେ ହରିଆଣା ୧୮.୩ ଓଭରରେ ୧୯୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ୱିକେଟ ରକ୍ଷକ ୟଶବର୍ଦ୍ଧନ ଦଲାଲ ୫୩, ସାମନ୍ତ ଝାକଡ଼ ୩୮ ଓ ନିଶାନ୍ତ ସିନ୍ଧୁ ୩୧ ରନ୍‌ର ଯୋଗଦାନ ଦେଇଥିଲେ। ବିଜୟୀ ଝାଡ଼ଖଣ୍ଡ ପକ୍ଷରୁ ବାଲ କିଶୋର ଓ ସୁଶାନ୍ତ ମିଶ୍ର ୩ଟି ଲେଖାଏଁ, ଉତ୍କର୍ଷ ସିଂ ଓ ଅନୁକୂଳ ରୟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଇଶାନ କିସାନଙ୍କୁ ଫାଇନାଲ ମ୍ୟାଚ୍‌ର ଓ ଅନୁକୂଳ ରୟଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

**ଇଶାନଙ୍କ ଶତକ**

## ମନ୍ନତା ମିଶ୍ରଙ୍କୁ ରୌପ୍ୟ

ଭୁବନେଶ୍ୱର,୧୮।୧୨(ସମିସ): ଚେନ୍ନଇର ଆଜି ଆରମ୍ଭ ହୋଇଥିବା ଆନ୍ତଃବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ାରେ କିଟ୍‌ର



ମନ୍ନତା ମିଶ୍ର ରୌପ୍ୟ ପଦକ ପାଇଛନ୍ତି। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌କୁ ସେ ୨ମିନିଟ୍ ୪୪.୦୫ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ କେହି ପ୍ରଥମ ଦିନରେ ପଦକ ଜିତିବାରେ ସମର୍ଥ ହୋଇ ନାହାନ୍ତି।

## ସନ୍ତୋଷ ଟ୍ରଫି ଓଡ଼ିଶା ଦଳ ଘୋଷିତ

କଟକ,୧୮।୧୨(ସମିସ): ୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଆରମ୍ଭ ହେବାକୁ ଯାଉଛି। ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଛତିଶଗଡ ନାରାୟଣପୁରରେ ଗ୍ରୁପ-ଏଫ'ର ସମସ୍ତ ମ୍ୟାଚ୍ ଖେଳାଯିବ। ଏହି ଗ୍ରୁପରେ ସାମିଲ ହୋଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ମଧ୍ୟପ୍ରଦେଶକୁ ଭେଟିବ। ଏହି ପରିପ୍ରେକ୍ଷୀରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ୨୦ଜଣିଆ ରାଜ୍ୟ ଦଳ ଆଜି ଘୋଷଣା କରାଯାଇଛି। ସୌମ୍ୟରଞ୍ଜନ ଦାସ, ସିଦ୍ଧାନ୍ତ ପ୍ରଧାନ, ରାକେଶ ଓରାମ, ଅଶୋକ ବାଗ, ବିଶାଳ ଟିଗା, ଅବିନାଶ ମୁଦୁଲି, ପିଣ୍ଟୁ ସାମଲ, ହରିଶଙ୍କର ନାୟକ, ଅର୍ପଣ ଲାକ୍ରା, ରଞ୍ଜନ ସୋରେନ, ଚନ୍ଦ୍ରମୋହନ ମୁର୍ମୁ, ଗୌରବ ନେଗୀ, ମହେଶ ହାଁସଦା, ଗଣେଶ ସେଠୀ, ସୁରେଶ ଖାଡିଆ, ଅରବିନ ଲାକ୍ରା, ଜିତୁ ମୁଦୁଲି, କାର୍ତ୍ତିକ ହାନ୍ତାଳ, ଶ୍ରୀକାନ୍ତ ଗଡବ, ରାଇସେନ ଟୁଡୁ ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍-ଅକ୍ଷୟ ଦାସ, ସହକାରୀ କୋଚ-ଚିତ୍ତରଞ୍ଜନ ବେହେରା, ମ୍ୟାନେଜର-ଗଙ୍ଗାଧର ବେହେରା, ଫିଜିଓ-ସରୋଜ କୁମାର ଦାସ।

## ବିବାଦରେ ପାକିସ୍ତାନ କବାଡ଼ି ଖେଳାଳି ରାଜପୁତ

### ଭାରତର ଏକ ଟିମ୍ ପକ୍ଷରୁ ଖେଳି ଫଶିଲେ

ନୂଆଦିଲ୍ଲୀ, ୧୮ ।୧୨ (ଏଜେନ୍ସି): ପାକିସ୍ତାନ ତାରକା କବାଡ଼ି ଖେଳାଳି ଉବେଦୁଲ୍ଲା ରାଜପୁତ ବିବାଦ ଘେରରେ ଫଶିଯାଇଛନ୍ତି। ବାହାରିନରେ ଗତ ୧୬ ତାରିଖରେ ଅନୁଷ୍ଠିତ ଘରୋଇ କବାଡ଼ି ଟୁର୍ଣ୍ଣାମେଣ୍ଟ ଜିସିସି କପ୍‌ରେ ଉବେଦୁଲ୍ଲା ଭାରତର ଏକ ଦଳ ପକ୍ଷରୁ ପ୍ରତିନିଧିତ୍ୱ



କରିଥିଲେ। ଭାରତୀୟ ଜର୍ସି ପରିଧାନ କରି ଭାରତୀୟ ପତାକା ତଳେ ଖେଳୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଉବେଦୁଲ୍ଲାଙ୍କ ବିରୋଧରେ ପାକିସ୍ତାନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନ କବାଡ଼ି ମହାସଂଘ (ପିକେଏଫ୍)ର ସମ୍ପାଦକ ରାଣା ସରୱାର କହିଛନ୍ତି, 'ଏହି ଘଟଣାକୁ ଗୁରୁତର ସହ ନିଆଯାଇ ଆସନ୍ତା ୨୭ ତାରିଖରେ ଏକ ଜରୁରୀକାଳୀନ ବୈଠକ ଡକାଯାଇଛି। ଯେଉଁଥିରେ ରାଜପୁତ ଓ ଅନ୍ୟକିଛି ଖେଳାଳିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଆଲୋଚନା ହେବ'। ସମ୍ପାଦକ ରାଣା ଆହୁରି ମଧ୍ୟ ଦାବି କରିଛନ୍ତି ଯେ ଏହା ଏକ ପ୍ରାଇଭେଟ ଟୁର୍ଣ୍ଣାମେଣ୍ଟ ଥିଲା। ଯେଉଁଥିରେ ବିଭିନ୍ନ ଦେଶର ଖେଳାଳିଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା। ଆୟୋଜକଙ୍କ ଦ୍ୱାରା ଏହି ଟିମଗୁଡ଼ିକୁ ଭାରତ, ପାକିସ୍ତାନ, କାନାଡା, ଇରାନ ଆଦି ନାମିତ କରାଯାଇଥିଲା। ନାମକରଣ ଅନୁସାରେ ସମସ୍ତ ଦେଶରେ ମୂଳ ଖେଳାଳି ଥିଲେ। କିନ୍ତୁ ଆବେଦୁଲ୍ଲା ଭାରତୀୟ ଜର୍ସି ପରିଧାନ କରି ଭାରତ ପକ୍ଷରୁ ଖେଳିଥିଲେ। ଯାହାକି ଗ୍ରହଣୀୟ ନୁହେଁ।

### ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

## ସେମିରେ ତମାଣ୍ଡୋ

ଭାପୁର,୧୮।୧୨(ସମିସ): ରାଜଧାନୀ ଉପକଣ୍ଠସ୍ଥ ତମାଣ୍ଡୋ କ୍ରିକେଟ କ୍ଲବ୍ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଯୁବସଂଘ ଆନୁକୂଲ୍ୟରେ ନାଲିସାଗର ଖେଳ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ତମାଣ୍ଡୋ ୫ ୱିକେଟରେ ଭାଇଜାଗ୍‌ର ନଭସିପ ଚାମ୍ପିଅନ୍ସକୁ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଗତକାଲି ଅନୁଷ୍ଠିତ ପ୍ରଥମ କ୍ୱାର୍ଟରରେ ବିଜୟ ହାସଲ କରି କଳାହାଣ୍ଡି କ୍ରିକେଟ ଆସୋସିଏସନ ସେମିରେ ପ୍ରବେଶ କରିଥିଲା। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିରେ ତମାଣ୍ଡୋ ସହ କଳାହାଣ୍ଡିର ମୁକାବିଲା ହେବ।

ଆଜିର କ୍ୱାର୍ଟର ଫାଇନାଲ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଭାଇଜାଗ୍ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୧୫୦ ରନ୍ କରିଥିଲା। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୫.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୫୨ ରନ୍




ସଂଗ୍ରହ କରିନେଇଥିଲା। ଭାଇଜାଗ୍‌ର ପ୍ରଥମ ୩ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ତମାଣ୍ଡୋର ନମନ ଧ୍ରୁବ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଜିର ଅତିଥିଭାବେ ମନୋଜ କୁମାର ପ୍ରଧାନ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ।

## ରେକର୍ଡ ତ୍ରି-ଶତକୀୟ ଭାଗୀଦାରି

**କନୱେ- ୧୭୮, ଲାଥମ- ୧୩୭**

ମାଉଣ୍ଟ ମାଉଙ୍ଗନୁଇ, ୧୮ ।୧୨ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୁରୁବାର ଆରମ୍ଭ ହୋଇଥିବ ଅନ୍ତିମ ତଥା ୩ୟ ଟେଷ୍ଟରେ ନ୍ୟୁଜିଲାଣ୍ଡ ମଜଭୁତ ସ୍ଥିତିରେ ରହିଛି। ଦୁଇ ଓପନର୍ ଟମ୍ ଲାଥମ ଓ ଡେଭନ କନୱେଙ୍କ ଦମ୍‌ଦାର ଶତକୀୟ ପାଳି ବଳରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଷ୍ଟମ୍ପ ସୁଦ୍ଧା ୯୦ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୩୪ ରନର ସମ୍ମାନଜନକ ସ୍କୋର କରିଛି। ଷ୍ଟମ୍ପବେଳକୁ କନୱେ ୨୫ ଚୌକା ସହ ୨୭୯ ବଲରୁ ୧୭୮ ରନ ଓ ଜାକବ ଡଫି ୯ ରନ କରି ଅପରାଜିତ ରହିଛନ୍ତି। ଏକମାତ୍ର ବ୍ୟାଟର୍ ଭାବେ ଅଧିନାୟକ ଲାଥମ ୨୪୬ ବଲରେ ୧୩୭ ରନ କରି କେମାର ରୋଚ୍‌ଙ୍କ ବଲରେ ଆଉଟ୍ ହୋଇଛନ୍ତି। ଆଉଟ୍ ହେବା ପୂର୍ବରୁ କନୱେଙ୍କ ସହ ଲାଥମ ଓପନିଂ ୱିକେଟ୍‌ରେ ୫୨୦ ବଲରୁ ୩୨୩ ରନର ଭାଗୀଦାରି ଗଢ଼ିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ଓପନିଂ ୱିକେଟ୍ ଯୋଡ଼ିରେ ନ୍ୟୁଜିଲାଣ୍ଡର ଏହା ଦ୍ୱିତୀୟ ସର୍ବାଧିକ ପାର୍ଟନରସିପ୍। ଏଥିପୂର୍ବରୁ ୧୯୭୨ରେ ସମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗ୍ଲେନ ଟର୍ଣ୍ଣର ଓ ଟେରୀ ଜାର୍ଭିସ ୩୮୭ ରନର ରେକର୍ଡ ଭାଗୀଦାରି ଗଢ଼ିଥିଲେ।



## ଇକ୍ୟୁଡର ଫୁଟ୍‌ବଲ ଖେଳାଳି ପିନୈଦାଙ୍କୁ ଗୁଳି କରି ହତ୍ୟା

କ୍ୱିଟୋ, ୧୮ ।୧୨ (ଏଜେନ୍ସି): ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଇକ୍ୱେଡର ଫୁଟ୍‌ବଲ ଦଳର ଡିଫେଣ୍ଡର ମାରିଓ ପିନୈଦାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଗତକାଲି ଗୁୟାକ୍ୱେଲ ସହରରେ ଏକ ଦୋକାନ ସାମ୍ନାରେ ଦୁଇଜଣ ଦୁର୍ବୃତ୍ତ ମୋଟର ସାଇକେଲରେ ଆସି ମାରିଓ, ତାଙ୍କ ମା ଓ ଅନ୍ୟଜଣେ ମହିଳାଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ। ଯେଉଁଥିରେ ୩୩ ବର୍ଷୀୟ ପିନୈଦାଙ୍କ ମୃତ୍ୟୁ ଘଟିଥିବା ନେଇ ଇକ୍ୱେଡର ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏକ ସ୍ୱତନ୍ତ୍ର ପୁଲିସ ୟୁନିଟ୍ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି। ମାରିଓ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଇକ୍ୱେଡର ଜାତୀୟ ଦଳ ପକ୍ଷରୁ ୯ ଟି ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିଲେ।

## କୁଚ୍ ବିହାର ଟ୍ରଫି: ଓଡ଼ିଶା ଅଗ୍ରଣୀ

କଟକ,୧୮।୧୨(ସମିସ): କ୍ରମାଗତ ୪ଟି ମ୍ୟାଚ୍‌ରେ ପରାଜୟ ବରଣ କରି କୁଚ୍ ବିହାର ଟ୍ରଫିରେ ଅଭିଯାନ ଶେଷ କରିଥିବା ଓଡ଼ିଶା ଦଳ ହିମାଚଳପ୍ରଦେଶ ବିପକ୍ଷରେ ପାଳି ଅଗ୍ରଣୀ ହାସଲ କରିଛି। ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍ ଡ୍ର ଅଭିମୁଖେ ଗତି କରୁଛି। ହିମାଚଳପ୍ରଦେଶର ପ୍ରଥମ ପାଳି ୧୮୧ରନ ଜବାବରେ ଓଡ଼ିଶା ୩୫୮ରନ ସଂଗ୍ରହ କରିଥିଲା। ଅଧିନାୟକ ସମ୍ବିତ ବେଜା ୧୦୦ ରନ୍‌ର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ଆଦିତ୍ୟ ଆନନ୍ଦ ୭୩ ରନ ସଂଗ୍ରହ କରିଥିଲେ। ତେବେ ୧୭୭ ରନରେ ପଛୁଆ ରହିବା ପରେ ଭ୍ରମଣକାରୀ ହିମାଚଳପ୍ରଦେଶ ଦ୍ୱିତୀୟ ଇନିଂସରେ ଗୁରୁବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ୱିକେଟ ବିନିମୟରେ ୨୧୨ରନ କରିଛି। ହିମାଚଳପ୍ରଦେଶ ୩୫ ରନର ଅଗ୍ରଣୀ ହାସଲ କରିଛି।

### ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ

# ସହରାଞ୍ଚଳ ସେମିରେ ଫୁଲବାଣୀ-ଢେଙ୍କାନାଳ

ନନ୍ଦନକାନନ/ବାରଙ୍ଗ,୧୮।୧୨(ସମିସ): ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର କୁଆଖାଇ ନଦୀପଠା ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ୫ମ ଦିବସରେ ସହରାଞ୍ଚଳ ବିଭାଗରେ ଢେଙ୍କାନାଳର ମା ମଙ୍ଗଳା କ୍ଲବ ୩-୧ ଗୋଲରେ ୟୁନାଇଟେଡ଼ ସି-୧କ୍ଲବ ବିହାରକୁ ହରାଇ ସେମିଫାଇନାଲରେ ସ୍ଥାନ ପକା କରିଛି। ଏହି ଖେଳରେ ଗ୍ରାମାଞ୍ଚଳ 'ଏ'ଡିଭିଜନର ପ୍ରଥମ ମ୍ୟାଚରେ ମା ମଙ୍ଗଳା କ୍ଲବ ଗୋଠପୁର ୪-୩ ଟାଇ ବ୍ରେକର ଗୋଲ ଜରିଆରେ ବଜରଙ୍ଗ କ୍ଲବ ଘାଟିକିଆକୁ ହରାଇ ସେମିଫାଇନାଲକୁ ଯାଇଛି। ଦ୍ୱିତୀୟ ମ୍ୟାଚରେ ସ୍ୱର୍ଣ୍ଣଦେବୀ କ୍ଲବ ବଉଳକୁଦ ୨-୦ ଗୋଲରେ ମଦନ ମୋହନକ୍ଲବ ଉଷୁମାକୁ ହରାଇ ସେମିଫାଇନାଲ କୁ ପ୍ରବେଶ କରିଛି। ଗ୍ରାମାଞ୍ଚଳ-ବି'ବିଭାଗରେ ବାରଙ୍ଗ ବେୟାର ୫-୪ ଟାଇ ବ୍ରେକର ଜରିଆରେ ଆଲାମ ଗିରି କ୍ଲବ ସାଇଁଷୋକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଥିବା ବେଳେ, ଦ୍ୱିତୀୟ କୃଷକ ବନ୍ଧୁ କ୍ଲବ ତଣ୍ଡିକଣା ୫-୪ଟାଇ ବ୍ରେକର



ଗୋଲରେ ଉତ୍ତମାପୁରକୁ ହରାଇ ସେମିରେ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଭାସ୍କର ଚନ୍ଦ୍ର ରାଉତ,ଜିତେନ୍ଦ୍ର ସେନାପତି,ମନୋଜ ଦାସ,କାଶୀନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ ଗୁଡିକୁ ରେଫରୀ ସୁଦୀପ୍ ଦାସ,ଟୁଟୁ ବାହିନୀପତି,ବ୍ରହ୍ମାନନ୍ଦ ଭୋଇ,ସଂଜୀବ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ରାଜୁ ମହାନ୍ତି ପରିଚାଳନା କରିଥିବାବେଳେ ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ। ଶୁକ୍ରବାର ସହରାଞ୍ଚଳ ବିଭାଗରେ ସୁରଜ ଏଫସି ଫୁଲବାଣୀ ଓ ମା ମଙ୍ଗଳା କ୍ଲବ ଢେଙ୍କାନାଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ହେବ। ଗ୍ରାମାଞ୍ଚଳ ଏ ବିଭାଗରେ ମୁଣ୍ଡୁମାଣ -ବାରାହୀପୁର, ପ୍ରତାପନଗରୀ-ମଇନ୍ଦପୁର ଏବଂ ଗ୍ରାମାଞ୍ଚଳ-ବି ବିଭାଗରେ ଟାଙ୍ଗିବନ୍ତ -ଆମଣ, ବୋଧପୁର -ସିଆରଆରଆଇ କଟକ ମଧ୍ୟରେ କ୍ୱାଟର ପର୍ଯ୍ୟାୟ ମ୍ୟାଚ ଅନୁଷ୍ଠିତ ହେବା ନେଇ ଆୟୋଜକ ୟୁନାଇଟେଡ଼ ୟୁଥ ସ୍ପୋର୍ଟ୍‌ସ୍ କ୍ଲବ ଗଣ୍ଡରପୁର ପକ୍ଷରୁ ହିରୋ ରାଉତ ଜଣାଇଛନ୍ତି।

# ଆଡିଲେଡ୍ ଟେଷ୍ଟ: ବ୍ୟାକ୍‌ଫୁଟ୍‌ରେ ଇଂଲଣ୍ଡ

ଆଡିଲେଡ୍, ୧୮ ।୧୨ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଆଡିଲେଡ୍ ଓଭାଲରେ ଚାଲିଥିବା ଆସେସ୍ ସିରିଜର ୩ୟ ଟେଷ୍ଟରେ ଇଂଲଣ୍ଡ ବ୍ୟାକ୍‌ଫୁଟ୍‌ରେ ରହିଛି। ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୩୭୧ ରନ ଜବାବରେ ଇଂଲଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୮ ୱିକେଟ୍‌ରେ ୨୧୩ ରନ ସଂଗ୍ରହ କରିଛି। ଅଧିନାୟକ ବେନ୍ ଷ୍ଟୋକ୍ସ ୪୫ ଓ ଜୋଫ୍ରା ଆର୍ଚର ୩୦ ରନରେ ଅପରାଜିତ ରହି ଦଳକୁ ପାଳି ପଛୁଆରୁ ବଞ୍ଚାଇବା ଲାଗି ସଂଘର୍ଷ ଜାରି ରଖିଛନ୍ତି। ଦୁଇଟି ୱିକେଟ୍ ବଳକା ଥାଇ ଇଂଲଣ୍ଡ ପାଳି ପଛୁଆକୁ ଏଡ଼ାଇବା ଲାଗି ଆହୁରି ୧୫୮ ରନ ଆବଶ୍ୟକ କରୁଛି। ଆଉଟ୍ ହୋଇଥିବା ବ୍ୟାଟର୍‌ଙ୍କ ମଧ୍ୟରେ ହ୍ୟାରୀ ବ୍ରୁକ ୪୫, ବେନ ଡକେଟ ୨୯, ଜୋ ରୁଟ ୧୯ ରନ କରିଥିଲେ। ବୋଲିଂରେ ଘରୋଇ ଦଳ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ ୩ ଏବଂ ନାଥନ ଲିଅନ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ଜୋଫ୍ରା ଆର୍ଚର ୫



ୱିକେଟ୍ ନେଇ ଅଷ୍ଟ୍ରେଲିଆକୁ ୩୭୧ ରନରେ ଅଟକାଇଦେଇଥିଲେ। ଆଲେକ୍ସ କାରୀ ୧୦୬ ଓ ମିଚେଲ ଷ୍ଟାର୍କ ୫୪ ରନ କରିଥିଲେ।

### ପିଲାଦିନର ହିରୋ ମ୍ୟାକଗ୍ରାଙ୍କୁ ଟପିଲେ ଲିଅନ

ଅଷ୍ଟ୍ରେଲୀୟ ଭେଟେରାନ ସ୍ପିନର ନାଥନ ଲିଅନଙ୍କ ଟେଷ୍ଟ ୱିକେଟ୍ ସଂଖ୍ୟା ୫୬୪ରେ ପହଞ୍ଚିଛି। ଟେଷ୍ଟରେ ସର୍ବାଧିକ ୱିକେଟ୍ ନେବାରେ ସେ ପିଲାଦିନର ହିରୋ ଗ୍ଲେନ ମ୍ୟାକଗ୍ରା (୧୨୪ ଟେଷ୍ଟରୁ ୫୬୩ ୱିକେଟ)ଙ୍କୁ ପଛରେ ପକାଇ ଦେଇଛନ୍ତି। ୩୮ ବର୍ଷୀୟ ଲିଅନ ୧୪୧ତମ ଟେଷ୍ଟରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ସର୍ବାଧିକ ଟେଷ୍ଟ ୱିକେଟ୍ ନେଇଥିବା ଅଷ୍ଟ୍ରେଲୀୟ ବୋଲର ତାଲିକାରେ ଶେନ ୱର୍ଣ୍ଣ (୭୦୮)ଙ୍କ ପଛକୁ ଏବେ ଲିଅନ ରହିଛନ୍ତି। ସେହିଭଳି ବ୍ରେଟ୍ ଲି (୩୧୦ ୱିକେଟ)ଙ୍କୁ ପଛରେ ପକାଇ କମିନ୍ସ (୩୧୨) ତାଲିକାର ୭ମ ସ୍ଥାନକୁ ଉଠିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS